R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୧୦୭
ତିଥି : ସପ୍ତମୀ
୨୧ ଜାନୁଆରୀ ୨୦୨୫, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ
SAMAYA
ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 107
21 Jan 2025, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

### ଆର୍‌ଜି କର ମେଡିକାଲ କଲେଜ ଦୁଷ୍କର୍ମ ହତ୍ୟା ମାମଲା

# ଅଭିଯୁକ୍ତ ସଞ୍ଜୟ ରାୟଙ୍କୁ ଆଜୀବନ



କୋଲକାତା, ୨୦।୧ : ପଶ୍ଚିମବଙ୍ଗ ଆର୍‌ଜି କର ମେଡିକାଲ କଲେଜର ଦୁଷ୍କର୍ମ ଓ ହତ୍ୟା ମାମଲାର ଅଭିଯୁକ୍ତ ସଞ୍ଜୟ ରାୟଙ୍କୁ ଆଜୀବନ କାରାଦଣ୍ଡାଦେଶ ସିବିଆଇର ସ୍ୱତନ୍ତ୍ର କୋର୍ଟ ଶୁଣାଇଛନ୍ତି । ସେ ମୃତ୍ୟୁ ପର୍ଯ୍ୟନ୍ତ ଜେଲ୍‌ରେ ରହିବେ । ଏହି କଲେଜର ଏକ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ବଳାତ୍କାର କରିବା ଘଟଣାରେ ସିଆଲ୍‌ଦା କୋର୍ଟର ଜଜ୍ ଅନର୍ବାଣ ଦାସ ଏହି ରାୟ ଦେଇଛନ୍ତି । ତେବେ ସିବିଆଇର ଓକିଲ ମୃତ୍ୟୁ ଦଣ୍ଡ ପାଇଁ ଦାବି କରିଥିଲେ । ତେବେ କୋର୍ଟ ଏହା ବଦଳରେ ଆଜୀବନ ଦେବା ସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି । ଏହାଛଡା ପୀଡିତାଙ୍କ ପରିବାରବର୍ଗଙ୍କୁ ୧୭ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ରାୟ ଶୁଣାଇବା ବେଳେ ବିଚାରପତି କହିଛନ୍ତି ଯେ ସେ ଅନୁଭବ କରୁଛନ୍ତି ଯେ ଏହା ଏକ ବିରଳରୁ ବିରଳତମ ମାମଲା ନୁହେଁ । ସେଥିପାଇଁ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କୁ ଆଜୀବନ ଦଣ୍ଡାଦେଶ ଦିଆଯାଇଛି । ପୀଡିତାଙ୍କ ପରିବାରକୁ କ୍ଷତିପୂରଣ

**ପୀଡିତାଙ୍କ ପରିବାରକୁ ୧୭ ଲକ୍ଷ ପ୍ରଦାନ ଲାଗି ରାୟ**

**ମୃତ୍ୟୁ ପର୍ଯ୍ୟନ୍ତ ଜେଲ୍‌ରେ ରହିବେ**

ଦେବାପାଇଁ ମଧ୍ୟ କୁହାଯାଇଛି । ତେବେ ଶୁଣାଣି ସମୟରେ ଦୋଷୀ ସଞ୍ଜୟ ରାୟ କହିଥିଲେ ଯେ ସେ ନିର୍ଦ୍ଦୋଷ । ତାଙ୍କୁ କୌଣସି କାରଣ ନଥାଇ ଫସାଇ (୯ ପୃଷ୍ଠାରେ)

# ଆମେରିକାରେ ଆଜିଠୁ ଟ୍ରମ୍ପ ଶାସନ



ନୂଆଦିଲ୍ଲୀ, ୨୦।୧ : ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଡ୍ରୋନାଲ୍ଡ ଟ୍ରମ୍ପ ଆଜି ଶପଥ ଗ୍ରହଣ କରିଛନ୍ତି । ଭାରତୀୟ ସମୟ ରାତ୍ରୀ ୧୦.୩୦ରେ ସେ ଶପଥ ନେଇଛନ୍ତି । ଦ୍ୱିତୀୟ ଥର ଲାଗି ସେ ଆମେରିକା ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଛନ୍ତି । ଆମେରିକାର କ୍ୟାପିଟଲ ରତୁଣ୍ଡାରେ ଏହି ଶପଥ ଗ୍ରହଣ କରାଯାଇଛି । ଅସ୍ଥାୟୀ ପ୍ଲାଟ୍‌ଫର୍ମରେ କ୍ୟାପିଟଲ୍ସର ସେନ୍‌ସିକ୍ ଓ୍ୱେଷ୍ଟଲନ୍‌ରେ ଏହି ଉତ୍ସବ ଅନୁଷ୍ଠିତ ହୋଇଛି । ପ୍ରବଳ ଥଣ୍ଡା ଯୋଗୁ ଖୋଲା ପଡିଆରେ ନହୋଇ ଇନ୍‌ଡୋର ହଲ୍ ଭିତରେ ଏହି ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଛି । ତେବେ ଉପରାଷ୍ଟ୍ରପତି ଜେଡି ଭାନ୍ସ ମଧ୍ୟ ଶପଥ ନେଇଛନ୍ତି । ହ୍ୱାଇଟ୍ ହାଉସ୍‌ରେ ପହଞ୍ଚିବା ପରେ ପୂର୍ବରୁ ଜୋ ବାଇଡେନ୍ ଓ ତାଙ୍କ ପତ୍ନୀ ଜିଲି ବାଇଡେନ୍ ଟ୍ରମ୍ପ ଓ ତାଙ୍କ ପତ୍ନୀ ମେଲାନିଆଙ୍କୁ ଶୁଭେଚ୍ଛା ଜଣାଇଥିଲେ । ସେହିଭଳି ଉପରାଷ୍ଟ୍ରପତି କମଳା ହାରିସ୍ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ । ଥଣ୍ଡା ସତ୍ତ୍ୱେ ବି ପ୍ରାୟ ୨ ଲକ୍ଷ ସମର୍ଥକ ୟୁଏସ୍ କ୍ୟାପିଟଲ୍‌ରେ ଉପସ୍ଥିତ ରହିଛନ୍ତି । ଆଗାମୀ ୪ ବର୍ଷ ପାଇଁ ଏହି ବାର୍ତ୍ତାରେ ତାଙ୍କର ଯୋଜନା ସମ୍ପର୍କରେ ଉଲ୍ଲେଖ କରାଯିବ । ଶପଥ ଗ୍ରହଣ ଉତ୍ସବ ପାଇଁ ରବିବାର ଠାରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରାଯାଇଛି । ପ୍ରାୟ ୨୦୦ ଅଧିକାରୀ କାର୍ଯ୍ୟରେ ନିୟୋଜିତ ଅଛନ୍ତି ।

ଶପଥ ଗ୍ରହଣ ପରେ ରାଷ୍ଟ୍ରପତିଙ୍କ ପ୍ରକୋଷ୍ଠକୁ ଯାଇ ଟ୍ରାଞ୍ଜିସ୍‌ନାଲ୍ ତଥ୍ୟରେ ସ୍ୱାକ୍ଷର (୯ ପୃଷ୍ଠାରେ)

## ଦୁଇ ମହିଳା ମାଓବାଦୀ ମୃତ

ନୂଆପଡ଼ା, ୨୦।୧ (ସବ୍ୟୁ) : ନୂଆପଡ଼ା ଜିଲ୍ଲା ଓ ଛତିଶଗଡ଼ର ଗରିଆବନ୍ଧ ଜିଲ୍ଲାର ସୀମାନ୍ତ ଅଞ୍ଚଳରେ ଓଡିଶା ଓ ଛତିଶଗଡ଼ ପୋଲିସ ଏବଂ ସିଆପିଏଫ ଯବାନଙ୍କ ଏକ ସମ୍ମିଳିତ ଆନ୍ତଃରାଜ୍ୟ ଅଭିଯାନ ସୋମବାର ଭୋରରୁ ଆରମ୍ଭ ହୋଇଥିଲା। ଏହି ଅଭିଯାନରେ ୨ମହିଳା ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ବେଳେ ଘଟଣାସ୍ଥଳରୁ ଅସ୍ତ୍ରଶସ୍ତ୍ର, ମାଓ ସାମଗ୍ରୀ ମଧ୍ୟ ଜବତ କରାଯାଇଛି। ଏହା ସହ ସମ୍ପୃକ୍ତ ଅଞ୍ଚଳରେ ପୋଲିସ ପକ୍ଷରୁ ବ୍ୟାପକ ତଲାସି ଅଭିଯାନ ଜାରି ରହିଛି।

ଉଲ୍ଲେଖଯୋଗ୍ୟ ଯେ, ଗତ ୧୯ ତାରିଖ ରାତିରୁ ଓଡିଶାର ନୂଆପଡ଼ା ଜିଲ୍ଲା ସୀମାଠାରୁ ମାତ୍ର ୫ କିଲୋମିଟର ଦୂର ଛତିଶଗଡ଼ର କୁଲାରୀଘାଟ ସଂରକ୍ଷିତ ଜଙ୍ଗଲରେ ବହୁ ସଂଖ୍ୟାରେ ମାଓବାଦୀ ଲୁଚି ରହିଥିବା ସଂକ୍ରାନ୍ତରେ ଗୁଇନ୍ଦା ସୂଚନା ମିଳିଥିଲା। ସେହି ସୂଚନା ଅନୁଯାୟୀ, (୯ ପୃଷ୍ଠାରେ)

## ମନ୍ତ୍ରୀ ପରିଷଦ ବୈଠକ : ଜନାଭିମୁଖୀ କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୦।୧ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ସନ୍ଧ୍ୟାରେ ଖାରବେଳ ଭବନ ଠାରେ ମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହୋଇ ଯାଇଛି ।

ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ସମସ୍ତ ବିଭାଗର ମନ୍ତ୍ରୀ ମାନଙ୍କ (୯ ପୃଷ୍ଠାରେ)



## ୬ ବର୍ଷ ହେଲେ ପ୍ରଥମ ଶ୍ରେଣୀରେ ନାମଲେଖା

ଭୁବନେଶ୍ୱର, ୨୦।୧ (ସବ୍ୟୁ): ପିଲାଙ୍କୁ ୬ବର୍ଷ ବୟସ ହୋଇନଥିଲେ ଏଣିକି ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଅନୁମତି ମିଳିବ ନାହିଁ । ଆସନ୍ତା ଶିକ୍ଷାବର୍ଷ ୨୦୨୫-୨୬ରୁ ରାଜ୍ୟରେ ଏହି ନୂଆ ନିୟମ ଲାଗୁ ହେବ । ଏହାସହ ସବୁ ପ୍ରାଥମିକ ସ୍କୁଲରେ 'ଶିଶୁ ବାଟିକା' ଖୋଲିବ । ଯେଉଁଠି ୫-୬ ବର୍ଷ ବୟସର ପିଲାମାନଙ୍କୁ 'ପ୍ରି ସ୍କୁଲ ଶିକ୍ଷା'ରେ ନାମ ଲେଖାଇବାର ସୁଯୋଗ ମିଳିବ । ରାଜ୍ୟ ସରକାର ଏଭଳି କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ କାର୍ଯ୍ୟକାରୀ ପାଇଁ ପଦକ୍ଷେପ ନେଇଛନ୍ତି ।

ସୋମବାର ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ରାଜ୍ୟରେ ଜାତୀୟ ଶିକ୍ଷା ନୀତିର କାର୍ଯ୍ୟକାରିତାକୁ ସୁଗମ କରିବା ପାଇଁ ଓଡ଼ିଶାରେ ଏକ ତିନି ଦିନିଆ ଜାତୀୟ କର୍ମଶାଳା ଚଳିତମାସ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଆୟୋଜନ କରାଯାଉଛି । ମୁଖ୍ୟମନ୍ତ୍ରୀ (୯ ପୃଷ୍ଠାରେ)





# ୱାର୍କଆଉଟ୍ ପରର ଯନ୍ତ୍ରଣା

ଆଜିକାଲି ଫିଟ୍ ରହିବା ପାଇଁ ସମସ୍ତେ ୱାର୍କଆଉଟ୍ କରୁଛନ୍ତି । ୱାର୍କଆଉଟ୍ କରିବାଦ୍ୱାରା ଆପଣଙ୍କର ହାଡ ସହ ମାଂସପେଶୀ ଶକ୍ତ ଓ ଟାଇଟ୍ ହୋଇଥାଏ। ହେଲେ ବେଳେବେଳେ ୱାର୍କଆଉଟ୍ ପରେ ଆମ ମାଂସପେଶୀରେ ଯନ୍ତ୍ରଣା ଅନୁଭବ ହୋଇଥାଏ । ପ୍ରଥମେ ପ୍ରଥମେ ଏକ୍ସରସାଇଜ୍ କରିବା ଦ୍ୱାରା ଏଭଳି ଅସୁବିଧା ଦେଖାଯିବାର ଆଶଙ୍କା ବେଶି ଥାଏ । ତେବେ କିଛିଟା ଛୋଟଛୋଟ ଟ୍ରିକ ରହିଛି, ଯାହାକୁ ଫଲୋ କରିବା ଦ୍ୱାରା ଆମେ ଏହି ଯନ୍ତ୍ରଣାରୁ ବଞ୍ଚିପାରିବା ।

- ଏହାର ପ୍ରାଥମିକ ଉପଚାର ହେଉଛି ବିଶ୍ରାମ ନେବା । ଯଦି ଏହି ଯନ୍ତ୍ରଣାକୁ କମାଇବାକୁ ଚାହୁଁଛନ୍ତି ତେବେ ୱାର୍କଆଉଟ୍ ପରେ ନିଜର ମାଂଶପେଶୀକୁ ବିଶ୍ରାମ ଦିଅନ୍ତୁ । ବିଶ୍ରାମ ଦେବା ଦ୍ୱାରା ମାଂଶପେଶୀ ଯନ୍ତ୍ରଣା କିଛି ମାତ୍ରାରେ କମ ହୋଇଥାଏ ।
- ୱାର୍କଆଉଟ ପରେ ଧୀରେଧୀରେ ହାତ ହେଉ କିମ୍ୱା ଗୋଡକୁ ଷ୍ଟ୍ରେଚ୍ କରନ୍ତୁ । ଏପରି କରିବା ଦ୍ୱାରା ମସଲମାନଙ୍କର ଫ୍ଲେକ୍ସିବିଲିଟି ବଢିଥାଏ । ଏହାସହିତ ମାଂସପେଶୀରେ ରକ୍ତ ସଞ୍ଚାଳନ ମଧ୍ୟ ବଢିଥାଏ । ଏହାଦ୍ୱାରା ଯନ୍ତ୍ରଣାରୁ ଉପଶମ ମିଳିଥାଏ ।
- ଫୁଲିଥିବା କିମ୍ୱା ଦରଜ ଲାଗୁଥିବା ସ୍ଥାନରେ ବରଫ ଓ ଗରମ ପାଣିର ସେକ ଦେଇପାରିବେ । ବରଫ ଫୁଲା କମାଉଥିବାବେଳେ ଗରମ ସେକ ବ୍ଲଡ ଫ୍ଲୋ ବଢାଇଥାଏ ।
- ଏହି ସମୟରେ ମସାଜ୍‌ର ସାହାଯ୍ୟ ନେଇପାରିବେ । ଏକ ଭଲ ମସାଜ୍ ମଧ୍ୟ ୱାର୍କଆଉଟ୍ ପରର ଯନ୍ତ୍ରଣାରୁ ଆପଣଙ୍କୁ ମୁକ୍ତି ଦେବ । ମସାଜ ଦ୍ୱାରା ମାଂଶପେଶୀ ରିଲାକ୍ସ ହେବାସହ ବ୍ଲଡ ଫ୍ଲୋ ବଢିଥାଏ ।
- ଏହି ସମୟରେ ନିଜକୁ ହାଇଡ୍ରେଟ ରଖିବାକୁ ଚେଷ୍ଟା କରନ୍ତୁ । ସେଥିପାଇଁ ଅଧିକ ପାଣି ପିଅନ୍ତୁ । ତେବେ ଆପଣଙ୍କ ଯନ୍ତ୍ରଣା ଯଦି ଅଧିକ ଦିନ ପର୍ଯ୍ୟନ୍ତ ଲାଗି ରହୁଛି, ତେବେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

## ଇତିହାସ

- ୧୭୮୯– ୱିଲିୟମ ହିଲ୍ ବ୍ରାଉନ୍‌ଙ୍କ ପୁସ୍ତକ ଦି ପାୱାର ଅଫ୍ ସିମ୍ପାଥି ବୋଷ୍ଟନରେ ଛପାଯାଇଥିଲା ।
- ୧୮୪୦– ୱିଲିୟମ୍ କୁକ୍ ଓ ଚାର୍ଲ୍ସ ହୁଇଲଷ୍ଟୋନ୍‌ଙ୍କୁ ଇଂରାଜୀ ବର୍ଣ୍ଣାକ୍ଷର ଟେଲିଗ୍ରାଫ୍‌ର ପେଟେଣ୍ଟ ଦିଆଗଲା ।
- ୧୮୫୩– ରସେଲ ହାବେସ୍ ଲଫାପା ମୋଡ଼ିବା ଯନ୍ତ୍ରର ପେଟେଣ୍ଟ କରାଇଲେ ।
- ୧୯୪୩– ଜ୍ଞାନପୀଠ, ପଦ୍ମଭୂଷଣ, ପଦ୍ମଶ୍ରୀ ପୁରସ୍କାର ପାଇଥିବା ଓଡ଼ିଆ ଭାଷାର ପ୍ରସିଦ୍ଧ ଲେଖିକା ପ୍ରତିଭା ରାୟଙ୍କ ଜନ୍ମ ।
- ୧୯୪୫– ପ୍ରଖ୍ୟାତ ଓକିଲ ଓ ସ୍ୱତନ୍ତ୍ରତା ସେନାନୀ ରାସ ବିହାରୀ ବୋଷଙ୍କ ପରଲୋକ ।
- ୧୯୫୮ – କପିରାଇଟ୍ ଆକ୍ଟ ଲାଗୁ ହେଲା ।
- ୧୯୫୯– ପ୍ରସିଦ୍ଧ ଭାରତୀୟ ବୈଜ୍ଞାନିକ ଜ୍ଞାନଚନ୍ଦ୍ର ଘୋଷଙ୍କ ଦେହାନ୍ତ ।
- ୧୯୯୬– ଇଣ୍ଡୋନେସିଆର ସୁମାତ୍ରା ତଟ ନିକଟରେ ଯାତ୍ରୀବାହୀ ଡଙ୍ଗା ବୁଡ଼ିବା କାରଣରୁ ୪୦୦ ଲୋକଙ୍କ ମୃତ୍ୟୁ ।
- ୨୦୦୯– କର୍ଣ୍ଣାଟକର ବିଦରରେ ବାୟୁସେନାର ଏକ ପ୍ରଶିକ୍ଷଣ ବିମାନ 'ସୂର୍ଯ୍ୟକିରଣ' ଦୁର୍ଘଟଣାଗ୍ରସ୍ତ ହେଲା ।

# ଟ୍ରମ୍ପଙ୍କୁ ସ୍ୱାଗତ

ଆମେରିକାର ରାଷ୍ଟ୍ରପତି ଭାବେ ଶପଥ ନେଇଛନ୍ତି ଡୋନାଲ୍ଡ ଟ୍ରମ୍ପ । ଯାହାପରେ ତାଙ୍କୁ ଅନେକ ଆଡୁ ଶୁଭେଚ୍ଛା ମିଳିବା ଆରମ୍ଭ ହୋଇଛି । ସମସ୍ତେ ଭିନ୍ନଭିନ୍ନ ଢଙ୍ଗରେ ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ରର ରାଷ୍ଟ୍ରପତିଙ୍କୁ ଶୁଭେଚ୍ଛା ଦେଉଛନ୍ତି । ତେବେ ଏହି ତାଲିକାରେ ସାମିଲ ଅଛନ୍ତି ଓଡ଼ିଶାର ବାଲୁକା ଶିଳ୍ପୀ ସୁର୍ଦଶନ ପଟ୍ଟନାୟକ । ସେ ଟ୍ରମ୍ପଙ୍କର ଏକ ୪୭ ଫୁଟର ବାଲୁକା କଳା ଆଙ୍କି ତାଙ୍କୁ ହ୍ୱାଇଟ୍ ହାଉସ୍‌କୁ ସ୍ୱାଗତ କରିଛନ୍ତି । ପୁରୀର ବେଳା ଭୂମିରେ ଏହି ବାଲୁକା କଳାକୁ ପ୍ରଦର୍ଶନ କରାଯାଇଛି । ଏଥିରେ ଟ୍ରମ୍ପଙ୍କ ସହିତ ଆମେରିକାର ଜାତୀୟ ପତାକା ଓ ହ୍ୱାଇଟ୍ ହାଉସ୍‌କୁ ସେ ସ୍ଥାନ ଦେଇଛନ୍ତି । ପଦ୍ମଶ୍ରୀ ପୁରସ୍କାର ବିଜେତା ସୁଦର୍ଶନ ପଟ୍ଟନାୟକଙ୍କର ଏହି ବାଲୁକା କଳାଟି ବର୍ତ୍ତମାନ ଖୁବ ଚର୍ଚ୍ଚାରେ ରହିଛି । ସୋସିଆଲ ମିଡିଆରେ ସମସ୍ତେ ଏହାର ଖୁବ ପ୍ରଶଂସା କରୁଛନ୍ତି । ଆଗରୁ ମଧ୍ୟ ତାଙ୍କର ଏଭଳି ଅନେକ ବାଲୁକା କଳା ଭାଇରାଲ ହୋଇଛି, ସେ ପ୍ରାୟ ସମସ୍ତ ଗୁରୁତ୍ୱପୂର୍ଣ୍ଣ ବା ଚର୍ଚ୍ଚିତ ଘଟଣା ଅବସରରେ ଏପରି ବାଲୁକା କଳାର ପ୍ରସ୍ତୁତ କରିଥାଆନ୍ତି ।




# ସ୍କେଟିଂରେ କୁମ୍ଭ ମେଳା



ପୂରା ବିଶ୍ୱର ସବୁଠାରୁ ବଡ ଆଧ୍ୟାତ୍ମିକମେଳା ଭାବେ ମହାକୁମ୍ଭମେଳାକୁ ଆଖ୍ୟା ମିଳିଛି । ଏହା ବର୍ତ୍ତମାନ ପ୍ରୟାଗରାଜରେ ଅନୁଷ୍ଠିତ ହୋଇଥିବାବେଳେ ୪୫ ଦିନ ପର୍ଯ୍ୟନ୍ତ ଜାରି ରହିବ । ଏହି ମେଳାରେ ସାରା ବିଶ୍ୱର ବିଭିନ୍ନ ଶ୍ରଦ୍ଧାଳୁ ଓ ସାଧୁସନ୍ଥମାନେ ସାମିଲ ହୋଇଛନ୍ତି । ସେହିଭଳି ପ୍ରତିଦିନ ଏହି ମେଳାରୁ କିଛି ଏଭଳି ଖବର ମିଳୁଛି, ଯାହା ଲୋକଙ୍କୁ ଆଶ୍ଚର୍ଯ୍ୟ ମଧ୍ୟ କରୁଛି । ସେହିଭଳି ଏକ ବ୍ୟକ୍ତି ହେଲେ ଅଜୟ ନିଶାଦ ଯିଏ ଛତିଶଗଡରୁ ସ୍କେଟିଂ କରି କରି ଆସିଛନ୍ତି କୁମ୍ଭ ମେଳାରେ ଯୋଗ ଦେବା ପାଇଁ । ସେ ଏହି ଯାତ୍ରାରେ ୬୦୦ କିମିର ରାସ୍ତା ସ୍କେଟର ସାହାଯ୍ୟରେ ପାର କରିଛନ୍ତି । ସେ ଦିନକୁ ପାଖାପାଖି ୮୦ ରୁ ୧୦୦ କିମି ରାସ୍ତା ସ୍କେଟିଂ କରୁଥିଲେ । ଏହାପରେ ରାତିରେ ହୋଟେଲ୍‌ରେ ବିଶ୍ରାମ ନେବା ପରେ ପୁଣି ସକାଳୁ ଏହି ଯାତ୍ରା ଆରମ୍ଭ କରୁଥିଲେ । ସେ ସାଙ୍ଗରେ ଏକ ୨୦ ରୁ ୨୫ କେଜିର ଏକ ବ୍ୟାଗ ମଧ୍ୟ ରଖିଛନ୍ତି । ତେବେ ତାଙ୍କୁ ରାସ୍ତାରେ କିଛି ସମସ୍ୟାର ସମ୍ମୁଖୀନ ମଧ୍ୟ ହେବାକୁ ପଡିଛି । ଏହି ୬୦୦ କିମିର ଟ୍ରିପ ତାଙ୍କର ସବୁଠାରୁ ଲଙ୍ଗେଷ୍ଟ ଜର୍ଣ୍ଣି ବୋଲି ସେ ମତ ଦେଇଛନ୍ତି ।

# ବେଲୁନ୍ ଜାଳୁଛି ରୋବଟ୍

ଜଣେ ଇଞ୍ଜିନିୟରଙ୍କର ଉଦ୍ଭାବନ ବର୍ତ୍ତମାନ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସଫଳ ହୋଇଛନ୍ତି । ଇଞ୍ଜିନିୟରଜଣଙ୍କ ଏକ ଏଭଳି ରୋବଟ୍ ନିର୍ମାଣ କରିଛନ୍ତି ଯେଉଁଥିରେ ରୋବଟ୍‌ଟି ଚାଟ୍ ଜିପିଟିକୁ ବ୍ୟବହାର କରି ଏକ ଗନ୍ ସାହାଯ୍ୟରେ ବେଲୁନ୍ ଜାଳିବାରେ ସକ୍ଷମ । ଏନେଇ ଏକ ଭିଡିଓ ଜାରି କରି ଇଞ୍ଜିନିୟର ତଥ୍ୟ ଦେଇଛନ୍ତି, ହେଲେ ସେହି ଭିଡିଓରେ ସେ କିଭଳି ଚାଟ୍ ଜିପିଟିକୁ ବ୍ୟବହାର କରି ଏହାକୁ କରିଛନ୍ତି ସେନେଇ



କୌଣସି ତଥ୍ୟ ନାହିଁ । ତେବେ ଏହି ଭିଡିଓ ଭାଇରାଲ ହେବାପରେ କିଛି ଲୋକ ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । ଏଆଇକୁ ବ୍ୟବହାର କରି ବିନା ମଣିଷର ନିୟନ୍ତ୍ରଣରେ ମାରଣାସ୍ତ୍ର ମଧ୍ୟ ବ୍ୟବହାର କରିହେବ । ଯାହା ବିଭିନ୍ନ ଅପରାଧିକ ମାମଲାରେ ମଧ୍ୟ ବ୍ୟବହାର ହୋଇପାରିବ ବୋଲି ସେମାନେ ମତ ଦେଇଛନ୍ତି । ତେବେ ଏହାର ସକରାତ୍ମକ ଉପାୟରେ ମଧ୍ୟ ବ୍ୟବହାର ରହିଛି, ହେଲେ ଏହାକୁ ଖୁବ ନିୟନ୍ତ୍ରଣରେ ରଖିବାକୁ ହେବ ବୋଲି ସମସ୍ତେ ମତ ଦେଇଛନ୍ତି ।

## ସୋସିଆଲ କୋଟ୍ସ

"ବିନମ୍ର ଅନୁରୋଧ କି ବ୍ଲେମ୍ ଗେମ୍ ବନ୍ଦ କରନ୍ତୁ । ପୋଲିସ ନିଜ କାମ ଖୁବ ଭଲରେ କରୁଛି । ମୁଖ୍ୟମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ଚିନ୍ତାକୁ ମୁଁ ପ୍ରଶଂସା କରୁଛି । ମାମଲାକୁ ଜଟିଳ କରନ୍ତୁ ନାହିଁ ।

ଶତ୍ରୁଘ୍ନ ସିହ୍ନା, ଅଭିନେତା





"ନିଜ ସଫଳତାକୁ ନେଇ ଖୁବ ଖୁସି । ମିଳିଥିବା ଏହି ଅର୍ଥରେ ବାପାଙ୍କର ଚିକିତ୍ସା କରାଇବି । ଏହି ଅର୍ଥର ମୋତେ ଖୁବ ଆବଶ୍ୟକତା ଥିଲା ।

ଶ୍ରଦ୍ଧା ମିଶ୍ର, ସା ରେ ଗା ମା ପା ବିଜେତା

"ବିଗ୍ ବସ୍‌ରେ ମୁଁ ନିଜର ଶତ ପ୍ରତିଶତ ଦେଇଛି । ମୋ ଉପରେ ଅନେକ ଅଭିଯୋଗ ହୋଇଥିଲା । ହେଲେ ମୋର ନିଜ ଉପରେ ପୂରା ବିଶ୍ୱାସ ଥିଲା ।

ଅବିନାଶ ମିଶ୍ର, ବିଗ୍‌ବସ୍ ପ୍ରତିଯୋଗୀ



# ପଦ୍ମାବତକୁ କହିଥିଲେ ନା



କଙ୍ଗନା ରାଣାୱତ ବର୍ତ୍ତମାନ ନିଜ ଫିଲ୍ମ ଏମରଜେନ୍ସିକୁ ନେଇ ଚର୍ଚ୍ଚାରେ ରହିଛନ୍ତି । ଫିଲ୍ମଟି ୧୭ ଜାନୁଆରୀରେ ପରଦାକୁ ଆସିଛି । ତେବେ ଏହାରି ଭିତରେ କଙ୍ଗନାଙ୍କର ଏକ ଷ୍ଟେଟମେଣ୍ଟ ଖୁବ ଭାଇରାଲ ହେବାରେ ଲାଗିଛି । ଏକ ସାକ୍ଷାତାକାରରେ କଙ୍ଗନା ପଦ୍ମାବତ ଫିଲ୍ମକୁ ମନା କରିଥିବାନେଇ ସୂଚନା ଦେଇଛନ୍ତି । ସେହିଭଳି ବଲିଉଡରେ ସବୁବେଳେ ନିର୍ଦ୍ଦେଶକମାନେ ଅଭିନେତ୍ରୀମାନଙ୍କୁ ଭୁଲ ଢଙ୍ଗରେ ପ୍ରେଜେଣ୍ଟ କରିଥାଆନ୍ତି, ଯାହା କଙ୍ଗନାଙ୍କୁ ଭଲ ଲାଗିନଥାଏ ବୋଲି ସେ ମତ ଦେଇଛନ୍ତି । କୁଇନ୍ ଫିଲ୍ମରେ ଅଭିନୟ କରିବା ପରେ ମହିଳା କୈନ୍ଦ୍ରିକ ଫିଲ୍ମ ପାଇଁ ତାଙ୍କର ଆଗ୍ରହ ବଢିଥିବା କଙ୍ଗନା ପ୍ରକାଶ କରିଛନ୍ତି । କୁଇନ୍ ଫିଲ୍ମ ପରେ ପୂରା ଇଣ୍ଡଷ୍ଟ୍ରୀରେ ମଧ୍ୟ ମହିଳା କୈନ୍ଦ୍ରିକ ଫିଲ୍ମ ଉପରେ ପୂରା ଇଣ୍ଡଷ୍ଟ୍ରୀ ଗୁରୁତ୍ୱ ଦେବା ଆରମ୍ଭ କରିଥିଲା ବୋଲି କଙ୍ଗନା କହିଛନ୍ତି । କଙ୍ଗନାଙ୍କ ମତରେ କିଛି ଫିଲ୍ମରେ ଅଭିନେତ୍ରୀଙ୍କୁ ମାତ୍ର ୧୦ରୁ ୧୫ ମିନିଟ୍ ପାଇଁ ସ୍କ୍ରିନ୍ ଟାଇମ୍ ମିଳିଥାଏ, ଯାହା ଖୁବ ଅନ୍‌ଜଷ୍ଟିଫାଏଡ୍ । ସେହିଭଳି ଫିଲ୍ମ ପଦ୍ମାବତରେ ତାଙ୍କୁ ରାଣୀଙ୍କ ରୋଲ ପାଇଁ ଅଫର ମିଳିଥିଲା, ହେଲେ ସେ ତାକୁ ନାଁ କହିଥିଲେ । କାରଣ କଙ୍ଗନା ଫିଲ୍ମର ସ୍କ୍ରିପ୍ଟ ସାଇନ୍ କରିବା ଆଗରୁ ପଢିବାକୁ ଚାହୁଁଥିଲେ, ହେଲେ ନିର୍ଦ୍ଦେଶକ ଏହା ଦେବାକୁ ମନା କରିଥିଲେ । ଏହାପରେ ହିରୋଇନ୍‌ର ଅଭିନୟ କେବଳ ଆଇନାରେ ବସି ସଜ ହେବାର ହିଁ ଥିଲା ବୋଲି ନିର୍ଦ୍ଦେଶକ କହିଥିଲେ, ଯାହା କଙ୍ଗନାଙ୍କୁ ଠିକ୍ ଲାଗିନଥିଲା । ତେଣୁ ସେ ଏହି ଫିଲ୍ମର ଅଫରକୁ ମନା କରିଦେଇଥିଲେ ।

# ସୌଭାଗ୍ୟ ପାଇଁ ସାତ ଉପାୟ

**ଜୀବନରେ ସୌଭାଗ୍ୟ ଓ ଦୁର୍ଭାଗ୍ୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି ରହିଥାଏ । ସବୁବେଳେ ଈଶ୍ୱରଙ୍କ ପ୍ରତି ସମର୍ପଣ ଭାବନା ରଖି ନିଜ କାର୍ଯ୍ୟ ସମ୍ପାଦନ କଲେ ସୌଭାଗ୍ୟ ପ୍ରାପ୍ତ ହୋଇପାରିବ ବୋଲି ବିଶ୍ୱାସ ରହିଛି । ତେବେ କିଛି ଉପାୟ ଏପରି ରହିଛି ଯାହାକୁ ଅନୁକରଣ କରିବା ଦ୍ୱାରା ସୌଭାଗ୍ୟ ପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ ରହିଛି ।**



- ଘରର ମୁଖ୍ୟଦ୍ୱାର ଉପରେ ଭଗବାନ ଶ୍ରୀଗଣେଶଙ୍କ ପ୍ରତିମା ଅବା ଚିତ୍ର ଲଗାନ୍ତୁ । ଠାକୁରଙ୍କ ମୁହଁ ଘର ଭିତରକୁ ରହିବ, ଏହାସହ ପ୍ରତିଦିନ ସକାଳୁ ଏହି ଠାକୁରଙ୍କ ପାଖରେ ଦୁବ ଅର୍ପଣ କରନ୍ତୁ, ଶୁଭ ହୋଇଥାଏ ।
- ମା'ଲକ୍ଷ୍ମୀଙ୍କ ସହିତ ଭଗବାନ ବିଷ୍ଣୁଙ୍କ ଯୁଗଳ ମୂର୍ତ୍ତି ପୂଜା କରନ୍ତୁ । ପୂଜା ପରେ ଛୋଟପିଲା ଓ ଭିକାରୀଙ୍କୁ ଭୋଜନ ଦାନ କରନ୍ତୁ । ଏହାଦ୍ୱାରା ସମସ୍ତ ଦୁଃଖ ଦୂର ହୋଇଯିବ ।
- ନୂଆକାର୍ଯ୍ୟ, ବ୍ୟବସାୟ, ଚାକିରି, ରୋଜଗାର ଆଦି ଶୁଭ କାର୍ଯ୍ୟରେ ବାହାରିବା ପୂର୍ବରୁ ଘରର କୌଣସି ମହିଳା ଏକମୁଠା କଳା ବିରି ପକାଇ ଏହାକୁ ଭୂମିରେ ଛିଞ୍ଚାଡ଼ି ଦିଅନ୍ତୁ, ଏହାଦ୍ୱାରା ସଫଳତା ମିଳିବା।
- ଗରିବ, ଅସହାୟ, ରୋଗୀ ଅବା କିନ୍ନରଙ୍କୁ ସହାୟତା ପାଇଁ ଦାନ କରନ୍ତୁ । ଯଦି ସମ୍ଭବ କିନ୍ନରଙ୍କ ପାଖରୁ ଏକ କଏନ ଆଣି ଆପଣଙ୍କ ମନିପର୍ସରେ ରଖନ୍ତୁ । ଏହାଦ୍ୱାରା ବହୁତ ଲାଭ ହୋଇଥାଏ ।




- କଳା ହଳଦି ଖଣ୍ଡ ଶୁଭ ମୁହୂର୍ତ୍ତରେ ଘରେ, ବ୍ୟବସାୟୀମାନେ କ୍ୟାସ ବକ୍ସ ରଖନ୍ତୁ, ଅବା ବେକରେ ଏକ ସୂତା ଦ୍ୱାରା ଲଗାଇ ଦିଅନ୍ତୁ । ଖୁବ ଶୁଭ ହୋଇଥାଏ ।
- ରବି ପୁଷ୍ପ ନକ୍ଷତ୍ରର ଶୁଭ ମୁହୂର୍ତ୍ତରେ ବାହାଡ଼ା ମୂଳ ଅବା ପତ୍ର କିମ୍ବା ଶଙ୍ଖ ପୁଷ୍ପ ମୂଳ ଆଣି ଘରେ ରଖନ୍ତୁ, ଶୁଭ ହେବ ।

ଅଜୟ କୁମାର ବେହେରା,
ମୋ: ୯୪୩୭୦୩୧୨୫୩

# ୨୦୪୭ ବିକଶିତ ରାଷ୍ଟ୍ର ସ୍ୱପ୍ନ ପୂରଣରେ ୩ ରାଜ୍ୟ ବିକାଶର ଇନ୍ଧନ ଯୋଗାଇବ : ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, (ସବ୍ୟୁ) : ୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ର ହେବାର ସ୍ୱପ୍ନ ପୂରଣ କରିବା ଲାଗି ପ୍ରଧାନମନ୍ତ୍ରୀ ପରିକଳ୍ପନା କରିଛନ୍ତି । ଏହି ପରିକଳ୍ପନା ଅନୁଯାୟୀ ମୁଖ୍ୟତଃ ଓଡ଼ିଶା, ଛତିଶଗଡ ଓ ଝାଡଖଣ୍ଡ ବିକାଶର ଇନ୍ଧନ ଯୋଗାଇବ । ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରିବ । ଦେଶର ଅନ୍ୟତମ ଖଣିଜ ସମୃଦ୍ଧ ରାଜ୍ୟ ଓଡ଼ିଶାରେ ତୃତୀୟ ଜାତୀୟ ଖଣି ସମ୍ମିଳନୀ ହେବା ନେଇ ସେ ଖୁସି । ସପ୍ତାହକ ମଧରେ ଅନୁଷ୍ଠିତ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମକୁ ଏହା ସହାୟକ ହେବ । ଓଡ଼ିଶା, ଛତିଶଗଡ ଓ ଝାଡଖଣ୍ଡରେ ମୌଳିକ ଧାତୁ ଚାହିଦାର ଦୁଇ ତୃତୀୟାଂଶରୁ ଅଧିକ ଉତ୍ପାଦନ ଓ ଯୋଗାଣ କରୁଛି । ଆମେ ଦେଶର ପୂର୍ବ ଭାଗରେ ରହିଛୁ । ପ୍ରଧାନମନ୍ତ୍ରୀ ପୂର୍ବୋଦୟ ବୋଲି ଯଥାର୍ଥ ଭାବେ ବର୍ଣ୍ଣନା କରିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ଜାତୀୟ ଖଣିମନ୍ତ୍ରୀ ସମ୍ମିଳନୀରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଲେ ଯେ, ରାଜ୍ୟ ସରକାର ଏହାର ଖଣିଜ ସମ୍ପଦର ଲାଭ ଉଠାଇ, ପ୍ରଯୁକ୍ତିବିଦ୍ୟାରେ ନିବେଶ କରି ଏବଂ ପରିବେଶ ତଥା ସାମାଜିକ ଦାୟିତ୍ୱକୁ ପ୍ରାଥମିକତା ଦେଇ ରାଜ୍ୟକୁ ଉତ୍କର୍ଷରେ ପରିଣତ କରିବାକୁ ପ୍ରତିଶ୍ରୁତିବଦ୍ଧ । ରାଜ୍ୟ ଏହାର କାର୍ଯ୍ୟକ୍ଷମ ଖଣି କ୍ଷେତ୍ରରେ ସ୍ଥାୟୀ ଖଣି ଅଭ୍ୟାସ ଗ୍ରହଣ କରି ସ୍ଥାୟୀ ବିକାଶରେ ଅଗ୍ରଣୀ ରହିଛି । ରାଜ୍ୟର ଶିଳ୍ପ ନୀତି, ଶିଳ୍ପ ଅନୁକୂଳ ଭିତ୍ତିଭୂମି ଏବଂ ବ୍ୟବସାୟିକ ସୁଗମତା ଉପରେ ଧ୍ୟାନ ଓଡ଼ିଶାରେ ନିବେଶକୁ ଏକ ସୁବର୍ଣ୍ଣ ସୁଯୋଗରେ ପରିଣତ କରିଛି । ତଥାପି, ରାଜ୍ୟ ନିଶ୍ଚିତ କରିବା ଉଚିତ ଯେ ଖଣି ଅଞ୍ଚଳରେ ଏବଂ ଏହାର ଆଖପାଖରେ ରହୁଥିବା ଲୋକମାନେ ରାଜ୍ୟର ଏବଂ ଖଣି କାର୍ଯ୍ୟକଳାପରେ ଜଡିତ ଲୋକଙ୍କୁ ଉପକୃତ କରିବେ । କେନ୍ଦ୍ର ସରକାର ଭିତ୍ତିଭୂମି ବିକାଶ ଏବଂ ସାମାଜିକ-ଆର୍ଥିକ ସଶକ୍ତିକରଣ ପାଇଁ ଯଥେଷ୍ଟ ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି । ରାଜ୍ୟ ସରକାର ଖଣି କାର୍ଯ୍ୟକଳାପରେ ଗବେଷଣା ଏବଂ ବିକାଶ ଉପରେ ମଧ୍ୟ ଧ୍ୟାନ ଦେଉଛନ୍ତି, ପରିବେଶ ସଂରକ୍ଷଣ ସହିତ ପରିଚାଳନା ଖର୍ଚ୍ଚ ହ୍ରାସ କରିବାକୁ ଡ୍ରୋନ୍ ଟେକ୍ନୋଲୋଜି ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ପରି ଆଧୁନିକ ପ୍ରଯୁକ୍ତିବିଦ୍ୟା ପ୍ରବର୍ତ୍ତନ କରୁଛନ୍ତି । ରାଜ୍ୟର ବିକାଶ ଏବଂ ଆର୍ଥିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ଇସ୍ପାତ ଏବଂ ଖଣି କ୍ଷେତ୍ରରେ ବିପୁଳ ପୁଞ୍ଜି ବିନିଯୋଗ କରି ରାଜ୍ୟ ସରକାର ଓଡ଼ିଶାକୁ ଏକ ବିଶ୍ୱ ଶିଳ୍ପ କେନ୍ଦ୍ରରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛନ୍ତି ।

ସ୍ଥାୟୀ ଏବଂ ଦାୟିତ୍ୱବାନ ଅଭ୍ୟାସ ପାଇଁ ମାନଦଣ୍ଡ ସ୍ଥାପନ କରି ଓଡ଼ିଶା ଖଣି ଶିଳ୍ପରେ ଏକ ବିଶ୍ୱସ୍ତରୀୟ ନେତା ହେବାକୁ ଲକ୍ଷ୍ୟ ରଖିଛ । ରାଜ୍ୟ ସରକାର ଏହାର ଖଣିଜ ସମ୍ପଦର ଲାଭ ଉଠାନ୍ତି, ପ୍ରଯୁକ୍ତିବିଦ୍ୟାରେ ନିବେଶ କରନ୍ତି ଏବଂ ଏହାକୁ ଉତ୍କର୍ଷ କରିବା ପାଇଁ ପରିବେଶ ଏବଂ ସାମାଜିକ ଦାୟିତ୍ୱକୁ ପ୍ରାଥମିକତା ଦିଅନ୍ତି । ରାଜ୍ୟର ଶିଳ୍ପ ନୀତି, ଶିଳ୍ପ ଅନୁକୂଳ ଭିତ୍ତିଭୂମି ଏବଂ ବ୍ୟବସାୟିକ ସୁଗମତା ଉପରେ ଧ୍ୟାନ ଓଡ଼ିଶାରେ ନିବେଶକୁ ଏକ ସୁବର୍ଣ୍ଣ ସୁଯୋଗରେ ପରିଣତ କରିଛି । ବର୍ତ୍ତମାନର ଡବଲ୍ ଇଞ୍ଜିନ୍ ସରକାର ବିକାଶକୁ ତ୍ୱରାନ୍ୱିତ କରିଛି, କିନ୍ତୁ ଖଣି ଅଞ୍ଚଳରେ ଏବଂ ଏହାର ଆଖପାଖରେ ରହୁଥିବା ଲୋକମାନେ ଯେପରି ଏହାର ଲାଭ ପାଇବେ ତାହା ସୁନିଶ୍ଚିତ କରିବା ଗୁରୁତ୍ୱପୂର୍ଣ୍ଣ । ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ସହଯୋଗାତ୍ମକ ଶାସନ ଭିତ୍ତିଭୂମି ବିକାଶ ଏବଂ ସାମାଜିକ-ଅର୍ଥନୈତିକ ସଶକ୍ତିକରଣ ପାଇଁ ପ୍ରୋତ୍ସାହନ ସହିତ ଲୋକଙ୍କ କଲ୍ୟାଣ ପାଇଁ ପଦକ୍ଷେପ କାର୍ଯ୍ୟକାରୀ କରୁଛି । ଖନନ କାର୍ଯ୍ୟକଳାପରେ ଗବେଷଣା ଏବଂ ବିକାଶ, ଯେପରିକି ଡ୍ରୋନ୍ ଟେକ୍ନୋଲୋଜି ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶାର ସାଂସ୍କୃତିକ ଉତ୍କର୍ଷ ଏବଂ ଶିଳ୍ପ ଅଭିବୃଦ୍ଧି ବିଶ୍ୱର ଦୃଷ୍ଟି ଆକର୍ଷଣ କରୁଛି । ଓଡ଼ିଶା ରାଜ୍ୟ ସରକାର ଇସ୍ପାତ ଏବଂ ଖଣି କ୍ଷେତ୍ରରେ ବିପୁଳ ନିବେଶ କରି ରାଜ୍ୟକୁ ଏକ ବିଶ୍ୱସ୍ତରୀୟ ଶିଳ୍ପ ହବ୍‌ରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛନ୍ତି । ସେମାନେ ଖଣିଜ ସମ୍ପଦର ଦାୟିତ୍ୱବାନ ଉପଯୋଗ, ଗୁଣାତ୍ମକ ଶିକ୍ଷା, ଉନ୍ନତ ସ୍ୱାସ୍ଥ୍ୟସେବା ଏବଂ ଜନ କଲ୍ୟାଣ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର ବିକାଶ ଏବଂ ଆର୍ଥିକ ଆବଶ୍ୟକତାକୁ ପୂରଣ କରିବାକୁ ଲକ୍ଷ୍ୟ ରଖିଛନ୍ତି । ରାଜ୍ୟ ଗଠନର ଶତବାର୍ଷିକୀ ପାଳନ କରି ୨୦୩୬ ସୁଦ୍ଧା ଓଡ଼ିଶାକୁ ସମୃଦ୍ଧ ଓଡ଼ିଶାରେ ପରିଣତ କରିବା ହେଉଛି ଉଚ୍ଚାଭିଳାଷୀ ଲକ୍ଷ୍ୟ ।

ଆମେ ବିଭିନ୍ନ ଶିଳ୍ପସଂସ୍ଥା ସହ ସ୍ୱାକ୍ଷରିତ ୮ ଏମ୍ଓୟୁ ସମେତ ଅନେକ ପ୍ରସ୍ତାବ ପାଇଛୁ । ନିକଟ ଅତିତରେ ଶିଳ୍ପାୟନ ବନାମ ପରିବେଶ ସୁରକ୍ଷା ଉପରେ ବିତର୍କ ହୋଇଛି । ଦୁଇଟିକୁ ପରସ୍ପର ବିରୋଧୀ ଭାବେ ବିବେଚନା କରାଯାଏ ଯାହା ସତ୍ୟଠାରୁ ବହୁ ଦୂରରେ । ଆଜିକାଲି ସବୁଜ ଟେକ୍ନୋଲୋଜି ଉପଲବ୍ଧ ଯାହା ଶିଳ୍ପାୟନକୁ ସବୁଜ ଏବଂ ସ୍ୱଚ୍ଛ କରିଛି । ବିଦ୍ୟୁତ୍ ଉତ୍ପାଦନ ୨୦୧୪ ପୂର୍ବରୁ ମୁଖ୍ୟ ଉତ୍ସ ଶକ୍ତି ତାପଜ ଥିଲା । ମାତ୍ର ପ୍ରଧାନମନ୍ତ୍ରୀ କହିଥିଲେ ଯେ ଅଣଜୀବାସ୍ମ ଶକ୍ତିରୁ ୫୦ ଗିଗାୱାଟ୍ ଅକ୍ଷୟ ଶକ୍ତି ଉତ୍ପାଦନ ହୋଇପାରିବ । ବର୍ତ୍ତମାନ ଭାରତ ୨୦୦୦ ଗିଗାୱାଟ୍ ଅଣନବୀକରଣ ଯୋଗ୍ୟ ଶକ୍ତି ଅତିକ୍ରମ କରିପାରିଛି । ବଡକଥା ହେଉଛି ଗ୍ରୀନ୍ ହାଇଡ୍ରୋଜେନ୍ ଯେଉଁଥିରେ ଆଗାମୀ ବର୍ଷଗୁଡ଼ିକରେ ଓଡ଼ିଶା ଏକ ପ୍ରମୁଖ ଖେଳାଳୀ ହେବାକୁ ଯାଉଛି ବୋଲି ଶ୍ରୀ ମାଝୀ କହିଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର କୋଇଲା ଖଣିମନ୍ତ୍ରୀ ଜି. କିଷନ ରେଡ୍ଡୀ, ଛତିଶଗଡ ଉପମୁଖ୍ୟମନ୍ତ୍ରୀ, ତେଲେଙ୍ଗାନା ସମେତ ୧୧ ରାଜ୍ୟର ଖଣି ଓ ଶିଳ୍ପମନ୍ତ୍ରୀ ଉପସ୍ଥିତ ଥିଲେ । ବିଭିନ୍ନ ରାଜ୍ୟସରକାରଙ୍କ ପ୍ରତିନିଧିମାନେ ମଧ ଯୋଗ ଦେଇଥିଲେ ।

## ମାଣ୍ଡିଆ କ୍ରୟର ସମୀକ୍ଷା କଲେ କୃଷି ସଚିବ ଡ଼ ଅରବିନ୍ଦ ପାଢ଼ୀ

# ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ଦେଲେ ନିର୍ଦ୍ଦେଶ

ଭୁବନେଶ୍ୱର, (ସବ୍ୟୁ): ଆଜି କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼. ଅରବିନ୍ଦ କୁମାର ପାଢ଼ୀଙ୍କ ଅଧକ୍ଷତାରେ ଶ୍ରୀ ଅନ୍ନ ଅଭିଯାନ ଅଧିନରେ ମାଣ୍ଡିଆ କ୍ରୟ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ କୃଷି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଚଳିତ ବର୍ଷ ଚାଷୀମାନଙ୍କୁ ମାଣ୍ଡିଆର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୪୨୯୦/- ଟଙ୍କା ସହ ରାଜ୍ୟ ସରକାରଙ୍କ ଅତିରିକ୍ତ ପ୍ରୋତ୍ସାହନ ରାଶି ୨୧୦ ଟଙ୍କା ମିଶି କୁଇଣ୍ଟାଲ ପିଛା ସର୍ବମୋଟ ୪୫୦୦/- ଟଙ୍କା ପ୍ରଦାନ କରାଯିବାକୁ ସରକାର ଅନୁମୋଦନ ପ୍ରାପ୍ତ କରିଛନ୍ତି । ଚାଷୀ ତଥା ଜନସାଧାରଣଙ୍କୁ ଏନେଇ ସଚେତନ କରିବା ଏବଂ ଜିଲ୍ଲା ଅନୁଯାୟୀ ଧାର୍ଯ୍ୟ ଲକ୍ଷ୍ୟକୁ ପୂରଣ କରିବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ସଚେତନତା କାର୍ଯ୍ୟକୁ ତ୍ୱାରାନ୍ୱିତ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଛି । ଏହି ଅବସରରେ ମାଣ୍ଡିଆ କ୍ରୟ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଡ଼ ପାଢ଼ୀ ପରାମର୍ଶ ଦେବା ସହ ଚାଷୀ ଭାଇ ଭଉଣୀ ଯେପରି ନିଜର ପ୍ରାପ୍ୟ ପାଇବାରୁ ବଞ୍ଚିତ ନ ହୁଅନ୍ତି ତାହା ଉପରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ଼. ଅରବିନ୍ଦ କୁମାର ପାଢ଼ୀ ଗୁରୁତ୍ୱାରୋପ କରିଥିଲେ । ଏଥି ସହିତ ପ୍ରାପ୍ୟ ପ୍ରଦାନରେ ଅନିୟମିତତା ଦୃଷ୍ଟିଗୋଚର ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ଏହି ବୈଠକ ରେ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀଙ୍କ ସମେତ ଯୋଗାଣ ବିଭାଗ, ଆଦିବାସୀ ଉନ୍ନୟନ ବିଭାଗ, କୃଷି ବିଭାଗ ଏବଂ ଶ୍ରୀ ଅନ୍ନ ଅଭିଯାନର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ ।

# ୨୪ରୁ ପିଏମ ଆବାସ ସର୍ଭେ

## ଅଫଲାଇନ, ଅନଲାଇନରେ ଆବେଦନ କରିହେବ

ଭୁବନେଶ୍ୱର(ସବ୍ୟୁ): ଆସନ୍ତା ୨୪ ତାରିଖରୁ ଆରମ୍ଭ ହେବ ପିଏମ ଆବାସ ସର୍ଭେ । ଏଥିଲାଗି ଉଭୟ ଅଫ୍‌ଲାଇନ ଏବଂ ଅନଲାଇନରେ ଆବେଦନ କରିପାରିବେ ହିତାଧିକାରୀ । ୨୪ରେ ଆବାସ ପୋର୍ଟାଲର ବିଧିବଦ୍ଧ ଲଞ୍ଚ କରିବେ ରାଜ୍ୟ ସରକାର । ୨ ମାସରେ ସର୍ଭେ ସାରିବାକୁ ଲକ୍ଷ୍ୟ ରଖିଛି ପଞ୍ଚାୟତିରାଜ ବିଭାଗ । ଏଥିପାଇଁ ବିଭାଗ ସଂପୂର୍ଣ୍ଣ ପ୍ରସ୍ତୁତ ରହିଛି । ଏନେଇ ସୂଚନା ଦେଇଛନ୍ତି ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାୟକ ।

ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି, ବିଜୁ ପକ୍କା ଘର ଆଉ ନାହିଁ । ବିଜୁ ପକ୍କା ଘରର ଛାପା ବା ସିଲଟ ଘର ଆଗରେ ଅଛି । ଖୁବଶୀଘ୍ର ଲୋକେ ତାକୁ ହଟେଇ ଦେବେ । ବିଜୁ ପକ୍କା ଘର କୋଉଁଠି ଥିଲା? ୩ ଲକ୍ଷ ୧୨ ହଜାର ଦେଇଥିଲେ, କିନ୍ତୁ ବାହା ବାହା ନେଉଥିଲା ପୂର୍ବ ସରକାର । ପୂର୍ବ ସରକାରର ଆନ୍ତରିକତା ନଥିଲା । ବିଜୁ ପକ୍କାଘରର ତାଲିକା ଆମ ପାଖରେ ନାହିଁ । ଆମେ ଓଡ଼ିଆ ହତଭାଗା ହେଲୁ ତାଲିକା ନାହିଁ । ବିଜୁ ପକ୍କା ଘର ନାହିଁ, କିନ୍ତୁ ଛାପା ଅଛି, ଲୋକେ କାଢିବେ, ଛାପା ବା ଘରେ ସିଲଟ ଲଗେଇଛନ୍ତି, ସେ ସିଲଟ ଉଠିବ ।

ପୂର୍ବରୁ ବାଇକ୍, ଫ୍ରିଜ୍ ଓ ଲ୍ୟାଣ୍ଡଲାଇନ ଫୋନ୍ ଥିଲେ ଆବାସ ଘର ମିଳିବନି ବୋଲି ନିୟମ ଥିଲା । କିନ୍ତୁ ଏହାକୁ ବଦଳା ଯାଇଛି । ଏସବୁ ଥିଲେ ବି ଆବାସ ଘର ଦିଆଯିବ । ପୂର୍ବରୁ ପରିବାରର ମାସିକ ଆୟ ସୀମା ସର୍ବାଧିକ ୧୦ ହଜାର ରହିଥିଲା । ଏହାକୁ ୧୫ ହଜାର କରାଯାଇଛି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ କହିଛନ୍ତି । ଏହି ଯୋଜନାରେ ଦିବ୍ୟାଙ୍ଗ ଓ ବିଧବାମାନଙ୍କୁ ଅଗ୍ରାଧିକାର ଦିଆଯିବ । ବାପା ଠାରୁ ଭିନ୍ନ ହୋଇଥିବା ପୁଅ, ସ୍ୱାମୀ ଠାରୁ ଅଲଗା ରହୁଥିବା ସ୍ତ୍ରୀ ବି ଆବାସ ପାଇଁ ଅଲଗା ଆବେଦନ କରିପାରିବେ । ୨ ମାସ ମଧ୍ୟରେ ଏହାର ରି-ସର୍ଭେ କରାଯିବ । ଏହିଅବଧି ମଧରେ ଆବେଦନ ଓ ଅନଲାଇନ୍ ମାଧ୍ୟମରେ ସେସବୁର ଯାଞ୍ଚ କରାଯିବ । ଆବାସ ଘର ବଣ୍ଟାରେ ଏଣିକି ରାଜନୈତିକ ହସ୍ତକ୍ଷେପ ହେବ ନାହିଁ । ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଘର ଦେବାରୁ କେହି ଚାହିଁଲେ ବି ଅଟକାଇପାରିବେ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି ।

## ଏକ ଶକ୍ତିଶାଳୀ ଏଲଆଇସି, ଏକ ଶକ୍ତିଶାଳୀ ଭାରତ ଶୀର୍ଷକ ସେମିନାର

କଟକ, (ସବ୍ୟୁ): ସ୍ଥାନୀୟ କଟକ ଏଲଆଇସି ଡିଭିଜନ ଅଫିସ ପ୍ରାଙ୍ଗଣରେ କଟକ ଡିଭିଜନ ବୀମା କର୍ମଚାରୀ ସଂଘ ତରଫରୁ ୭୦ତମ ଏଲଆଇସି ଜାତୀୟକରଣ ଅଧ୍ୟାଦେଶ ପାଳନ ସଂଘର ସଭାପତି ଡ ସନ୍ତୋଷ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ପାଳନ ହୋଇଯାଇଛି ଛ ଏହି ଉପଲକ୍ଷେ ଏକ ଶକ୍ତିଶାଳୀ ଏଲଆଇସି, ଏକ ଶକ୍ତିଶାଳୀ ଭାରତ ଶୀର୍ଷକ ଏକ ସେମିନାର ଆୟୋଜିତ ହୋଇ ଯାଇଛି । ଏହାକୁ କଟକ ଡ଼ିଭିଜନର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଶ୍ରୀ ଅସିମ କୁମାର ଉଦ୍‌ଘାଟନ କରି ଏଲଆଇସିକୁ ଆହୁରି ଅଧିକ ଶକ୍ତିଶାଳୀ କରିବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟ ଅତିଥି ତଥା ମୁଖ୍ୟ ବକ୍ତା ଭାବେ ଓଡିଶାର ପୂର୍ବତନ ଅର୍ଥମନ୍ତ୍ରୀ ତଥା ବିଶିଷ୍ଟ ସ୍ତମ୍ଭକାର ପଞ୍ଚାନନ କାନୁନଗୋ ଯୋଗଦେଇ ଦେଶର ବିକାଶରେ ଏଲଆଇସିର ଗୁରୁତ୍ୱପୂର୍ଣ୍ଣ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରଚୁର ଲାଭ କରୁଥିବା ଏଲଆଇସି ଏବଂ ବିଭିନ୍ନ ରାଷ୍ଟ୍ରାୟତ୍ତ ଶିଳ୍ପରୁ ପୁଞ୍ଜି ପ୍ରତ୍ୟାହାର କରିବାକୁ ନିନ୍ଦା କରିଥିଲେ । ବିଭିନ୍ନ ସଂଗଠନର ନେତୃ ଯଥା ସୁଜିତ କୁମାର ନନ୍ଦ , ରବୀନ୍ଦ୍ର ଧଳ , ପ୍ରକାଶ ରାଏ, ରବିନାରାୟଣ ମଲ୍ଲିକ, ମାନଗୋବିନ୍ଦ ବାରିକ , ଦେବାଶିଷ ନାୟକ, ବିମଳ ଦାସ, ପ୍ରଦୀପ କୁମାର ସ୍ୱାଇଁ,ବିମଳ କୁମାର ଦାସ, ଅଶ୍ୱିନୀ ଜେନା ଆଦି ବକ୍ତବ୍ୟ ରଖିଥିଲେ । ସଂଘର ସାଧାରଣ ସମ୍ପାଦକ ଅଭୟ କୁମାର ଦାସ ପ୍ରାରମ୍ଭିକ ସୂଚନା ସହିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ସଭାପତିଙ୍କ ଅଭିଭାଷଣ ପରେ ସାଙ୍ଗଠନିକ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । କଟକ ଡିଭିଜନର ବିଭିନ୍ନ ଶାଖା ଅଫିସ ଏବଂ ବିଭିନ୍ନ ସଙ୍ଗଠନର ୨୦୦ ରୁ ଉର୍ଦ୍ଧ୍ୱ କର୍ମଚାରୀ ଯୋଗ ଦେଇଥିଲେ ।

# ୬ ଲକ୍ଷ ଟଙ୍କା ନେଇ ନଦେବାରୁ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଟଙ୍କା ନେଇ ଫେରସ୍ତ ନଦେବାରୁ ଜଣେ ଅଭିଯୁକ୍ତକୁ ଗିରଫ କରିଛି ଭରତପୁର ଥାନା ପୋଲିସ । ଦୁଇ ପର୍ଯ୍ୟାୟରେ ଦୁଇଜଣଙ୍କ ଠାରୁ ୬ଲକ୍ଷ ୫୦ ହଜାର ଟଙ୍କା ନେଇ ଫେରାଇଲେ ନାହିଁ । ଫେରାଇବା ପାଇଁ ଚୁକ୍ତି କରିଥିଲେ ମଧ ବହଲେଇ ଚାଲିଲେ । ଟଙ୍କା ଦେଇଥିବା ରଶ୍ମୀରଞ୍ଜନ ମହାନ୍ତି ଉପାୟଶୂନ୍ୟ ହୋଇ ଭରତପୁର ଥାନାରେ ଏତଲା କରିଥିଲେ ।

ଅଭିଯୁକ୍ତ ବସନ୍ତ କୁମାର ବେହେରା ଏତଲାକାରୀ ରଶ୍ମୀରଞ୍ଜନଙ୍କ ମାର୍ଫତରେ ୨୦୨୧ ମସିହାରେ ତାଙ୍କର ଜଣେ ବନ୍ଧୁଙ୍କ ଠାରୁ ୩ଲକ୍ଷ ଟଙ୍କା ନେଇଥିଲେ । ତାହା ଦେଇନଥିବା ବେଳେ ୨୦୨୩ ମସିହାରେ ରଶ୍ମୀରଞ୍ଜନଙ୍କ ଠାରୁ ପୁଣି ୩ଲକ୍ଷ ୫୦ ହଜାର ଟଙ୍କା ନେଇଥିଲେ । ଅଗଷ୍ଟ ୩୧ ସୁଦ୍ଧା ସମସ୍ତ ଟଙ୍କା ଫେରାଇବେ ବୋଲି ଲିଖିତ ଚୁକ୍ତି କରିଥିଲେ । ହେଲେ ତାହା ସେ ଦେଲେନାହିଁ । ଅଭିଯୁକ୍ତ ବସନ୍ତ ବରମୁଣ୍ଡା ଅଞ୍ଚଳରେ ଲୁହାଛଡ ଓ ସିମେଣ୍ଟ ଗୋଦାମ କରିଥିଲେ । ବିଭିନ୍ନ ବ୍ୟବସାୟିକ କାରଣରୁ ଏତଲାକାରୀ ବିଭିନ୍ନ ସମୟରେ ତାଙ୍କ ସିମେଣ୍ଟ ଗୋଦାମ ପାଖରେ ଦେଖାସାକ୍ଷାତ କରନ୍ତି । ଏହି ସୁଯୋଗରେ ଅଭିଯୁକ୍ତ ଟଙ୍କା ନେଇଥିଲା । ପୂର୍ବରୁ ଏତଲାକାରୀ ବନ୍ଧୁଙ୍କ ଠାରୁ ନେଇଥିବା ଟଙ୍କା ଫେରାଇ ନଥିବାରୁ ଉଭୟ ତାଙ୍କ ଘର ପାଖକୁ ଯାଇ ଦୁଇ ପର୍ଯ୍ୟାୟରେ ନେଇଥିବା ୬ଲକ୍ଷ ୫୦ ହଜାର ଟଙ୍କା ମାଗିଥିଲେ । ସେ ଟଙ୍କା ଦେବା ପରିବର୍ତ୍ତେ ଗାଳିଗୁଲଜ କରି ଧମକଚମକ ଦେଇଥିବା ଅଭିଯୋଗ ହୋଇଥିଲା ।

ଅଭିଯୋଗକୁ ଆଧାର କରି ଅଭିଯୁକ୍ତ ବସନ୍ତ କୁମାର ବେହେରା (୬୩)କୁ ଗିରଫ କରି ସୋମବାର କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଶାରୀଶୁଆ ପାହାଡ ପରିଦର୍ଶନରେ ରାଜ୍ୟ ପିୟୁସି

# ଖଣି ଚୋରି ବନ୍ଦ ପାଇଁ ପ୍ରଶାସନକୁ ଦେଲା ନିର୍ଦ୍ଦେଶ

ଖଇରା,(ସବ୍ୟୁ) : ରାଜ୍ୟ ପବ୍ଲିକ ଅଣ୍ଡରଟେକିଂ କମିଟି ର ଅଧ୍ୟକ୍ଷ ତଥା ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ନେତୃତ୍ୱରେ କମିଟି ସଦସ୍ୟ ମାନେ ବାଲେଶ୍ୱର ଜିଲା ଖଇରା ତହସିଲ ଅଧିନ ଶାରିଶୁଆ ପାହାଡରେ ଚାଲିଥିବା ଖଣି ପରିଦର୍ଶନ କରିଛନ୍ତି। ତେବେ ପରିଦର୍ଶନ ଶେଷରେ କମିଟି ସଦସ୍ୟଙ୍କ ବେଆଇନ ଖଣି କାରବାର ସମ୍ପର୍କରେ ସ୍ୱିକାର କରିବା ପ୍ରଶାସନର କୋଟିକୋଟି ରାଜସ୍ୱ ଲୁଟକୁ ପଦାରେ ପକାଇଛି। ବର୍ତ୍ତମାନ ନିଲାମ ବନ୍ଦ ରହିଥିବା ବେଳେ ଅବାଧ ବ୍ଲାଷ୍ଟିଂ,ପଥରଚୋରୀକୁ ନେଇ ଟିମର ପ୍ରଶ୍ନର ଉତ୍ତର ଦେବା ବଦଳରେ ଅଧିକାରୀ ମାନେ ପରସ୍ପର ଉପରେ ଦୋଷ ଲଦାଲଦି ହୋଇ ଏହି ବେଆଇନ କାର୍ଯ୍ୟକୁ ଲୁଚାଇବାକୁ ଉଦ୍ୟମ କରିଥିଲେ। ପରିଦର୍ଶନ ସମୟରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୁରବିକାଶ,ଏସପି ରାଜପ୍ରସାଦ,ଖଣି ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦଳେଇ,ତହସିଲଦାର ଜିତେନ୍ଦ୍ର ମୁର୍ମୁ ,ସଚୀବ ବିଦ୍ୟାଧର ମାଝୀ ଓ ରାଜେନ୍ଦ୍ର ପେଟ୍ରୋୱାଲା ଙ୍କ ସମେତ ବହୁ ବ୍ଲକ,ଜିଲା ଓ ରାଜ୍ୟ ଅଧିକାରୀ ଉପସ୍ଥିତ ଥିଲେ । ପରେ ଆସିଥିବା କମିଟିର ସଦସ୍ୟ ଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର,ଭଣ୍ଡାରୀ ପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ,ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ,ଘସିପୁରା ବିଧାୟକ ବଦ୍ରିପାତ୍ର,ପାଟଣା ବିଧାୟକ ଅଖିଳ ନାୟକ ପ୍ରମୁଖ ବ୍ଲକ ପରିସରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗ ଦେଇ ଖଣିଚୋରୀକୁ ସମ୍ପୁର୍ଣ୍ଣ ରୁପେ ବନ୍ଦପାଇଁ ପ୍ରଶାସନକୁ ତାଗିଦ କରିଥିଲେ । ଏ ସମ୍ପର୍କରେ କମିଟି ସଦସ୍ୟ ସଞ୍ଜିବ ମଲ୍ଲିକ ସାମ୍ବାଦିକଙ୍କୁ ସାକ୍ଷାତକାର ଦେଇ ଦିର୍ଘଦିନ ଧରି ଚାଲିଥିବା ଖଣିଚୋରି ବିଷୟକୁ ସ୍ୱିକାର କରିବା ସହ ବ୍ଲାଷ୍ଟିଂ ଯୋଗୁଁ ଖଣି ସଂଲଗ୍ନ ଘରକାନ୍ଥ ଫାଟିବା,ରାସ୍ତା ନଷ୍ଟ ହେଉଥିବା ବିଷୟ ଉଲ୍ଲେଖ କରି ବେଆଇନ ଖଣି କାରବାର ବନ୍ଦ ପାଇଁ ପ୍ରଶାସନକୁ ତାଗିଦ କରାଯାଇଥିବା କହିଛନ୍ତି।

## ପ୍ରସ୍ତୁତ ହେଲା ପଠାଣି ସାମନ୍ତ ପ୍ଲାନେଟୋରିୟମ

# ୨୧ରୁ ଦେଖିହେବ ଗ୍ରହପୁଞ୍ଜ ପ୍ୟାରେଡ୍, ସନ୍ଧ୍ୟା ସାଢ଼େ ୫ଟାରୁ ୭.୩୦ଟା ଶୋ

ଭୁବନେଶ୍ୱର(ସବ୍ୟୁ): ସୌର ଜଗତର ମଙ୍ଗଳ, ଶୁକ୍ର, ବୃହସ୍ପତି, ଶନି, ନେପଚୁନ୍ ଓ ୟୁରେନସ୍ ସମେତ ୬ଟି ଗ୍ରହଙ୍କୁ ନେଇ ବିରଳ ମହଜଗତିକ ଦୃଶ୍ୟ ଆସନ୍ତା ଚଳିତମାସ ୨୧ରୁ ୩୧ ତାରିଖ ପର୍ଯ୍ୟନ୍ତ ଦେଖିବାକୁ ମିଳିବ । ଏହି ଗ୍ରହଗୁଡ଼ିକ ଏକ ସରଳ ରେଖାରେ ରହିବା ଦ୍ୱାରା ଆକାଶରେ ଏକ ସୁନ୍ଦର ଦୃଶ୍ୟ ଦେଖିହେବ । ମଙ୍ଗଳ, ଶୁକ୍ର, ବୃହସ୍ପତି ଏବଂ ଶନି ଭଳି ଗ୍ରହ ଏକ ସରଳରେଖାରେ ରହି ସୁନ୍ଦର ଦୃଶ୍ୟ ସୃଷ୍ଟି କରିବେ ଏବଂ ଏଗୁଡିକୁ ଖାଲି ଆଖିରେ ଦେଖିହେବ । ସେହିଭଳି ଦୂରବୀକ୍ଷଣ ଓ ଟେଲିସ୍କୋପ୍ ମାଧ୍ୟମରେ ନେପଚୁନ୍ ଏବଂ ୟୁରେନସ୍ ଦୃଶ୍ୟମାନ ହେବେ ।

ସର୍ବସାଧାରଣମାନଙ୍କ ପାଇଁ ଏଥିନିମନ୍ତେ ବ୍ୟବସ୍ଥା କରାଯାଇଛି । ବିଜ୍ଞାନ ଓ କାରିଗରୀ ବିଭାଗ ଅଧୀନରେ ଥିବା ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟୋରିୟମରେ ଏହି ବିରଳ ଦୃଶ୍ୟ ଦେଖିବାର ଆବଶ୍ୟକୀୟ ବ୍ୟବସ୍ଥା କରାଯାଇଛି । ସୋମବାର ବ୍ୟତୀତ ବାକି ଦିନଗୁଡ଼ିକରେ ସନ୍ଧ୍ୟା ସାଢ଼େ ୫ଟାରୁ ସାଢ଼େ ୭ଟା ପର୍ଯ୍ୟନ୍ତ ଏଭଳି ବିରଳ ଦୃଶ୍ୟ ଦେଖିପାରିବେ ।

# ରାଷ୍ଟ୍ର ପରିବର୍ତ୍ତନରେ ସମସ୍ତଙ୍କ ସହଯୋଗ ଆବଶ୍ୟକ-ନ୍ୟାୟମୂର୍ତ୍ତି ରଥ

ଭୁବନେଶ୍ୱର, (ସବ୍ୟୁ): ବର୍ତ୍ତମାନ ସମୟରେ ରାଷ୍ଟ୍ରର ମାନବ ସମ୍ବଳର ସଦ୍‌ବିନିଯୋଗ, ଭୂସମ୍ବଳର ଆଧୁନିକୀକରଣ ଏବଂ ନିର୍ବାଚନ ପ୍ରକ୍ରିୟାରେ ସଂସ୍କାର ପାଇଁ ସମସ୍ତେ ହାତ ମିଳାଇବା ଆବଶ୍ୟକ । ଏ ଦିଗରେ ବିକଳାନନ୍ଦ କର ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ଏକ ସମୃଦ୍ଧ ଭାରତ ଗଠନରେ ସଫଳତା ମିଳିବା ବିଳମ୍ବ ହେବନାହିଁ ବୋଲି ନ୍ୟାୟମୂର୍ତ୍ତି ବିଶ୍ୱନାଥ ରଥ କହିଛନ୍ତି । ବିକଳାନନ୍ଦ କର ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସୋମବାର ଭୁବନେଶ୍ୱରସ୍ଥିତ ବୁଦ୍ଧମନ୍ଦିର ଠାରେ ପ୍ରଶାନ୍ତ କୁମାର କରଙ୍କ ଦ୍ୱାରା 'ପରିକଳ୍ପନା' ନାମକ ଏକ ପୁସ୍ତିକାର ଉନ୍ମୋଚନ ଅବସରରେ ନ୍ୟାୟମୂର୍ତ୍ତି ଶ୍ରୀ ରଥ ପରିବର୍ତ୍ତନ ପାଇଁ ଆବଶ୍ୟକ ହେଉଥିବା ଇଚ୍ଛାଶକ୍ତି ଯେତେ କମ୍ ହେଲେ ବି ମିଳିତ ଇଚ୍ଛାଶକ୍ତି ସମସ୍ତ ପ୍ରତିବନ୍ଧକକୁ ଦୂର କରିପାରେ ବୋଲି କହିଛନ୍ତି । ପରିକଳ୍ପନା ପୁସ୍ତିକାର ଲେଖକ ପ୍ରଶାନ୍ତ କୁମାର କର ଏକ ସମୃଦ୍ଧ ରାଷ୍ଟ୍ରର ସ୍ୱପ୍ନ ଦେଖି ମାନବ ସମ୍ବଳର ସୁପରିଚାଳନା କ୍ଷେତ୍ରରେ ବର୍ତ୍ତମାନ ରହିଥିବା ସମସ୍ୟା, ଏସବୁର ସମାଧାନ ନିମିତ୍ତ ଉପାୟ ଏବଂ ସମ୍ଭାବ୍ୟ ଉପକାର ସମ୍ପର୍କରେ ଆଲୋଚନା କରିଥିଲେ ।




ପୁସ୍ତକ ଉନ୍ମୋଚନ ଅବସରରେ ମୁଖ୍ୟବକ୍ତା ରୂପେ ଯୋଗଦେଇ ଡଃ ଆଦିତ୍ୟ ମହାନ୍ତି ପୁସ୍ତକଟିର ବିସ୍ତୃତ ଆଲୋଚନା କରିବା ସହିତ ସମସ୍ତଙ୍କର ମତାମତ ଏହି ସ୍ୱପ୍ନ ପୂରଣ ଦିଗରେ ପ୍ରେରଣା ହୋଇପାରିବ ବୋଲି କହିଛନ୍ତି । ଏ ପ୍ରସଙ୍ଗରେ ବିଭିନ୍ନ ଦାର୍ଶନିକ ଗ୍ରନ୍ଥର ଅବତାରଣା କରିବା ସହ ସଫଳତା ପ୍ରାପ୍ତିରେ ନଥାଏ, ବରଂ ଚେଷ୍ଟାରେ ଥାଏ ବୋଲି କହି ରାସ୍ତା ଦେଖାଯାଉ ନଥିଲେ ମଧ ଆଗେଇଯିବା ଉଚିତ୍ ବୋଲି ସେ ପରାମର୍ଶ ଦେଇଛନ୍ତି । ସ୍ୱାମୀ ବିବେକାନନ୍ଦଙ୍କ ବକ୍ତବ୍ୟର ଅବତାରଣା କରି ଏହି ପୁସ୍ତକରେ ରହିଥିବା ସ୍ୱପ୍ନ ପୂରଣ କ୍ଷେତ୍ରରେ ସଫଳତା ନ ମିଳିଲେ ମଧ ସେପରି ଅବସ୍ଥା ଆସିବା ପୂର୍ବରୁ ଚେଷ୍ଟା କରିବା ଉଚିତ୍ ବୋଲି ପରାମର୍ଶ ଦେଇଛନ୍ତି । ବିକଳାନନ୍ଦ କର ମେମୋରିଆଲ ଟ୍ରଷ୍ଟର ଟ୍ରଷ୍ଟି ହିମାଂଶୁ ଶେଖର ଦାଶ ଏହି ପୁସ୍ତିକାର ପରିକଳ୍ପନାର ଆରମ୍ଭ, ପରିସମାପ୍ତି, ହିନ୍ଦୀ, ଇଂରାଜୀ ଏବଂ ଓଡ଼ିଆ ତ୍ରିଭାଷାରେ ପ୍ରକାଶନ ସହିତ ବଙ୍ଗଳା ଭାଷାରେ ପ୍ରକାଶନର ବିସ୍ତୃତ ସୂଚନା ଦେଇଥିଲେ । ୨୦୨୪ ମସିହାରେ ସମ୍ବଲପୁରସ୍ଥିତ ଆଇଆଇଏମ୍‌ରେ ଏହି ପୁସ୍ତକ ଲୋକାର୍ପଣ ହୋଇଥିବା ସୂଚନା ଦେଇ ବିନା ମୂଲ୍ୟରେ ଫ୍ଲିପକାର୍ଡ଼ ଓ ଆମାଜନରେ କେବଳ ସେବା ଖର୍ଚ୍ଚ ମାଧ୍ୟମରେ ମିଳିପାରିବ ବୋଲି କହିଥିଲେ । ପୁସ୍ତକ ସମ୍ପର୍କିତ ନିଜର ମତାମତକୁ ଇଣ୍ଟରନେଟ ମାଧ୍ୟମରେ ଦେବା ପାଇଁ ମଧ ଶ୍ରୀ ଦାଶ ଅନୁରୋଧ କରିଥିଲେ । ଏହି ଅବସରରେ ପୁସ୍ତକଟିର ଉନ୍ମୋଚନ ନ୍ୟାୟମୂର୍ତ୍ତି ଶ୍ରୀ ରଥ କରିଥିବା ବେଳେ ଅନଲାଇନରେ ମଧ ଏହାର ଉନ୍ମୋଚନ ହୋଇଥିଲା। ଆଲୋଚନା ପ୍ରାରମ୍ଭରେ ବିଷ୍ଣୁଚରଣ ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ।

# ଭେଣ୍ଡିଂ ଜୋନ ନ ଦେଲେ ଅଚଳ ହେବ କଟକ : ଉଠାଦୋକାନୀ ମହାସଂଘ

କଟକ, (ସବ୍ୟୁ): ଉଠାଦୋକାନୀ ମହାସଙ୍ଘ ଆହ୍ୱାନକ୍ରମେ ଉଚ୍ଛେଦ ନୁହେଁ ଥଇଥାନ ଓ ସ୍ୱାଭିମାନର ସହ ବ୍ୟବସାୟ କରିବା ଦାବି ନେଇ ଏକ ରୋଡ଼ ଓ ସିଡିଏ ପ୍ରଭୃତି ଅଞ୍ଚଳରୁ ଶହ ଶହ ରାସ୍ତାପାର୍ଶ୍ୱ ଉଠାଦୋକାନୀ ଯୋଗଦେଇ ଜନଗର୍ଜ୍ଜନ ସମାବେଶରେ ସାମିଲ ହୋଇଥିଲେ ।

ବିଶିଷ୍ଟ ବାମପନ୍ଥୀ ନେତା ମଧରେ ବିଦ୍ୟାପ୍ରସନ୍ନ ମହାପାତ୍ର, ନିରଞ୍ଜନ ସାହୁ, ରବୀନ୍ଦ୍ର ସାହୁ, ନରୋତ୍ତମ ଦାସ, ଛବି ଖୁଣ୍ଟିଆ, ନିତ୍ୟାନନ୍ଦ ନାଏକ, ଶିବ ବେହେରା, ସନ୍ତୋଷ ସାହୁ, ଗୌତମ ଦେ,




ବିଶାଳ ପ୍ରତିବାଦ ଶୋଭାଯାତ୍ରା ପୁରୀଘାଟ ଗାନ୍ଧୀଛକ ଠାରୁ ବାହାରି ବିଭିନ୍ନ ସ୍ଲୋଗାନ ଦେଇ କଟକ ପୌର ନିଗମ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲା । କଟକ ଉଠାଦୋକାନୀ ମହାସଙ୍ଘ ସଭାପତି ଆଡ଼ଭୋକେଟ ଅମରେନ୍ଦ୍ର ମହାନ୍ତିଙ୍କ ପୌରାହିତ୍ୟରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବାଦାମବାଡ଼ି, ଦୋଳମୁଣ୍ଡାଇ, ରାଣୀହାଟ, ମଙ୍ଗଳାବାଗ, ମଧୁପାଟଣା, ବକ୍ସିବାଟି, ମହତାବ ଆଡ଼ଭୋକେଟ ଡକ୍ଟର ପ୍ରଶାନ୍ତ ମିଶ୍ର ଓ ବାମଗଣତାନ୍ତ୍ରିକ ମୋର୍ଚ୍ଚା ନେତା ସଂଗ୍ରାମୀ ତପନ ମିଶ୍ର ସମାବେଶରେ ଉଦବୋଧନ ଦେଇ କଟକ ସହରରେ ଭେଣ୍ଡିଂ ଜୋନ ନ ଦେଇ ପ୍ରଶାସନ ଉଠାଦୋକାନୀମାନଙ୍କୁ ବିକାଶର ଦ୍ୱାହି ଦେଇ ବାରମ୍ବାର ନିର୍ଯ୍ୟାତନା କରିବା ଇଚ୍ଛାକୃତ ଭାବେ ଆଇନିର ଉଲଂଘନ କରୁଛନ୍ତି ବୋଲି କହି ଏହାର ମୁକାବିଲା କରିବା ପାଇଁ ଦୋକାନୀ ଭାଇମାନଙ୍କୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ରମେଶ ନାୟକ, ରମାକାନ୍ତ ନାଏକ, ଜି. ସୁବାରାଓ, ରତ୍ନାକର ସାହୁ, ନୈନା ଦେହୁରୀ ଓ ନୀଳିମା ଦେବୀ ପ୍ରମୁଖ ଉଦବୋଧନ ଦେଇ ସରକାରଙ୍କୁ ସତର୍କ କରିଥିଲେ । ଭେଣ୍ଡିଂ ଜୋନ ନ ଯୋଗାଇ ଉଚ୍ଛେଦ କରିବା ବନ୍ଦ କର । ଉଚ୍ଛେଦ ହୋଇଥିବା ଦୋକାନୀଙ୍କୁ କ୍ଷତିପୂରଣ ଦିଅ । ଯଦି ଆଇନିଅନୁସାରେ ଉଠାଦୋକାନୀମାନଙ୍କୁ ନ୍ୟାୟ ନ ମିଳେ ତେବେ କଟକ ସହରକୁ ଅଚଳ କରିଦିଆଯିବ ବୋଲି ସତର୍କ କରିଦେଇଥିଲେ ।

## କରତ କଳ ଉପରେ ଚଢ଼ାଉ

# ଲକ୍ଷାଧିକ ଟଙ୍କାର କାଠ ଓ ଯନ୍ତ୍ରାଂଶ ଜବତ

ବାଲିପାଟଣା ,(ସବ୍ୟୁ) :ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ଓ ବାଲିପାଟଣା ଥାନା ଅଞ୍ଚଳରେ ଆଜି ସକାଳୁ ବନବିଭାଗ ଏବଂ ଭିଜିଲାନ୍ସର ସାଧନା ସ୍ୱାଇଁଙ୍କ ନେତୃତ୍ୱରେ ତିନି ବେଆଇନ କରତ କଳ ଉପରେ ଚଢ଼ାଉ କରାଯାଇ ୪୧.୭୫ ଲକ୍ଷ ଟଙ୍କାର କାଠ ଓ ଯନ୍ତ୍ରାଂଶ ଜବତ କରିଛି। ପ୍ରକାଶ ଥାଉ କି ବାଲିପାଟଣାର ଝିଙ୍କିଣ୍ଡି ଗ୍ରାମ , ହିରାପୁର ଓ ମକୁନ୍ଦାସପୁର ପଞ୍ଚାୟତ ଚିତ୍ତଳପୁର ନିକଟରେ ଦୀର୍ଘଦିନ ଧରି ବେଆଇନ୍ କରତ କଳ ଚାଲୁଥିଲେ ମଧ ବନ ବିଭାଗ ପକ୍ଷରୁ କୌଣସି ଚଢାଉ କରାଯାଇ ନ ଥିଲା। ବାରମ୍ବାର ଅଭିଯୋଗ ପରେ ବାଧ୍ୟ ବାଧକରେ ଚଢାଉ କରିଛି ବନ ବିଭାଗ। ବିଶେଷ ସୂତ୍ରରୁ ଖବର ପାଇ ବାଲିପାଟଣା ବନ ବିଭାଗ ଅଧିକାରୀ ରେଶ୍ମା ପରିଡା ଓ ପିପିଲି ବନ ବିଭାଗ ଅଧିକାରି ସୋମବାର ସକାଳ ସମୟରେ ଖୋର୍ଦ୍ଧା ବନବିଭାଗ ଭିଜିଲାନସ୍ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏ ସି ଏଫ୍ ସାଧନା ପ୍ରିୟଦର୍ଶିନୀ ସ୍ୱାଇଁ ଓ ବାଲିପାଟଣା ବନବିଭାଗ ରେଞ୍ଜର ରେସ୍ମା ପରିଡା , ବିପୁଳ ପୋଲିସ ଫୋର୍ସ,ଓ ବାଲିପାଟଣା ବନ ବିଭାଗ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।



ମୟୁରଭଞ୍ଜ ଜିଲ୍ଲା ଜଶିପୁର ଠାରେ ଗରୀବ ଆଦିବାସୀ ଲୋକଙ୍କୁ କମ୍ବଳ ବଣ୍ଟନ କରୁଛନ୍ତି ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ୍‌ସିଂ ଖୁଣ୍ଟିଆ । ଭୁବନେଶ୍ୱର କୋଲ୍ ମାଇନିଂ ଲିମିଟେଡ୍ ଅନୁଗୁଳ ପକ୍ଷରୁ କମ୍ପାନୀର ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର) କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ ଗରୀବ ଆଦିବାସୀ ପରିବାର ଗୁଡ଼ିକର କଲ୍ୟାଣ ପାଇଁ ଏହି ୨୦୦୦ କମ୍ବଳ ଦାନ କରାଯାଇଛି ।

# ଶ୍ରମିକମାନଙ୍କ ସ୍ୱାର୍ଥ ପାଇଁ ଲଢେଇ ହେବ : ତନ୍ମୟ ଜେନା



ପାରାଦୀପ ,(ଜିପ୍ର) : ପାରାଦୀପ ଜୟଦେବ ସଦନ ପଡିଆରେ ଏକ ବିଶାଳ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି । ପାରାଦୀପ ପୋର୍ଟ ଆଣ୍ଡ ଡକ ମଜଦୁର ଇଉନିୟନର ସାଧାରଣ ସମ୍ପାଦକ ସନାତନ ବେହେରା ଙ୍କର ସଭାପତିତ୍ୱରେ ସନ୍ଧ୍ୟା ସମୟରେ ଆୟୋଜିତ ଏହି ସମାବେଶରେ ବିଶିଷ୍ଟ ଶ୍ରମିକ ନେତା ସ୍ୱର୍ଗତଃ ଘନଶ୍ୟାମ ଜେନା ଙ୍କ ସୁପୁତ୍ର ତଥା ଏଫସିଆଇ ଇଉନିୟନ ର ସଭାପତି ତନ୍ମୟ ଜେନା , ଉପ ସଭାପତି ଆର ଏନ ଦାସ , ଜଗତସିଂହପୁର ସାଂସଦ ଡଃ ବିଭୁ ପ୍ରସାଦ ତରାଇ , ଇଫକୋ କର୍ମଚାରୀ ଇଉନିୟନ ର ସମ୍ପାଦକ ପରେଶ ପ୍ରଧାନ ପ୍ରଧାନ ଯୋଗଦେଇ ଶ୍ରମିକ ମାନଙ୍କ ସମସ୍ୟା ସମାଧାନ ଦିଗରେ ବ୍ୟାପକ ଆଲୋଚନା କରିଥିଲେ ।ଏହି ସମାବେଶରେ ଅନେକ ଶ୍ରମିକ ବିଭିନ୍ନ ଶିଳ୍ପ ଦ୍ୱାରା ଶୋଷଣର ଶିକାର ହେଉଥିବା ବେଳେ ଶ୍ରମିକ ଛଟେଇ ହେଉଥିବା ମଧ୍ୟ ଅଭିଯୋଗ କରିଥିଲେ ।ତୈଳ ବିଶୋଧନାଗାର ରେ ବିଶେଷ କରି ଶ୍ରମିକ ମାନଙ୍କ ନ୍ୟାର୍ଯ୍ୟ ଦାବି ପ୍ରତି କର୍ତ୍ତୃପକ୍ଷ ବାରମ୍ବାର ସଂଘର ଦାବିକୁ କର୍ଣ୍ଣପାତ କରୁନଥିବା ବେଳେ ଆଗକୁ ଶ୍ରମିକ ମାନଙ୍କ ସମସ୍ୟାକୁ ନେଇ ବ୍ୟାପକ ଆନ୍ଦୋଳନ ହେବ ବୋଲି ଶ୍ରମିକ ନେତାମାନେ ପ୍ରକାଶ କରିଥିଲେ ।ଏହି ଶ୍ରମିକ ସଙ୍ଗଠନ ସହ ମୋର ବହୁତ ଦିନର ସମ୍ପର୍କ ସ୍ୱର୍ଗତ ଘନଶ୍ୟାମ ଜେନା ଙ୍କ ନେତୃତ୍ୱ ସାରା ଭାରତ ବର୍ଷରେ ସମସ୍ତେ ଜାଣନ୍ତି ଶ୍ରମିକ ମାନଙ୍କ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସାଂସଦ ବିଭୁ ପ୍ରସାଦ ତରାଇ ପ୍ରକାଶ କରିଥିଲେ । ଶ୍ରମିକ ମାନଙ୍କର ଶ୍ରମରେ ଆଜି ଶିଳ୍ପର ଅଭିବୃଦ୍ଧି ଘଟିଛି । ଶିଳ୍ପର ଲାଭାଂଶରୁ ଶ୍ରମିକ ମଧ୍ୟ ଲାଭ ପାଇବ ଉଚିତ ବୋଲି ସାଂସଦ ତାଙ୍କ ଉଦବୋଧନରେ ପ୍ରକାଶ କରିଥିବା ବେଳେ ଅନେକ ଶ୍ରମିକ ସଂଗଠନ କେବଳ ନିଜ ସ୍ୱାର୍ଥ ପାଇଁ ଏଠି ନେତା ହୋଇଛନ୍ତି ।ତାଙ୍କୁ ଆପଣ ମାନେ ଚିହ୍ନଟ କରନ୍ତୁ ବୋଲି ପ୍ରକାଶ କରିଥିଲେ। ଶ୍ରମିକ ମୋର ବଳ ଶ୍ରମିକ ଥିଲେ ।ବିଶିଷ୍ଟ ଶ୍ରମିକ ନେତା ସ୍ୱର୍ଗତଃ ଘନଶ୍ୟାମ ଜେନାଙ୍କର ପ୍ରାଣ ତାଙ୍କ ନୀତି ନିୟତି ଓ ଆଶୀର୍ବାଦକୁ ମୁଁ ପାଥେୟ କରି ଆପଣ ମାନଙ୍କ ସହ ଅଛି ଓ ରହିବି । ଶ୍ରମିକ ମାନେ ସବୁବେଳେ ନିର୍ଯାତିତ ଓ ନିଷ୍ପେଷିତ ଶ୍ରମିକମାନଙ୍କ ସ୍ୱାର୍ଥ ପାଇଁ ମୁଁ ଅନେକ ଶିଳ୍ପ ସଂସ୍ଥା ସହ କଥା ହୋଇଛି । ଶ୍ରମିକ ମାନଙ୍କ ନ୍ୟାର୍ଯ୍ୟ ଦାବି ପ୍ରତି ଶିଳ୍ପ ସଂସ୍ଥା ମାନେ ଦାୟିତ୍ୱବାନ ହୁଅନ୍ତୁ ବାରମ୍ବାର ଦାବି ଦେବାପରେ ଯଦି ନଶୁଣିବେ। ତେବେ ବାଧହୋଇ ଆନ୍ଦୋଳନର ପନ୍ଥା ଅବଲମ୍ବନ କରାଯିବ ବୋଲି ଶ୍ରମିକ ନେତା ତନ୍ମୟ ଜେନା ପ୍ରକାଶ କରିଥିଲେ। ଅନେକ ଶ୍ରମିକମାନେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଏହି ସମାବେଶରେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଜିଲ୍ଲାପାଳଙ୍କୁ ଭେଟିଲେ କୃଷି ସମବାୟ ସମିତି ସଂପାଦକ

କେନ୍ଦ୍ରାପଡା,(ସବ୍ୟୁ) :କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟରତ ଥିବା ୧୨୧ ଟି କୃଷି ସମବାୟ ସମିତିର ସଂପାଦକ ମାନେ ଜିଲ୍ଲାପାଳଙ୍କୁ ଭେଟି ନୂତନ ବର୍ଷର ଅଭିନନ୍ଦନ ଜଣାଇବା ସହ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିବା ଜଣାପଡିଛି । ଜିଲ୍ଲା ସଂପାଦକ ସଂଘର ସଭାପତି ବୈରାଗୀ ଚରଣ ସାହୁଙ୍କ ନେତୃତ୍ୱରେ ଜିଲ୍ଲାପାଳ ସ୍ମୃତି ରନ ପ୍ରଧାନଙ୍କୁ ଭେଟି ଧାନକିଣା ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିବା ସହ ଚାଷୀ ମାନଙ୍କର ଉତୋରତର ଉନ୍ନତି ପାଇଁ ରାଜ୍ୟ ସରକାର ଗ୍ରହଣ କରିଥିବା ପଦକ୍ଷେପ ସଂପର୍କରେ ସଂପାଦକ ମାନଙ୍କୁ ଯତ୍ନବାନ ହେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଚାଷୀ ମାନଙ୍କର ଯେପରି କୌଣସି ଅସୁବିଧା ନ ହୁଏ ସେ ଦିଗରେ ସମସ୍ତେ ସଚେତନ ରହିବା ଆବଶ୍ୟକ । ଅନ୍ୟ ମାନଙ୍କ ମଧ୍ୟରେ ନୀଳମଣି ପ୍ରଧାନ, ଅସୀତ କୁମାର ବେହୁରିଆ, ଶ୍ରୀହର୍ଷ ମର୍ହି, ବିଜୟ କୁମାର ବାରିକ, ସେକ ସକିଲ ଅହେମଦ, କାଳନ୍ଦୀ ବିଶ୍ୱାଳ, ସୁବୋଧ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ ।

# ମଧୁବନ ହାଇସ୍କୁଲ ୧୯୮୨ ମ୍ୟାଟ୍ରିକ୍ ବ୍ୟାଚ୍ ବନ୍ଧୁ ମିଳନ



କୁଆଖିଆ,(ସବ୍ୟୁ) : ରସୁଲପୁର ବ୍ଲକ୍ ଅନ୍ତର୍ଗତ ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୮୨ ମ୍ୟାଟ୍ରିକ୍ ବ୍ୟାଚ୍‌ର ବନ୍ଧୁ ମିଳନ ସମାରୋହ ଉତ୍ସବ ପୁର୍ବତନ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ଶିକ୍ଷାବିତ ପୁର୍ବତନ ପ୍ରଧାନ ଶିକ୍ଷକ ଜିତେନ୍ଦ୍ର କୁମାର କର, ଶ୍ରୀନିବାସ ମିଶ୍ର, ରାଜ କିଶୋର ପଣ୍ଡା , ଗୋବିନ୍ଦ ଚନ୍ଦ୍ର ମହାରଣା , ବିଷ୍ଣୁଚରଣ ସାହୁ ଓ ନାରାୟଣ ରଥ, ଚନ୍ଦ୍ରମଣୀ ଲେଙ୍କା ଯୋଗଦେଇ ୧୯୮୨ ପିଲାଙ୍କୁ ଆର୍ଶିବଚନ ଦେଇଥିଲେ। ପ୍ରଥମେ ଦିବଙ୍ଗତ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଶିକ୍ଷକ ମାନେ ଓ ଛାତ୍ରଛାତ୍ରୀ ପ୍ରମୁଖ ସହପାଠି ବନ୍ଧୁମାନେ ମଧୁବନ ହାଇସ୍କୁଲର ଗୌରବ ମୟ ଦୀର୍ଘ ପଥର ଇତିହାସ ସମ୍ପର୍କରେ ଆଲୋକପାତ କରି ୧୯୮୨ ବ୍ୟାଚ ବିଦ୍ୟାର୍ଥିଙ୍କ ଶୃଙ୍ଖଳା ଉପରେ କହିଥିଲେ। ୧୯୮୨ ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ସହପାଠୀ ସମାବେଶରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରସ୍ପର ଭାବ ଆଦାନ ପ୍ରଦାନ ହୋଇଥିଲା। ସଭିଏ ସମାଜର ସେବା କରିବା ପାଇଁ ଶପଥ ନେଇଥିଲେ। ଏଥିରେ ୧୯୮୨ର ବ୍ୟାଚର ଛାତ୍ର ଛାତ୍ରୀ ମାନେ ପୁରାତନ ଶିକ୍ଷକ/ଶିକ୍ଷିକା ମାନଙ୍କୁ ପୂଜା କରିଥିଲେ। ଏଥିରେ ନିତ୍ୟାନନ୍ଦ ସାହୁ, ରଘୁନାଥ ପରିଡା, ଆଶିଶ କଣ୍ଠ, ଦିବାକର ସାହୁ, ପିତାମ୍ବର ସାହୁ, ବିଜୟ କୁମାର ସେଠୀ, ସରୋଜ ପତି, ଚିନ୍ମୟୀ ପଣ୍ଡା, ଝୁନାରାଣୀ ଦ୍ୱିବେଦୀ, ସୁଧାଂଶୁ ବାଳା ରଥ, ଶୈଳବାଳା ପତି, ଅକ୍ଷୟ ସାହୁ ପ୍ରମୁଖ ଯୋଗଦେଇଥିଲେ । ନିହାର ରଂଜନ ପତି ଭକ୍ତିସଂଗୀତ ଗାନ ,ମିହିର ମିଶ୍ର ମଂଚ ପରିଚାଳନା କରିଥିଲେ । ପ୍ରଦୀପ କୁମାର ବଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ପରିବା ଚାଷୀ ଅଭାବୀ ବିକ୍ରିର ଶିକାର

ଡେରାବିଶ, (ସବ୍ୟୁ) : ଡେରାବିଶ ବ୍ଲକ ଅନ୍ତର୍ଗତ ଛୋଟି ଓ ମଙ୍ଗଳପୁର ପଞ୍ଚାୟତଦେଇ ବହିଯାଇଥିବା ବିରୁପା ନଦୀରେ ପଠାରେ ସ୍ଥାନୀୟ ଅଂଚଳର ବହୁ ଚାଷୀ ପରିବାର ଚାଷ କରିଛନ୍ତି । ହେଲେ ଏବେ ବଜାରରେ ପରିବାର ଦର ଧିରେ ଧିରେ କମିଯାଉଥିବାରୁ ଚାଷୀମାନେ ଅଭାବି ବିକ୍ରୀର ଶିକାର ହେଉଛନ୍ତି । ଏ ସମ୍ପର୍କରେ ଚାଷୀ ବିଜୟ ମଳିକ କୁହନ୍ତି ସେ ବିରୁପା ନଦୀ ପଠାରେ ୨୦ ଗୁଣ୍ଠ ଜମିରେ ବାଇଗଣ ଚାଷ କରିଥିଲେ । ସେଥିରେ ସାର, ଔଷଧ, ମୂଲମଜୁରୀରେ ବହୁ ଖର୍ଚ୍ଚାନ୍ତ ହୋଇଛନ୍ତି । ଏବେ ହଠାତ ବାଇଗଣର ମୂଲ୍ୟ ବଜାରେ ୧୦ ଟଙ୍କାରୁ କମିଯିବାରୁ ସେ ଜମିରୁ ବାଇଗଣ ତୋଳୁ ନାହାଁନ୍ତି । କାରଣ ତୋଳା ମଜୁରୀ ମଧ ହାତକୁ ଆସିବ ନାହିଁ । ତେଣୁ ତାଙ୍କ ଜମିରେ ଏବେବି ସୁଦ୍ଧା କ୍ୟୁଂଟାଲ, କ୍ୟୁଂଟାଲ ବାଇଗଣ ଗଛରେ ଝୁଲି ରହିଛି । ଏଭଳି ଅବସ୍ଥା କେବଳ ବିଜୟଙ୍କର ନୁହେଁ ଏହି ପଠାରେ ଚାଷ କରିଥିବା ଅନ୍ୟ ବହୁ ଚାଷୀଙ୍କର ଅବସ୍ଥା ମଧ ବିଜୟଙ୍କ ପରି ହୋଇଛି । ଏଭଳି ସ୍ଥିତିରେ ଚାଷିଟିଏ ତାର ଫସଲକୁ ତୋଳି ବାହାର ବଜାରକୁନେବା ସମ୍ଭବ ହେଉନାହିଁ । ତେଣୁ ସରକାରଙ୍କ ପକ୍ଷରୁ ପରିଚାଳିତ ଜିଲ୍ଲାର ନିୟନ୍ତ୍ରିତ ବଜାର କମିଟି ଚାଷୀମାନଙ୍କ ଉତ୍ପାଦିତ ପରିବା ଫସଲର ସର୍ବନ୍ନ୍ୟ ସହାୟକ ମୂଲ୍ୟ ଧାର୍ଯ୍ୟ କରିବା ସହିତ ଚାଷୀମାନଙ୍କ ଠାରୁ ସଂଗ୍ରହ କରି ବାହାର ବଜାରରେ ବିକ୍ରିକରିବାକୁ ଅଂଚଳର ବହୁଚାଷୀଙ୍କ ସମେତ ବୁଦ୍ଧିଜୀବୀ ଓ ସମାଜସେବୀ ବାନାମ୍ବର ସାହୁ ଦାବି କରିଛନ୍ତି ।

# ଜିଗ୍ନୀପୁର ଖୋଲିଲା ମଣ୍ଡି : ଅଧା ଧାନ କିଣାକୁ ନେଇ ଚାଷୀ ଅସନ୍ତୋଷ

ନିଶ୍ଚିନ୍ତକୋଇଲି,(ସବ୍ୟୁ) : ଜିଗ୍ନୀପୁର ପଞ୍ଚାୟତ ସ୍ଥିତ ବଳଦେବଜୀଉ କୃଷି ସେବା ସମବାୟ ସମିତି ଆନୁକୂଲ୍ୟରେ ଧାନ ମଣ୍ଡି ଖୋଲାଯିବା ପାଇଁ କଣ୍ଟାପୂଜା କରାଯାଇଛି । ସମିତିର ସମ୍ପାଦକ ମହମ୍ମଦ ଅମିନ୍ ଖାଁଙ୍କ ପୌରହିତ୍ୟରେ ସଭାପତି ଧିରେନ୍ଦ୍ରନାଥ ବେହେରା ଉକ୍ତ ମଣ୍ଡିକୁ ଉଦଘାଟନ କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ସିଇଓ ଅଜୟ କୁମାର ସାହୁ ଯୋଗ ଦେଇଥିବାବେଳେ ନୋଡ଼ାଲ ଅଫିସର ତପୁଜା ସାମଲ, ଧାନ କ୍ରୟ କମିଟି ସଭ୍ୟ ଜଗବନ୍ଧୁ ରାଉତ, ସବ୍ୟସାଚୀ କର, ପଞ୍ଚାନନ ସାହୁ, ଭାଗ୍ୟଧର ମହାପାତ୍ର, ହେମନ୍ତ ପଣ୍ଡା, ଆରଏମସି କର୍ମଚାରୀ ଅମୂଲ୍ୟ ମଲିକ, ଡ଼ିଇଓ ମୀର ତାହେର ଅଲ୍ଲୀ ପ୍ରମୁଖ ଯୋଗ ଦେଇଥିଲେ । ଜାନୁଆରୀ ୬ ତାରିଖରେ ମଣ୍ଡି ଖୋଲିବା ପାଇଁ ସରକାର ଧାର୍ଯ୍ୟ କରିଥିବା ବେଳେ ମିଲର ଓ ମଣ୍ଡି ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଦାୟିତ୍ୱହୀନତା ପାଇଁ ଏହାର ୧୪ଦିନ ପରେ ସୋମବାର ମଣ୍ଡି ଖୋଲିଥିଲା । ୭ ତାରିଖ ଠାରୁ ଟୁକନ ଧରି ବସିଥିବା ଚାଷୀମାନଙ୍କ ମଧ୍ୟରୁ ପ୍ରଥମ ଦିନରେ ୮ଜଣ ଚାଷୀଙ୍କ ଠାରୁ ୪୨୦କ୍ୱିଣ୍ଟାଲ ଧାନ କିଣାଯିବା ପାଇଁ ଧାର୍ଯ୍ୟ କରାଯାଇ ଚାଷୀମାନଙ୍କୁ ଜଣାଇ ଦିଆଯାଇଥିଲା । ଚାଷୀମାନେ ମଧ ମଣ୍ଡିରେ ଧାନ ଆଣି ଗଦା କରି ରଖିଥିଲେ । ଏହି ମଣ୍ଡିରୁ ଧାନ କିଣିବା ପାଇଁ ଜୟଲକ୍ଷ୍ମୀ ମିଲରକୁ ସରକାର ଦାୟିତ୍ୱ ଦେଇଥିବାବେଳେ ଆଜି ପ୍ରଥମ ଦିନରେ ବହୁ ବିଳମ୍ବରେ ମିଲର ମଣ୍ଡିରେ ପହଞ୍ଚି ୨ଶହ କ୍ୱିଣ୍ଟାଲ ଅର୍ଥାତ୍ ଅଧା ଧାନ କିଣିଥିଲା । ଆଉ ଅଧା ଚାଷୀମାନେ ଧାନ ଓଜନ କରିବା ପାଇଁ ଜଗି ବସି ରହିଥିଲେ ମଧ ମିଲର ଗାଡ଼ି ନପଠାଇବାରୁ ଚାଷୀମାନଙ୍କର ଧାନ ନଯାଇପାରି ମଣ୍ଡିରେ ପଡ଼ିରହିଛି । ଫଳରେ ଚାଷୀମାନଙ୍କ ମଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଚାଷୀମାନଙ୍କର ଟୁକନ ଅବଧି ଏକମାସ ସମୟ ହୋଇଥିବାବେଳେ ୨୦ଦିନ ପରେ ମଣ୍ଡି ଖୋଲାଯାଇଥିବାରୁ ଆଉ ୮ଦିନ ପରେ ବହୁ ଚାଷୀଙ୍କର ଟୁକନ ରଦ୍ଦ ହେବାର ଆଶଙ୍କା ପ୍ରକାଶ ପାଇଛି । ମିଲର ଅଧିକ ଗାଡ଼ି ପଠାଇଲେ ସମିତି ପକ୍ଷରୁ ବ୍ୟବସ୍ଥିତ କରାଯାଇ ସମସ୍ତ ଚାଷୀଙ୍କ ଠାରୁ ଧାନ କିଣାଯିବାର ସୁବିଧା ହୋଇପାରିବ ବୋଲି ସଭାପତି ଶ୍ରୀ ବେହେରା ପ୍ରକାଶ କରିଛନ୍ତି । ଅପରପକ୍ଷରେ ଟୁକନ ପାଇଥିବା ଚାଷୀମାନଙ୍କ ଠାରୁ ମିଲର ଯଥାଶୀଘ୍ର ଅବଧି ସମୟ ମଧରେ ଧାନ କ୍ରୟ କରି ନେବା ପାଇଁ ଚାଷୀମାନେ ଦାବି କରିଛନ୍ତି ।

# ଦୁଗ୍ଧ ଚାଷଙ୍କ ପାଇଁ ଋଣ ପ୍ରଦାନ ମେଳା

ରଘୁନାଥପୁର,(ସବ୍ୟୁ) :ରଘୁନାଥପୁର ବ୍ଲକ ଅଧିନସ୍ଥ ପୁରଣ ଓଡ଼ପଡା ପଞ୍ଚାୟତରେ ଥିବା ସରସ୍ୱତୀ ମଣ୍ଡପରେ ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ବ୍ୟାଙ୍କ ଅଫ ବରୋଦା ଓ ନାବାର୍ଡ ମିଳିତ ଆନୁକୁଲ୍ୟରେ ଦୁଗ୍ଧ ଚାଷୀମାନଙ୍କୁ ଗାଇ କିଣିବା ନିମନ୍ତେ ଏକ ଜିଲ୍ଲା ସ୍ତରୀୟ ଋଣ ପ୍ରଦାନ ମେଳା ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚାଷୀ ମାନଙ୍କୁ ୨କୋଟି ୬୦ଲକ୍ଷ ଟଙ୍କାର ଣ ପ୍ରଦାନ କରା ଯାଇଥିବା ବେଳେ ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ୨ଜଣ ଚାଷୀଙ୍କୁ ୨ଟି ଟ୍ରାକ୍ଟର ଓ ନାବାର୍ଡ ପକ୍ଷରୁ ୩ଟି କୃଷକ ଉତ୍ପାଦକ ସଂଗଠନକୁ ମୋବାଇଲ ଭ୍ୟାନ ପ୍ରଦାନ କରା ଯାଇଥିଲା।ଏଥିରେ ସମ୍ମାନୀତ ଅତିଥି ଭାବେ ଓମଫେଡର ଏମଡି ବିଜୟ ଅମୃତି କୁଲାଙ୍ଗେ,ନାବାର୍ଡ ମୁଖ୍ୟ ପ୍ରବନ୍ଧକ ସୁଧାଂଶୁ ମିଶ୍ର,ଉପ ପ୍ରବନ୍ଧକ ଅଜୟ କୁମାର ସୁଦ,ବ୍ୟାଙ୍କ ଅଫ ବରୋଦାର ଇଡି ବୀଣା ଓହିଦ,ଆଂଚଳିକ ପରିଚାଳକ ସ୍ୱପ୍ନା ବନ୍ଦୋପାଧ୍ୟାୟ, ଗ୍ରାମ୍ୟ ବ୍ୟାଙ୍କର ଅଧ୍ୟକ୍ଷ କ୍ଷି ସିଂ,ଜଗତସିଂହପୁର ଜିଲ୍ଲା ବିକାଶ ପ୍ରବନ୍ଧକ ବିଶ୍ୱଭୂଷଣ ମହାନ୍ତି ଓ କଟକ ଜିଲ୍ଲା ବିକାଶ ବିକାଶ ପ୍ରବନ୍ଧକ ପ୍ରକ୍ସିମା ପରିଡା ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ପୁରଣ ଗ୍ରାମରେ ଥିବା ଅମୃତ ଡାରୀ ଏବଂ କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ ସହଯୋଗରେ ମହିଳା ଉତ୍ପାଦକ ଗୋଷ୍ଠି ଦୁଗ୍ଧରୁ ପେଡା,ଘିଅ,ଛେନା,ଦହି ଉତ୍ପାଦନ କରୁଥିବା ଅତ୍ୟାଧୁନିକ ମେଶିନ ଗୁଡିକ ବୁଲି ଦେଖିବା ସହିତ ସନ୍ତୋଷ ବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଡସର ଇଂ ସତ୍ୟ କୁମାର ବାଇ, ନବଜ୍ୟୋତି କ୍ଲବର କ୍ଷୀରୋଦ ଦାଶ, ମହାଶକ୍ତି ଫାଉଣ୍ଡେସନର ଦେବସ୍ମାନ ପରିଡା ଓ ହେରିଟେଡ ଡାଏରୀର ବିଶ୍ୱଜିତ ମହାନ୍ତି ଉପସ୍ଥିତ ରହି ସମସ୍ତ ପ୍ରକାର ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୫୦୦ରୁ ଉର୍ଦ୍ଧ ଦୁଗ୍ଧ ଚାଷୀ ଓ ମହିଳା ଯୋଗ ଦେଇଥିଲେ।

# ସି.ଏମ୍ ଟ୍ରଫି ଜିଲ୍ଲା ସ୍ତରୀୟ ଫୁଟବଲ୍ ଚାମ୍ପିଆନ୍‌ସିପ୍

ବ୍ୟାସନଗର,(ଜିପ୍ର): ଯାଜପୁର ଜିଲ୍ଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ବ୍ୟାସନଗର ଷ୍ଟାଡ଼ିୟମ୍‌ଠାରେ ଚାଲୁଥିବା ସି. ଏମ୍ ଟ୍ରଫି ଜିଲ୍ଲା ସ୍ତରୀୟ ଫୁଟବଲ୍ ଚାମ୍ପିଆନ୍‌ସିପ୍ ଟୁର୍ଣ୍ଣାମେଣ୍ଟରର ପ୍ରଥମ ମ୍ୟାଚ୍ ଜାମୁପସି ଏଫସିଓ ବାଘୁଆପାଳ ଏଫସି ମଧରେ ହୋଇଥିଲା। ମ୍ୟାଚ୍‌ରେ ବାଘୁଆପାଳ କ୍ଲବ୍ ୫-୪ ଗୋଲ୍‌ରେ ବିଜୟ ହୋଇଥିଲେ। ୨ୟ ମ୍ୟାଚ୍ ନାକାଡ଼େଇ ଏଫସି. ଓ ଦକ୍ଷିଣପସି ଏଫସି. ମଧରେ ହୋଇଥିଲା। ଦକ୍ଷିଣପସି ୧-୦ ଗୋଲ୍‌ରେ ବିଜୟ ହୋଇଥିଲେ। ସୋମବାର ଦିନ ପ୍ରଥମ ମ୍ୟାଚ୍ ମଧୁବନ ଏଫସି. ଓ ତ୍ରିଜଙ୍ଗା ଏଫ ସି. ମଧରେ ହୋଇଥିଲା। ଏହି ମ୍ୟାଚ୍‌ଟି ଅମିମାଂସିତ ରହିଥିଲା । ୨ୟ ମ୍ୟାଚ୍ ଗୋବରଘାଟି ଏଫସି. ଓ ମହାଲକ୍ଷ୍ମୀ କ୍ଲବ୍, ଖଇରାବାଦ ମଧରେ ହୋଇଥିଲା। ମହାଲକ୍ଷ୍ମୀ କ୍ଲବ୍ ୪-୧ ଗୋଲ୍‌ରେ ବିଜୟ ହୋଇଥିଲେ। ଆଜିର ଖେଳରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଫୁଟବଲ୍ ଦଳର ହେଡ୍ କୋଚ୍ ଅକ୍ଷୟ କୁମାର ଦାସ, ସାଧାରଣ ସଂପାଦକ ସମ୍ବିଦ୍ ମହାନ୍ତି, ଭରତ କିସ୍କୁ ଯୋଗ ଦେଇଥିଲେ। ଖେଳକୁ ରାମ ବେଲାଇ ବେସରା, ଶିବ ଡ଼ାଙ୍ଗିଲ୍, ଆନ୍ତନା ଶିଙ୍କୁ, ଉପେନ୍ଦ୍ର ଡ଼ାଙ୍ଗିଇ୍ ଓ ପୁରୁଷୋତମ ହାନ୍ସା ପରିଚାଳନା କରିଥିଲେ। ରେଫରୀ କମିଶନର ଭାବେ ଆନ୍ଦ୍ରିୟାସ୍ କାଣ୍ଡୁଲିନା ଯୋଗ ଦେଇଥିଲେ।

## ଇଜତମା ଅଞ୍ଚଳ ପରିଦର୍ଶନ କଲେ ବିଧାୟକ

କେନ୍ଦ୍ରାପଡା,(ସବ୍ୟୁ) : କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଚଉଦକୁଲାଟ ଠାରେ ହେବାକୁ ଥିବା ଇଜତମା ଅଂଚଳ ପରିଦର୍ଶନ କରି କମିଟିର ସଦସ୍ୟ ମାନଙ୍କ ସହିତ ପ୍ରସ୍ତୁତି ସଂପର୍କରେ ସମୀକ୍ଷା କରିଥିଲେ । ବିଧାୟକ ଶ୍ରୀ ବେହେରା ସୋମବାର ସନ୍ଧ୍ୟା ୫ଟାରେ ଇଜତମା ସ୍ଥାନରେ ପହଁଚି ରାସ୍ତା, ପାଣି, ବିଦ୍ୟୁତ୍, ପରିମଳ, ଗାଡି ରହିଣୀ ସ୍ଥାନ, ଭକ୍ତ ମାନଙ୍କ ଆଶ୍ରୟ ସ୍ଥଳୀ ବିଭିନ୍ନ ସ୍ଥାନ ପରିଦର୍ଶନ କରି ସମୀକ୍ଷା କରିଥିଲେ । ଇଜତମା କମିଟିର ସଭାପତି ମହମ୍ମଦ ଆବତାବ ଆଲାମ ଓ ଅନ୍ୟ ପ୍ରତିନିଧି ମାନଙ୍କ ସହ ଆଲୋଚନା କରି ଅସ୍ଥାୟୀ ରାସ୍ତା ନିର୍ମାଣ, ପାନୀୟ ଜଳ ପାଇପ ସଂଯୋଗ ସଂପର୍କରେ ଆଲୋଚନା କରିଥିଲେ । କେତେକ କାର୍ଯ୍ୟରେ ବିଳମ୍ବ ହେବାରୁ ତ୍ୱର' ଏହି କାର୍ଯ୍ୟ ଗୁଡିକୁ ସାରିବା ପାଇଁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି । ତାଙ୍କର ଏହି ଆଲୋଚନା ସମୟରେ ସ୍ଥାନୀୟ ଅଂଚଳର ସରପଂଚ, ସମିତିସଭ୍ୟ ଏବଂ ସ୍ଥାନୀୟ ଅଂଚଳର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଜିନ୍ଦଲ ଷ୍ଟେନଲେସ୍‌ର ସ୍ଥାନୀୟ ସମ୍ପ୍ରଦାୟ ପାଇଁ ବାର୍ଷିକ କ୍ରୀଡା ପ୍ରତିଯୋଗିତା



ବ୍ୟାସନଗର,(ଜିପ୍ର): ସାମୁଦାୟିକ ସମ୍ପର୍କ ଏବଂ ବିକାଶ ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରି, ଜିନ୍ଦଲ ଷ୍ଟେନଲେସର ସିଏସଆର ବିଭାଗ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ଜାନୁଆରୀ ୧୭ ଏବଂ ୧୮ରେ ଏହାର ବାର୍ଷିକ କ୍ରୀଡା ସମ୍ମିଳନୀ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମରେ ୨୦୦ରୁ ଅଧିକ ବ୍ୟକ୍ତି ଉତ୍ସାହୀ ଭାବରେ ଅଂଶଗ୍ରହଣ କରିଥିଲେ। ଯେଉଁଥିରେ ଅସ୍ମିତା ଉତ୍ପାଦନ କେନ୍ଦ୍ର, ଯୁବଶକ୍ତି ପାଇଁ ଦକ୍ଷତା ତାଲିମ କେନ୍ଦ୍ର, ଏବଂ ଜେଆଇଆଇଟି କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର ଭଳି ପ୍ରମୁଖ ସିଏସଆର ପ୍ରକଳ୍ପର ହିତାଧିକାରୀ, ଏବଂ ସମ୍ପ୍ରଦାୟର ସଦସ୍ୟ ଏବଂ ସିଏସଆର କ୍ଷେତ୍ର କର୍ମଚାରୀ ସାମିଲ ଥିଲେ। କ୍ରୀଡା ସମାବେଶରେ କ୍ୟାରମ୍ ଏବଂ କ୍ରିକେଟ୍ ଭଳି ଲୋକପ୍ରିୟ କାର୍ଯ୍ୟକଳାପ ସହିତ ସୂତା ଏବଂ ଛୁଞ୍ଚି ଦୌଡ଼, ପିଙ୍ଗ ପଙ୍ଗ ଏବଂ ଆଳୁ ଦୌଡ଼ ସମେତ ବିଭିନ୍ନ ମଜାଦାର ଖେଳ ପ୍ରଦର୍ଶିତ ହୋଇଥିଲା। ଏହା ବ୍ୟତୀତ କ୍ୟାରମ୍, କବାଡ଼ି ଏବଂ କ୍ରିକେଟ୍ ଭଳି ଲୋକପ୍ରିୟ ଖେଳ ପ୍ରତିଯୋଗିତା ମଧ ଆୟୋଜିତ ହୋଇଥିଲା। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମ ସମ୍ପ୍ରଦାୟ ମଧରେ ସୌହାର୍ଦ୍ଦ୍ୟ, ଦଳଗତ କାର୍ଯ୍ୟ ଏବଂ ଆନନ୍ଦ ବୃଦ୍ଧି ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିଥିଲା। ଜିନ୍ଦଲ ଷ୍ଟେନଲେସର କଳିଙ୍ଗନଗର ପ୍ଲାର ବରିଷ୍ଠ ମହିଳା ଇଞ୍ଜିନିୟରମାନେ ଶେଷ ଦିନରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ, ଅଂଶ ଗ୍ରହଣକାରୀ ମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ମନୋବଳ ବୃଦ୍ଧି କରିଥିଲେ। ଏହି କାର୍ଯ୍ୟକ୍ରମର ନେତୃତ୍ୱ ସିଏସଆରର ଆଞ୍ଚଳିକ ମୁଖ୍ୟ ସୁକାନ୍ତ ରଥ, ଦଳର ବରିଷ୍ଠ ସଦସ୍ୟ ସଞ୍ଜୟ ମହାନ୍ତି ଏବଂ ହେମନ୍ତ ବାହାଲିଆଙ୍କ ନେତୃତ୍ୱରେ କରାଯାଇଥିଲା, ଯେଉଁମାନେ କାର୍ଯ୍ୟକ୍ରମର ସୁଗମ କାର୍ଯ୍ୟକାରିତା ଏବଂ ସଫଳତାକୁ ସୁନିଶ୍ଚିତ କରିଥିଲେ। ଏପରି ପଦକ୍ଷେପ ଆୟୋଜନ କରି, ଜିନ୍ଦଲ ଷ୍ଟେନଲେସ୍ ସ୍ଥାନୀୟ ସମ୍ପ୍ରଦାୟ ସହିତ ଏହାର ସମ୍ପର୍କକୁ ସୁଦୃଢ଼ କରିବା ଏବଂ ଅର୍ଥପୂର୍ଣ୍ଣ ସମ୍ପର୍କ ଏବଂ ସହଯୋଗ ମାଧ୍ୟମରେ ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା ଜାରି ରଖିଛି।

# ଅକ୍ସଫୋର୍ଡ ଇଙ୍ଗିଲିସ ମିଡିୟମ ସ୍କୁଲ ବାର୍ଷିକୋତ୍ସବ

ରାଜକନିକା ,(ସବ୍ୟୁ) :ରାଜକନିକା ବ୍ଲକ ର ଅଗ୍ରଣୀ ଇଂରାଜୀ ବିଦ୍ୟାଳୟ ଭାବେ ଜଣାଶୁଣା ଓଳାଭର ସ୍ଥିତ ଅକ୍ସଫୋର୍ଡ ଇଙ୍ଗିଲିସ ମିଡିୟମ ସ୍କୁଲ ୨୨ତମ ବାର୍ଷିକୋତ୍ସବ ନିଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଅଧ୍ୟକ୍ଷା ମିସ୍ ଡ଼ଲିଙ୍କ ତତ୍ତ୍ୱାବଧାନରେ ଓ କେନ୍ଦ୍ରାପଡ଼ା ଜିଲ୍ଲା କ୍ରୀଡ଼ା ସଂସଦର ଉପସଭାପତି ତଥା ଶିକ୍ଷାବିତ ଅଜୟ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସକ ବଂଶୀଧର ରାଉତ ଓ ସମ୍ମାନିତ ଅତିଥି ଭାବେ ରାଜକନିକା ମଣ୍ଡଳ ଶିକ୍ଷାଧିକାରୀ ନଳିନୀ ରଞ୍ଜନ ରାଉତରାୟ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁଦର୍ଶନ ଦାସ, ବରିଷ୍ଠ ସଭ୍ୟ ଗଦାଧର ଦାସ, ଓ ରମାକାନ୍ତ ସାହୁ ବରିଷ୍ଠ ଶିକ୍ଷକ ଅଜୟ କୁମାର ନାଥ, ଅବସର ପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଗୋଲୋକ ବିହାରୀ ମଲ୍ଲିକ ଓ ପ୍ରାକ୍ତନ ସୈନିକ ଅକ୍ଷୟ କୁମାର ନାଥ ପ୍ରମୁଖ ଉପସ୍ଥିତ ଥିଲେ । କ ଏହି ଉତ୍ସବରେ ବିଦ୍ୟାଳୟ ର ଅଧ୍ୟକ୍ଷା ମିସ୍ ଡ଼ଲି ବାର୍ଷିକ ବିବରଣୀ ପାଠ କରିଥିବାବେଳେ ବରିଷ୍ଠ ଶିକ୍ଷକ ରଶ୍ମୀକାନ୍ତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଅବସରରେ ଅତିଥି ମାନେ ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଅପରାହ୍ନରେ ଗୟାଧର ନାଥଙ୍କ ନିର୍ଦ୍ଦେଶନା ଏବଂ ଡ଼. ଡମ୍ବରୁଧର ତରେଇଙ୍କ ରଚନା ରେ ଏକ ଓଡ଼ିଆ ଓ ଇଂରାଜୀ ନାଟକ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା ।

## ଯାବରା ସ୍କୁଲରେ କ୍ଲଷ୍ଟର ସ୍ତରୀୟ ବୈଠକ

କୁଆଖିଆ,(ସବ୍ୟୁ) : ରସୁଲପୁର ବ୍ଲକ୍ ଅନ୍ତର୍ଗତ ଯାବରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୮ମ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ ସି.ଆର.ସି.ସି. ପ୍ରଭାତ ନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ସରକାରଙ୍କ ଯୁଗାନ୍ତକାରୀ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏମ.ସି.ଏମ. ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ଏଥିରେ ଶିକ୍ଷକ ଶୁକଦେବ ପ୍ରସାଦ ପାତ୍ର , ସୁନନ୍ଦ ପୃଷ୍ଟି, ସୁବାଷ ପାତ୍ର , ସନ୍ତୋଷ ଜେନା, ବନାନୀ ଶତପଥି, ରିତାଂଜଳି ତରାଇ, ପ୍ରଦିପ ସାହୁ, ରଶ୍ମିତା ସାହୁ, ପ୍ରମୁଖଙ୍କ ସହ ବିଭିନ୍ନ ସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଜଗତସିଂହପୁର ପୁସ୍ତକ ମେଳା ଷଷ୍ଠ ସନ୍ଧ୍ୟା

# ସାହିତ୍ୟରେ ଶ୍ରୀ ଜଗନ୍ନାଥଙ୍କ ଅନୁଚିନ୍ତା ବ୍ୟାପକ : ସ୍ୱାମୀ ଶୁଦ୍ଧାନନ୍ଦ

ଜଗତସିଂହପୁର,(ସବ୍ୟୁ) : ଜଗତସିଂହପୁର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଜଗତସିଂହପୁର ପୁସ୍ତକ ମେଳାର ରବିବାର ଥିଲା ଷଷ୍ଠ ସଂଧ୍ୟା । ଏହି ଅବସରରେ ଆୟୋଜିତ ସଭାରେ ଜଗତସିଂହପୁର ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଲବ ଚୋଧୁରୀ ଅଧ୍ୟକ୍ଷତା କରିଥିଲେ । ଆଜିର ଆସରର ବିଷୟ ବସ୍ତୁ ଥିଲା ସାହିତ୍ୟରେ ଶ୍ରୀ ଜଗନ୍ନାଥ । ସମ୍ମାନନୀୟ ଅତିଥି ଭାବେ ଆଧାତ୍ମିକ ଆତ୍ମଜ୍ଞାନ ପ୍ରବକ୍ତା ସ୍ୱାମୀ ଶୁଦ୍ଧାନନ୍ଦ ସରସ୍ୱତୀ ଯୋଗ ଦେଇ ସାହିତ୍ୟରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅନୁଚିନ୍ତା ବ୍ୟାପକ ବୋଲି କହିବା ସହ ପୁସ୍ତକ ସହିତ ବନ୍ଧୁତା ସ୍ଥାପନ କରିବା ନିହାତି ଆବଶ୍ୟକ । ଜଗନ୍ନାଥ ଆମ ସଂସ୍କୃତିରେ ଅଛନ୍ତି ,ଆମ ଜନଜୀବନରେ ଅଛନ୍ତି ଏବଂ ଆମ ସାହିତ୍ୟରେ ମଧ ବ୍ୟାପକ ଭାବେ ରହିଛନ୍ତି ।ସାହିତ୍ୟର ପ୍ରତ୍ୟେକ ବିଭାଗରେ ଜଗନ୍ନାଥ ଅଛନ୍ତି। ଅନ୍ୟତମ ଅତିଥି ରୂପେ ବିଶିଷ୍ଟ ସାହିତ୍ୟିକ ତଥା ଓଡ଼ିଶା ବିଧାନସଭାର ସଚିବ ଦାଶରଥି ଶତପଥୀ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଉପରେ ଆଲୋକପାତ କରିବା ସହ ବିନା ଜଗନ୍ନାଥ ସାହିତ୍ୟ ସୃଷ୍ଟି ଅସମ୍ଭବ ବୋଲି କରିଥିଲେ।ଅନ୍ୟତମ ସମ୍ମାନନୀୟ ଅତିଥି ଭାବେ ବରିଷ୍ଠ ଔପନ୍ୟାସିକ ଭାଗିରଥି ଦାସ ଶ୍ରୀଜଗନ୍ନାଥ ଚେତନା ଓ ସାହିତ୍ୟ ସହିତ ତାର ସଂପର୍କ ବିଷୟରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଡି.ସାଇ ଶ୍ରୀୟାଂଶୀ ଦେପାଠ କରିଥିବା ବେଳେ ପରିଷଦର କାର୍ଯ୍ୟକାରିଣୀ ସଦସ୍ୟ ମନୋଜ କୁମାର ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ବିଶିଷ୍ଟ ରାଜନୀତିଜ୍ଞ, ପୂର୍ବତନ ବିଧାୟକ ଉମେଶ ଚନ୍ଦ୍ର ସ୍ୱାଇଁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆସର ଉତ୍ସର୍ଗ କରିଥିଲେ । ଏହି ଅବସରରେ ଔପନ୍ୟାସିକ ଭାଗିରଥି ଦାସଙ୍କ ଆତ୍ମଜୀବନୀ ନିଶବ୍ଦ ଯନ୍ତ୍ରଣା ଉନ୍ମୋଚିତ ହୋଇଥିଲା । ଜଗତସିଂହପୁର ସାଂସ୍କୃତିକ ପରିଷଦ ପକ୍ଷରୁ ଅତିଥି ମାନଙ୍କୁ ଉତ୍ତରୀୟ ଓ ସ୍ମୃତି ଫଳକ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପୁସ୍ତକ ମେଳା ସହିତ ଜଡିତ ବ୍ୟକ୍ତିବିଶେଷ ଓ ପୂର୍ବତନ କର୍ମକର୍ତ୍ତା ମାନଙ୍କୁ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରିଶେଷରେ ପରିଷଦର ସଂପାଦକ ଶାରଦା ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବାହ୍ନରେ ସାହିତ୍ୟ ଅନୁଷ୍ଠାନ ବାଲିଘର ଫାଉଣ୍ଡେସନ,ମୁଣ୍ଡିଦା ପକ୍ଷରୁ କବିତା ପାଠୋତ୍ସବ ଆୟୋଜିତ ହୋଇଥିବା ବେଳେ ଅପରାହ୍ନରେ କିଶାରାମ୍ ବିଶ୍ୱାଳ ଫାଉଣ୍ଡେସନ, ବାଲିକୁଦା ପ୍ରାୟୋଜିତ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କିଶାରାମ୍ ବିଶ୍ୱାଳ ଫାଉଣ୍ଡେସନର ଅଧ୍ୟକ୍ଷ ତଥା ଓଡିଶା ସରକାରଙ୍କ ଅର୍ଥ ବିଭାଗର ଯୁଗ୍ମ ସଚିବ ପୁଷ୍କର ବିଶ୍ୱାଳ, ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି, ନାଟ୍ୟ ନିର୍ଦ୍ଦେଶକ ଉତ୍କଳ ରଞ୍ଜନ ମହାନ୍ତି, ଶିକ୍ଷାବିତ ନିକୁଞ୍ଜ କିଶୋର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । କୁଇଜ୍ କାର୍ଯ୍ୟକ୍ରମକୁ କୁଇଜ୍ ମାଷ୍ଟର୍ ପ୍ରଦୀପ୍ତ କିଶୋର ଚୌଧୁରୀ ପରିଚାଳନା କରିଥିବା ବେଳେ ମନୋଜ ମହାପାତ୍ର, ଦୁର୍ଯ୍ୟୋଧନ ମହାରଣା,ପ୍ରିୟବ୍ରତ ସାହୁ ଓ ଅବିନାଶ ସ୍ୱାଇଁ ସହଯୋଗ କରିଥିଲେ । ସଂଧ୍ୟାରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଦିବଂଗତ ନେତା ନଳିନୀ ମହାନ୍ତିଙ୍କ ଜନ୍ମ ଜୟନ୍ତୀ

ମହାକାଳପଡ଼ା,(ସବ୍ୟୁ) : ମହାକାଳପଡ଼ା ବାସୀଙ୍କ ତରଫରୁ ସଦର ମହାକାଳପଡ଼ା ଗୁପ୍ତ ନୀଳାଚଳ ଧାମ ପରିସରରେ ଭୂମିପୁତ୍ର ସ୍ୱର୍ଗତ ନଳିନୀ କାନ୍ତ ମହାନ୍ତିଙ୍କ ୭୫ତମ ଜନ୍ମ ଜୟନ୍ତୀ ପାଳିତ ହୋଇ ଯାଇଛି । ରାକେଶ ମହାନ୍ତିଙ୍କ ସଂଯୋଜନାରେ ଓ ନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ନିରାକାର ଜେନା, ପ୍ରତାପ ନାୟକ,ନରୋତ୍ତମ ପାର୍ଥ ସାରଥୀ, ରଘୁନାଥ ସେଠି, ପ୍ରତାପ ସାମନ୍ତରାୟ,ବାବାଜୀ ସ୍ୱାଇଁ,ନଙ୍ଗୁଳି ରାଉତ,ପିତାମ୍ବର ମଲ୍ଲ ଭ୍ରମର ପଣ୍ଡା,ବିନୋଦ ସରକାର ଓ ଲକ୍ଷ୍ମୀ ରାୟ ଆଦି ନଳିନୀ ପ୍ରେମୀ ଏକତ୍ରିତ ହୋଇଥିଲେ । । ସୋମବାର ଜନ୍ମ ଜୟନ୍ତୀ ପାଳନ ସମୟରେ ଉପସ୍ଥିତ ଥିବା ମହିଳା ସରସ୍ୱତୀ ମଣ୍ଡଳ, ଅଳକା ମାଝୀ ଆଦି ସ୍ୱର୍ଗତ ମହାନ୍ତିଙ୍କ ଫଟୋ ଚିତ୍ରରେ ଧୂପ, ଦୀପ ଓ ପୁଷ୍ପ ପ୍ରଦାନ କରିବା ସହିତ ଅନନ୍ୟ ନେତାଙ୍କ ଗୁଣର ମହନୀୟତା ସମ୍ବନ୍ଧେ ଆଲେଖ ରଖିଥିଲେ । ଜନତା ଦଳ ରୁ ରାଜନୈତିକ ଜୀବନ ଆରମ୍ଭ କରି ବିଜୁ ଜନତା ଦଳ ଓ ପରେ ଜାତୀୟ କଂଗ୍ରେସ ସାମିଲ ରହି କାର୍ଯ୍ୟ କରିଥିଲେ। ମାତ୍ର ଅଦ୍ୱିତୀୟ ନେତାଙ୍କର ଜନ୍ମ ଦିବସ ଓ ଶ୍ରାଦ୍ଧ ଦିବସ ରେ ଆଜି ଭଳି ସର୍ବ ଦଳୀୟ କର୍ମୀ ଯୋଗ ଦେବା ନେଇ ଅଂଚଳର ବିଦ୍ଧିଜୀବୀ ମହଲ ରେ ସର୍ବଦା ଆଲୋଚନା ର ବିଷୟ ପାଲଟିଛି ।ଦିବଂଗତ ନେତା ଙ୍କ ଅବିସ୍ମରଣୀୟ କାର୍ଯ୍ୟ ପାଇଁ ଜୀବନ କାଳରେ ଅବିଭାଜିତ ରାଜନଗର ବିଧାନ ସଭା କ୍ଷେତ୍ର ରେ ପାଞ୍ଚ ପାଞ୍ଚ ଥର ବିଧାନ ସଭାକୁ ର୍ନିବାଚିତ ହୋଇ ନିଜର ପରାକାଷ୍ଠା ଦେଖାଇଛନ୍ତି। ଆଜି ନୁହେଁ ଆଗାମୀ ଦିନରେ ବି ମହାକାପଡା ବାସୀଙ୍କ ପାଇଁ ସ୍ୱର୍ଗତ ମହାନ୍ତି ଙ୍କ କାର୍ଯ୍ୟକ୍ରମ ଅଭୁଲା ସ୍ମୃତି ପାଲଟିବ ।

# ଦୂରସଂଚାର ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ




ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲାର ନିରାକାରପୁର, ଆର୍ଯ୍ୟବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଭାରତୀୟ ଟେଲିକମ ପ୍ରାଧିକରଣଙ୍କ ସହାୟତାରେ ବିକାଶ ଅନୁଷ୍ଠାନ ବ୍ରହ୍ମପୁର,ଗଞ୍ଜାମ ଦ୍ୱାରା ସାଇବର ଅପରାଧ ଓ ଆଧୁନିକ ଟେଲିଫୋନ ଗ୍ରାହକଙ୍କ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା।ସରସ୍ତୀ ଶିଶୁ ମନ୍ଦିରର ସମ୍ପାଦକ ତଥା ଜୀବନ ବିକାଶ ସ୍ୱେଚ୍ଛାସେବୀ ଅନୁଷ୍ଠାନର ନିର୍ଦ୍ଦେଶକ ବିଭୂତି ଭୂଷଣ ଆଚାର୍ଯ୍ୟ ସ୍ୱାଗତ ଭାଷଣ ସହ ମଞ୍ଚାସୀନ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ।ମୋବାଇଲ ମାଧ୍ୟମରେ କିପରି ସାଇବର ଅପରାଧ ହେଉଛି ସେହି ବିଷୟରେ ନିଜ ବକ୍ତବ୍ୟ ମାଧ୍ୟମରେ ଉପସ୍ଥିତ ଛାତ୍ର ଛାତ୍ରୀଙ୍କୁ ଅବଗତ କରାଇଥିଲେ । ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶ୍ରୀମତୀ ନଳିନୀ ରଥ ଟେଲିକମ ମୋବାଇଲର ଅପକାରିତା ଓ ଉପକାରିତା ଉପରେ ଆଲୋକପାତ କରିଥିଲେ । 'ବିକାଶ' ର ସମ୍ପାଦକ ଗୋକୁଳ ଚନ୍ଦ୍ର ଦାଶ ଗ୍ରାହକଙ୍କ ଅଧିକାର,ଠକାଇର ଶିକାର ଓ ସାଇବର ଅପରାଧ ବିଷୟରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।ଅନ୍ୟତମ ଅତିଥି ରୂପେ ସ୍ଥାନୀୟ ଜିଓ ପ୍ରତିନିଧି ବଳଭଦ୍ର ପ୍ରଧାନ, ବିଏସଏନଏଲର ପ୍ୟାରି ମୋହନ ସ୍ୱାଇଁ ଏୟାରଟେଲର 1 ହିମାଂଶୁ ପ୍ରଧାନ ପ୍ରମୁଖ ପ୍ରତିନିଧି ମାନେ ଉପସ୍ଥିତ ରହି ଟେଲିକମ ସେବାର ଉପାଦେୟତା ଏବଂ ସାଇବର କ୍ରାଇମ୍ ସମ୍ପର୍କିତ ନିରାପତ୍ତା ଉପରେ ଆଲୋଚନା କରି ନିଜ ନିଜର ବକ୍ତବ୍ୟ ରଖିଥିଲେ । ବିକାଶ ଅନୁଷ୍ଠାନ ତରଫରୁ ସ୍ଥୁଅଓ ବିଷୟରେ ସମ୍ୟକ୍ ସୂଚନା ପ୍ରଦାନ କରିବା ସହ ଭିଡିଓ ମାଧ୍ୟମରେ ଆବଶ୍ୟକ ତଥ୍ୟ ପ୍ରଦାନ କରାଯାଇଥିଲା । ଏଥିରେ ବିଦ୍ୟାମନ୍ଦିରର ଆଚାର୍ଯ୍ୟ ନିହାର ରଂଜନ ସାମନ୍ତସିଂହାର, ବିନୋଦ ବିହାରି ସେଠୀ, ପବିତ୍ର କୁମାର ରାଉତରାୟ, ଜିତେନ୍ଦ୍ର କୁମାର ପୃଷ୍ଟି, ଲଲାଟ କୁମାର ସାହୁ , ରୁବିନା ଭୋଳ, ବୈଶାଖି ପ୍ରଧାନ, ଶୁଭଶ୍ରୀ ଜେନା, ପ୍ରିୟଦର୍ଶିନୀ ସାହୁ ସମେତ ସମସ୍ତ ଗୁରୁଜୀ ଗୁରୁମା ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଶେଷରେ ଅନୁଷ୍ଠାନ ତରଫରୁ ଧନ୍ୟବାଦ ଅର୍ପଣ କରାଯାଇ ସଭା ସାଙ୍ଗ ହୋଇଥିଲା।

# ବ୍ୟାଙ୍କରୁ ସୁନା ବନ୍ଧକ ରଖି ଋଣ ନେବାକୁ ଆସି ଠକେଇର ଶିକାର

ଖଣ୍ଡପଡା,(ସବ୍ୟୁ) ଖଣ୍ଡପଡା ବ୍ଲକ ଅଧିନ ଖଳିସାହି ଗ୍ରାମସ୍ଥିତ ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରେ ସୁନା ଜିନିଷ ବନ୍ଧକ ରଖି ଟଙ୍କା ଋଣ ନେବା ପାଇଁ ଆସିଥିବା ଖଣ୍ଡପଡା ବ୍ଲକ ଅଧିନ କିଆଝର ଗ୍ରାମର ସନ୍ତୋଷ କୁମାର ସ୍ୱାଇଁ ଠକାମିର ଶିକାର ହୋଇଥିବା ଜଣାପଡିଛି । ଉକ୍ତ ବ୍ୟାଙ୍କ ଶାଖା ଅଧିନରେ କାର୍ଯ୍ୟ କରୁଥିବା ଖଳିସାହି ଗ୍ରାମର ବଣିଆ ସୁବାସ ଚନ୍ଦ୍ର ସାଥୁଆ ସୁନା ଜିନିଷର ଗୁଣବତା ଯାଞ୍ଚ ଆଳରେ ସୁନା କାନଫୁଲର ଏକ ଝୁଲକୁ କାଟି ନେଇଥିବା ନେଇ ଜଣାପଡିବା ପରେ ସନ୍ତୋଷ ସଂପୃକ୍ତ ବଣିଆକୁ ପଚାରିଥିଲେ ହେଁ ସେ ଆଉ ଧରାଛୁଆଁ ଦେଇ ନଥିଲା । ବଣିଆ ସୁବାସ ସୁନା ଜିନିଷ ସବୁ ଯାଞ୍ଚ ବାହାନାରେ ଖଳିସାହି ଗ୍ରାମର ବିପିନ ସାଥୁଆଙ୍କ ସୁନାଗହଣା ଦୋକାନକୁ ଯାଇ ସୁନା ଜିନିଷ ଗୁଡିକ ଯାଞ୍ଚ କଲା ବେଳେ କାରସାଦି କରି ସୁନା କାନଫୁଲର କିଛି ଅଂଶକୁ କାଟି ନେଇଥିବା ସଂପର୍କରେ ସନ୍ତୋଷ ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସନ୍ତୋଷଙ୍କ ଲିଖିତ ଅଭିଯୋଗ ଆଧାରରେ ଖଣ୍ଡପଡା ପୋଲିସ ଖଳିସାହି ଗ୍ରାମର ବଣିଆ ସୁବାସ ଚନ୍ଦ୍ର ସାଥୁଆ ଓ ତାଙ୍କୁ ଏହି କାର୍ଯ୍ୟରେ ସହଯୋଗ କରିଥିବା ସ୍ଥାନୀୟ ଅଂଚଳର ସୁନାଗହଣା ବ୍ୟବସାୟୀ ବିପିନ କୁମାର ସାଥୁଆଙ୍କ ନାମରେ ବିଭିନ୍ନ ଦଫାରେ ମାମଲା ରୁଜୁ କରିଥିବା ଜଣାଯାଇଛି । ଏହି ଘଟଣା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଏକ ଜାତୀୟକରଣ ବ୍ୟାଙ୍କ ଶାଖାରେ ଦିର୍ଘ ବର୍ଷ ଧରି ସୁନାଗହଣା ସାମଗ୍ରୀର ମାନ ଯାଞ୍ଚ କରୁଥିବା ସଂପୃକ୍ତ ବଣିଆଙ୍କ କଳାକାରନାମା ପଦାକୁ ଆସିଛି । ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଉଚ୍ଚ କର୍ତୃପକ୍ଷ ଘଟଣାରେ ହସ୍ତକ୍ଷେପ କରିବାକୁ ଖଳିସାହି ଗ୍ରାମବାସୀ ଦାବି କରିଛନ୍ତି ।

# ଶିକ୍ଷୟତ୍ରୀଙ୍କୁ ଦୁଷ୍କର୍ମ ଉଦ୍ୟମ : ଘରୋଇ ସ୍କୁଲ ସମ୍ପାଦକ ଅଟକ

ନିମାପଡା,(ସବ୍ୟୁ) : ଚାରିଛକ ଥାନା ଅଂଚଳରେ ଥିବା ଏକ ଘରୋଇ ସ୍କୁଲର ସଂପାଦକଙ୍କ ନାଁ ରେ ଉକ୍ତ ସ୍କୁଲର ଜନୈକା ଶିକ୍ଷୟତ୍ରୀ ଅଣିଛନ୍ତି ଦୁଷ୍କର୍ମ ଉଦ୍ୟମ ଅଭିଯୋଗ । ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରିବା ସହିତ ସଂପୃକ୍ତ ସଂପାଦକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି । ଏହି ଘଟଣା ଶିକ୍ଷା ନୁଷ୍ଠାନ ଭଳି ପବିତ୍ର ସ୍ଥାନରେ କଳଙ୍କ ଦାଗ ଲଗାଇଥିବା ବେଳେ ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଅଭିଯୋଗରୁ ପ୍ରକାଶ ଯେ, ଚାରିଛକ ନିକଟରେ ଥିବା ଏକ ଘରୋଇ ସ୍କୁଲର ସଂପାଦକ ସୋମବାର ସକାଳେ ତାଙ୍କ ସ୍କୁଲର ଜନୈକା ୨୪ ବର୍ଷିଆ ଶିକ୍ଷୟତ୍ରୀଙ୍କୁ କିଛି ଅଫିସ କାର୍ଯ୍ୟ ଅଛି କହି ସ୍କୁଲକୁ ଡାକିଥିଲେ । ଶିକ୍ଷୟତ୍ରୀ ଜଣକ ସ୍କୁଲରେ ପଂହଚିବା ପରେ ସଂପାଦକ ଶିକ୍ଷୟତ୍ରୀଙ୍କୁ ଜୋର ଜବରଦସ୍ତ ସ୍କୁଲର ଦ୍ୱିତୀୟ ମହଲାକୁ ଭିଡି ନେଇ ଯାଇଥିଲେ । ପରେ ତାଙ୍କୁ ଟଣାଓଟରା କରି ଜୋର ଜବରଦସ୍ତ ଦୁଷ୍କର୍ମ କରିବା ପାଇଁ ଉଦ୍ୟମ କରିଥିଲେ । ଶିକ୍ଷୟତ୍ରୀ ଜଣକ ଏହାର ପ୍ରତିବାଦ କରିବାରୁ ସେ ଛାଡିଦେଇ ୫୦ ହଜାର ଟଙ୍କା ଦେଉଚି ଏକଥା କାହାକୁ କହିବୁନି ନଚେତ ତୋତେ ଚାକିରୀରୁ ବିଦା କରିଦେବି ବୋଲି ବିଭିନ୍ନ ଚମକ ଧମକ ଦେଇଥିଲେ । ଏସଂପର୍କରେ ଶିକ୍ଷୟତ୍ରୀ ଜଣକ ଚାରିଛକ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏନେଇ କେଶ ନଂ ୬/୨୫ରେ ଏକ ମାମଲା ରୁଜୁ କରିବା ସହିତ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି । ଉକ୍ତ ଘଟଣାର ଆପୋଷ ସମାଧାନ କରିବା ପାଇଁ ଉଦ୍ୟମ ଚାଲିଥିବା ଜଣାପଡିଛି ।

## ସାକ୍ଷୀଗୋପାଳ ମନ୍ଦିର ପରିଚାଳନା କମିଟି ବୈଠକ

# ୩. ୯୪ ଲକ୍ଷ ଟଙ୍କା ବଳକା ଜମା, ବଢ଼ିଲା ପାର୍କିଂ ଫିସ୍

ସାକ୍ଷୀଗୋପାଳ ,(ସବ୍ୟୁ) : ଶ୍ରୀ ଶ୍ରୀ ସାକ୍ଷୀଗୋପାଳ ମନ୍ଦିର ପରିଚାଳନା କମିଟିର ଏକ ବୈଠକ ମନ୍ଦିର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ତହସିଲଦାର ତଥା ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କମିଟି ସଦସ୍ୟ ସତ୍ୟବାଦୀ ବିଡ଼ିଓ ଲିପ୍ସା ରାୟ, ଆଇଆଇସି ବିଜୟ କେତନ ବେହେରା, ପ୍ରତାପ ମହାପାତ୍ର ଓ ଅତିରିକ୍ତ ପ୍ରାଣୀ ଚିକିତ୍ସକ ବୈଠକରେ ଯୋଗଦେଇଥିଲେ । ବୈଠକରେ ଆୟ ବ୍ୟୟ, ଦେବନୀତି ଓ ଶୃଙ୍ଖଳିତ ପରିଚାଳନା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଗତ ଏକମାସ ମଧ୍ୟରେ ମନ୍ଦିର ଆୟର ବଳକା ରାଶି ୩. ୯୪ ଲକ୍ଷ ଟଙ୍କା ବ୍ୟାଙ୍କରେ ଜମା କରା ଯାଇଛି ବୋଲି ହିସାବରୁ ଜଣାପଡ଼ିଛି।ବିଭିନ୍ନ ବ୍ୟାଙ୍କରେ ରହିଥିବା ସ୍ଥାୟୀ ଜମା, ଚଳନ୍ତି ଜମା ବ୍ୟତୀତ ଅଚଳ ଅବସ୍ଥାରେ ରହିଥିବା ଜମା ଖାତା ବନ୍ଦ କରିବା, ଅପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ମନ୍ଦିର ସମ୍ମୁଖ ଓ ପାର୍କିଙ୍ଗ ସ୍ଥଳରେ ପୋଲିସ ପକ୍ଷରୁ ସିସିଟିଭି କ୍ୟାମେରା ଲାଗିବ, ଜୋତା ଷ୍ଟାଣ୍ଡ, ଶୈଚାଳୟ, ବିଶୁଦ୍ଧ ପାନୀୟ ଜଳ , ଆଲୋକ, ନିୟମିତ ଘରଭଡ଼ା ଆଦାୟ, ପାର୍କିଙ୍ଗ ଫିସ ବୃଦ୍ଧି ଉପରେ ଆଲୋଚନା ଅନୁଷ୍ଠିତ ହୋଇଥିଲା। ପାର୍କିଂ ଫିସ ବୃଦ୍ଧି କରାଯାଇ ବସ୍ ୧୦୦ , ମିନିବସ୍ ୫୦, କାର ୩୦ ଓ ଅଟୋ ରିକ୍ସା ୧୦ ଟଙ୍କା ଧାର୍ଯ୍ୟ କରାଯାଇଛି। ପାର୍କିଙ୍ଗ ସ୍ଥଳରେ ରୋଷେଇ ଏବଂ ଅରୁଣ ସ୍ତମ୍ଭ ନିକଟରେ ବାଇକ୍ ପାର୍କିଙ୍ଗ ନିଷିଦ୍ଧ କରାଯାଇଛି। ହୁଣ୍ଡିରେ ଦାନ କରିବା ନିମନ୍ତେ ମନ୍ଦିର ସମ୍ମୁଖରେ ଠାକୁରଙ୍କ ଜମାଖାତାର କ୍ୟୁ ଆର ବାର କୋର୍ଡ ଲଗାଯିବା ନିମନ୍ତେ ପ୍ରସ୍ତାବ ଦେବୋତ୍ତର କମିଶନରଙ୍କ ଅନୁମତି କ୍ରମେ କାର୍ଯ୍ୟକାରୀ କରାଯିବା ନେଇ ସଭାପତି ଶ୍ରୀ ପାଣିଗ୍ରାହୀ ସୂଚନା ପ୍ରଦାନ କରିଥିଲେ ।

# ରେଳଷ୍ଟେସନରୁଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

ବାଲୁଗାଁ ,(ସବ୍ୟୁ) :ବାଲୁଗାଁ ରେଲୱେ ପୋଲିସ ସୋମବାର ଚଢ଼ାଉ କରି ୧ ନଂ ପ୍ଲାଟଫର୍ମରୁ ୨୧ କିଲୋ ୩୦୦ଗ୍ରାମ ଗଞ୍ଜେଇ ଜବତ କରିବା ସହ ସମ୍ପୃକ୍ତ ଚାଲାଣକାରୀକୁ ଗିରଫ କରିଛନ୍ତି । ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲ୍ଲା କୋଦଳା ଥାନା ଖଲାରି ସାହିର ଟିଟୁ ପ୍ରଧାନ (୩୬) । ଜବତ ଗଞ୍ଜେଇର ମୂଲ୍ୟ ୨ଲକ୍ଷ ୧୩ ହଜାର ଟଙ୍କା ହେବ ବୋଲି ବିଭାଗୀୟ ପକ୍ଷରୁ ଆକଳନ କରାଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଖୋର୍ଦ୍ଧା ରେଳ ଡିଭିଜନ ଅନ୍ତର୍ଗତ ବାଲୁଗାଁ ଠାରୁ ବ୍ରହ୍ମପୁର ମଧ୍ୟରେ ବିଭିନ୍ନ ଟ୍ରେନ ଯୋଗେ ରାଜ୍ୟ ବାହାରକୁ ବେଆଇନ ଗଞ୍ଜେଇ ଚାଲଣ ରାକେଟ ସକ୍ରିୟ ଥିବା ବେଳେ ଏମାନଙ୍କୁ ଧରିବା ପାଇଁ ରେଲୱେ ପୋଲିସ ସଜାଗ ରହିଥିଲା । ଏପରି ସ୍ଥଳେ ସୋମବାର ସକାଳ ପ୍ରାୟ ୭ ଘଟିକା ସମୟରେ ବାଲୁଗାଁ ଷ୍ଟେସନର ୧ ନଂ ପ୍ଲାଟଫର୍ମରେ ୨ ବସ୍ତା ଗଞ୍ଜେଇ ଧରି ଜଣେ ଯୁବକ ପ୍ରଶାନ୍ତି ଏକ୍ସପ୍ରେସ ଟ୍ରେନ ଯୋଗେ ବଙ୍ଗାଲୋର ଯିବା ପାଇଁ ଠିଆ ହୋଇଥିଲା ।ଏହି ସମୟରେ ବାଲୁଗାଁ ରେଳ ସୁରକ୍ଷା ବଳ ଅଧିକାରୀ ଜିତେନ୍ଦ୍ର ମୌର୍ଯ୍ୟ ଏବଂ ଅନ୍ୟ କର୍ମଚାରୀ ସନ୍ଦେହରେ ଉକ୍ତ ବସ୍ତା ତାଲାସିବାରେ ଗଞ୍ଜେଇ ମିଳିଥିଲା ।ଉକ୍ତ ୨ ବସ୍ତା ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରିଥିଲେ । ଖୋର୍ଦ୍ଧା ଜି ଆର ପି କେଶ ନଂ ୫/୨୫ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ସୂଚନା ଥାଉ କି, ଗତ ୪ ତାରିଖରେ ମଧ ରେଲୱେ ପୋଲିସ ଅନୁରୂପ ଭାବେ ଷ୍ଟେସନ ପରିସରରୁ ୨. ୪୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ କରିବା ସହ ସମ୍ପୃକ୍ତ ଗଞ୍ଜାମ ଅଞ୍ଚଳର ଚାଲାଣକାରୀକୁ ଗିରଫ କରିଥିଲେ ।

# ମଦ ସହ କାର ଜବତ: ଜଣେ ଗିରଫ

ଖଣ୍ଡପଡା,(ସବ୍ୟୁ) ଖଣ୍ଡପଡା ବ୍ଲକ ଅଧିନ ସିଧାମୂଳା ଗ୍ରାମର ମହାନଦୀ ସେତୁ ଦେଇ କଟକ ଜିଲ୍ଲା ଅଧିନ ଆଠଗଡ ଅଂଚଳରୁ ଏକ କାର ଯୋଗେ ବିପୁଳ ପରିମାଣର ଦେଶୀ ମଦ ଭାପୁର ଅଂଚଳକୁ ଚୋରାରେ ଚାଲାଣ ହେଉଥିବା ବେଳେ କୌଣସି ସୁତ୍ରରୁ ଖବର ପାଇ ଖଣ୍ଡପଡା ଅବକାରୀ ଥାନାଧିକାରୀ ଦୀପକ କୁମାର ଜେନା ସଦଳବଳେ ଚଢାଉ କରି ଭାପୁର ବାଇପାସ ରାସ୍ତାରୁ ଉକ୍ତ ଦେଶୀମଦ ବୋଝେଇ କାରକୁ ଜବତ କରିଥିଲା । ଯାଂଚ ସମୟରେ ଉକ୍ତ କାରରୁ ୪୫୦ ଲିଟର ଦେଶୀ ମଦ ଜବତ କରାଯାଇଥିବା ବେଳେ ଏହି କାରବାରରେ ସଂପୃକ୍ତ ଥିବା ଅଭିଯୋଗରେ କଟକ ଜିଲ୍ଲା ଅଧିନ ତିଗିରିଆ ଗ୍ରାମର ଉମେଶ କୁମାର ସ୍ୱାଇଁ (୩୨)କୁ ଗିରଫ କରାଯାଇଥିବା ଜଣାପଡିଛି । ଅବକାରୀ କର୍ମଚାରୀମାନେ ମଦ ସହ କାର ଓ ମୋବାଇଲ ଫୋନକୁ ଜବତ କରିଥିବା ବେଳେ ଏ ସଂପର୍କରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି । ଚଢାଉ ଅଭିଯାନରେ ପ୍ରତ୍ୟୁଷ ରଂଜନ ଦେହୁରୀ, ଲକ୍ଷ୍ମୀଧର ବେହେରା, ମିତାରାଣୀ ନାୟକ, ଦେବୀ ପ୍ରସାଦ ପାଣି ପ୍ରମୁଖ କର୍ମଚାରୀ ମାନେ ସାମିଲ ହୋଇଥିଲେ ।

# ପଶା ଖେଳ ଉଦଯାପିତ

ସାକ୍ଷୀଗୋପାଳ ,(ସବ୍ୟୁ) :ଶ୍ରୀ ଶ୍ରୀ ସାକ୍ଷୀଗୋପାଳ ମନ୍ଦିର ସୋୟତ ସଂଘ ଓ ସାକ୍ଷୀଗୋପିନାଥ ପଶାଖେଳ ସଂଘର ମିଳିତ ଆନୁକୂଲ୍ୟରେ ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଅନୁଷ୍ଠିତ ପଶାଖେଳ ପ୍ରତିଯୋଗିତା ରବିବାର ଦିନ ଉଦଯାପିତ ହୋଇଯାଇଛି।ସେବାୟତ ସଂଘ ସଭାପତି ଅଶୋକ ଖୁଣ୍ଟିଆ, ବୟୋଜ୍ୟେଷ୍ଠ ସେବାୟତ ସୁରେନ୍ଦ୍ର ମହାପାତ୍ର, ଆଇନଜୀବୀ ଅଞ୍ଜନ କୁମାର ହୋତା ପ୍ରମୁଖ ପ୍ରଜ୍ୱଳନ କରି ପ୍ରତିଯୋଗୀତାଟିକୁ ଉଦଘାଟନ କରିଥିଲେ। ସାକ୍ଷୀଗୋପାଳ, କଣାସ, ବ୍ରହ୍ମଗିରି , ଡେଲାଙ୍ଗ, ପୁରୀ, ଜଟଣୀ, ଖୋର୍ଦ୍ଧା, କଟକ, ନୟାଗଡ଼ , ଭୁବନେଶ୍ୱର ଓ ଅନୁଗୁଳ ଜିଲ୍ଲାର ୬୪ ଟି ଦଳ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଶନିବାରରାତି ତମାମ ଦଳଦଳ ହୋଇ ଖେଳାଳୀ ମାନଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଥିଲା। ରବିବାର ପୂର୍ବାହ୍ନ ରେ ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ର ଓ ସଂଘ ସଭାପତି ଶ୍ରୀ ଖୁଣ୍ଟିଆ ଚମ୍ପିୟାନ ଦଳର ପ୍ରଦୀପ କୁମାର ଦାଶ ଓ ସାଥୀ ବାସୁଦେବ ପ୍ରଧାନ ଏବଂ ରନର୍ସ ଅପ୍ ଦଳର ବାବୁଲି ପାଇକରାୟ ଓ ସାଥୀ ବସୁଦେବ ସାମନ୍ତରାୟଙ୍କୁ ଟ୍ରଫି ପ୍ରଦାନ କରି ଉତ୍ସାହିତ କରିଥିଲେ। ଆୟୋଜକ ପଶାଖେଳ କମିଟିର ସଭାପତି ତଥା ନିଖିଳ ଉତ୍କଳ ପଶା ଟ୍ରଷ୍ଟ ସଭାପତି ପ୍ରଫୁଲ୍ଲ ଜେନା ଖେଳ ପରିଚାଳନା କରିଥିଲେ। ପଶାଖେଳକୁ ଉଦଜୀବିତ ରଖିବା ପାଇଁ ସରକାରଙ୍କ ସହାୟତା ଆବଶ୍ୟକ ବୋଲି ଖେଳାଳିମାନେ ପ୍ରକାଶ କରିଥିଲେ ।

# ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର



ରଣପୁର (ସବ୍ୟୁ) : ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ୍ ପରିସର ମଧ୍ୟରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ୍ ଅଗ୍ରୱାଲ ଙ୍କ ଅଧକ୍ଷତାରେ ବ୍ଲକ୍ ସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ରେ ରଣପୁର ବ୍ଲକ୍ ଅଂଚଳର ଜନସାଧାରଣ ଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଅଭିଯୋଗ କୁ ଗ୍ରହଣ କରାଯାଇଥିଲା। ଏହି ଶିବିରରେ ମୋଟ ୭୬ ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ସେଥିମଧ୍ୟରୁ ବ୍ୟକ୍ତିଗତ ଭାବରେ ୭୨ଟି, ଗ୍ରାମୀଣ ସମସ୍ୟା ୨ଟି ଥିବା ବେଳେ ଓ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ର ୨ଟି ଅଭିଯୋଗ ରହିଥିଲା। ସେଥିମଧ୍ୟରୁ ତତ୍କାଳ ଭାବେ ୧୨ଟି ଅଭିଯୋଗ ର ସମାଧାନ କରାଯାଇଥିବା ସୂଚନା ମିଳିଛି। ଏହି ଶିବିର ରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏସ.ସୁଶ୍ରୀ, ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ, ସି.ଡି.ଓ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୁଶା' ଦାଶ, ଜିଲ୍ଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ, ବ୍ଲକ୍ ଅଧକ୍ଷା ନିର୍ମଳା ବେହେରା, ବ୍ଲକ୍ ଉପାଧକ୍ଷ ପ୍ରଭାତ ଦଳବେହେରା, ତହସିଲଦାର ଆର୍ଯ୍ୟ କୁମାର ସର୍ବଦମନ, ବିଡିଓ ସୁଧୀର ନାୟକ, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ରନ କୁମାର ଦାଶ, ରଣପୁର ମେଡିକାଲ ଅଫିସର ଡଃ ବୈଦ୍ୟନାଥ ନନ୍ଦଙ୍କ ସହ ଅନ୍ୟ ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଚିଲିକାରେ ଆରମ୍ଭ ହେଲା ଡଲଫିନ ଗଣନା

ବାଲୁଗାଁ ,(ସବ୍ୟୁ) :ସୋମବାର ଭୋରରୁ ସମଗ୍ର ଚିଲିକାରେ ବିରଳ ଇରାୱାଡି ଓ ବୋଟଲ ନୋଜ ପ୍ରଜାତିର ଡଲଫିନ ଗଣନା ଆରମ୍ଭ ହୋଇଛି ।ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଓ ସି ଡ଼ି ଏ ର ମିଳିତ ଆନୁକୂଲ୍ୟରେ ଏହି ଗଣନା ଚାଲିଛି। ସମୁଦାୟ ୧୮ ଦଳରେ ୧୪୫ଜଣ ପ୍ରଶିକ୍ଷଣକାରୀ ଏହି ଗଣନା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି ।ଚିଲିକାକୁ ୪ ଗୋଟି ସେକ୍ଟରରେ ବିଭକ୍ତ କରାଯାଇଛି । ମଧ୍ୟଚିଲିକା ଏବଂ ଦକ୍ଷିଣ ଚିଲିକା ଅଞ୍ଚଳରେ ୧୦ ଗୋଟି ଟିମ ଗଣନା କାର୍ଯ୍ୟରେ ସାମିଲ ହୋଇଥିବା ବେଳେ ଉତ୍ତର ଏବଂ ବାହ୍ୟ ଚିଲିକା ରେ ୮ ଗୋଟି ଟିମ ନିୟୋଜିତ ହୋଇଛନ୍ତି । ସଠିକ ସଂଖ୍ୟା ନିରୂପଣ ନିମନ୍ତେ ଏହି ଗଣନା ତିନି ଦିନ ଧରି ଜାରି ରହିବ । ଗଣନା ସରିବା ପର୍ଯ୍ୟନ୍ତ ସମଗ୍ର ଚିଲିକାରେ ମାଛ ଧରା ଓ ପର୍ଯ୍ୟଟକଙ୍କ ଡ଼ଙ୍ଗା ଚଳାଚଳକୁ ବିଭାଗୀୟ ପକ୍ଷରୁ ବାରଣ କରାଯାଇଛି ଝ ଚୂଡାନ୍ତ ରିପୋର୍ଟ ଭୁବନେଶ୍ୱର ସ୍ଥିତ ପିସିସିଏଫଙ୍କ କାର୍ଯ୍ୟାଳୟରୁ ପ୍ରକାଶ ପାଇବ ବୋଲି ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଡ଼ିଏଫଓ ଅମ୍ଲାନ ନାୟକ କହିଛନ୍ତି ।

# ସରପଞ୍ଚ ମାଡ଼ରେ ପୂର୍ବତନ ସରପଞ୍ଚ ଗୁରୁତର

କାକଟପୁର (ସବ୍ୟୁ) : କାକଟପୁର ବ୍ଲକ ଅନ୍ତର୍ଗତ କାଦୁଅ ନୂଆଗାଁ ପଞ୍ଚାୟତରେ ବିଭିନ୍ନ ଦୁର୍ନୀତି କୁ ନେଇ ତଦନ୍ତ ଚାଲିଥିବା ବେଳେ ସୋମବାର ଦିନ ବ୍ଲକ ପରିସର ରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା ।କାଦୁଅ ନୂଆଗାଁ ପୂର୍ବତନ ସରପଞ୍ଚ ଭୀମ ସେନ ସେଠୀ ପଞ୍ଚାୟତରେ ଆସିଥିବା ମୋ ବଗିଚା ସହାୟତା ବିଷୟରେ ବ୍ଲକ କର୍ମଚାରୀଙ୍କ ସହିତ କଥା ହେଉଥିବା ସମୟରେ ସେହି ପଞ୍ଚାୟତ ସରପଞ୍ଚ କୃଷ୍ଣଚନ୍ଦ୍ର ଜେନା ହଟାତ ସେଠାରେ ପହଁଚି ଭିମସେନଙ୍କୁ ଦୁର୍ବ୍ୟବହାର କରିବା ସହ ନିଜ ସମର୍ଥକଙ୍କ ସହିତ ମାଡ଼ ମାରିଥିବା ଭିମସେନ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିବା ସହିତ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣା ପଡିଛି । କାକଟପୁର ଥାନା ପୋଲିସ ଘଟଣାର ତଦନ୍ତ କରୁଛି ।

# ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ୧୯୮୨ ମାଟ୍ରିକ୍ ବ୍ୟାଚର ସହଯୋଗ



ବୋଲଗଡ଼ ,(ସବ୍ୟୁ) : ରବିବାର ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ କଳାଙ୍ଗ ଉଚ୍ଚବିଦ୍ୟାଳୟ ୧୯୮୨ମାଟ୍ରିକ ବ୍ୟାଚର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିକଟସ୍ଥ ପଞ୍ଚୁକୋଟ ରାମଚଣ୍ଡୀ ମନ୍ଦିର ପରିସରରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ହରିବନ୍ଧୁ ସାହୁ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ପର୍ଶୁରାମ ମୁଦୁଲି , ଶିକ୍ଷକ ରମେଶ ବଳବନ୍ତରାୟ , ଶିକ୍ଷକ ଗିରିଜା କାନ୍ତ ରାଉତରାୟ ଅତିଥିଭାବେ ଯୋଗଦେଇଥିଲେ। ଏହି ବ୍ୟାଚର ଉପସ୍ଥିତ ଛାତ୍ରଛାତ୍ରୀମାନେ କଳାଙ୍ଗ ହାଇସ୍କୁଲ ପରିସରରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ଏକ ଗଣେଶ ମୂର୍ତି ସ୍ଥାପନ କରିବା ଓ ଭିମାପଡ଼ା ଗ୍ରାମରେ ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ଆର୍ଥିକ ସାହାର୍ଯ୍ୟ ଓ ସହଯୋଗ ପାଇଁ ନିଷ୍ପତି ନିଆଯାଇଥିଲା। ଏହି ବନ୍ଧୁ ମିଳନରେ ସହପାଠୀ ଡାକ୍ତର ଶରତ ଚନ୍ଦ୍ର ଜୟସିଂହ , ସାମ୍ବାଦିକ ଗଙ୍ଗାଧର ଦାଶ, ପୂର୍ବତନ ପ୍ରଶାସନିକ ଅଧିକାରୀ ପ୍ରଶାନ୍ତ କୁମାର ହୋତା , ଭାସ୍କର ରାଉତରାୟ , ପ୍ରମୋଦ କୁମାର ପ୍ରଧାନ , ପ୍ରଭାତ ଶ୍ରୀଚନ୍ଦନ , ଧନୁର୍ଜୟ ନାୟକ , ଶିକ୍ଷୟତ୍ରୀ ଯୋସ୍ନାମୟୀ ମଙ୍ଗରାଜ ସମେତ ୭୦ଉର୍ଦ୍ଧ ସହପାଠୀ ଓ ପାଠୀନୀ ମାନେ ଯୋଗଦେଇଥିଲେ ।ଶେଷରେ ରାଜକିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବୈଜ୍ଞାନିକ ଡ଼ଃ. ପ୍ରଦ୍ୟୁମ୍ନ ସାହୁ ଭାରତୀୟ ଗାଣିତିକ ସମିତିର ସଭ୍ୟ

ଖଣ୍ଡପଡା,(ସବ୍ୟୁ) ଖଣ୍ଡପଡା ମାଟିର ପୁଅ ବୈଜ୍ଞାନିକ ଡ଼ଃ.ପ୍ରଦ୍ୟୁମ୍ନ କୁମାର ସାହୁ ବିଶ୍ୱର ଶ୍ରେଷ୍ଠ ବୈଜ୍ଞାନିକ ଭାବେ ବିବେଚିତ ହୋଇଥିବା ବେଳେ ଏବେ ଡ଼ଃ. ସାହୁ ଆଉ ଏକ ବିରଳ ସମ୍ମାନର ଅଧିକାରୀ ହୋଇପାରିଥିବା ଜଣାପଡିଛି । ଡ଼ଃ. ସାହୁ ସମ୍ମାନ ଜନକ ଭାରତୀୟ ଗାଣିତିକ ସମିତିର ସଭ୍ୟ ଭାବେ ଆସନ୍ତା ୩ବର୍ଷ ପାଇଁ ମନୋନୀତ ହୋଇଥିବା ଜଣାଯାଇଛି । ୨୦୨୫ ଏପ୍ରିଲ ୧ ତାରିଖରୁ ତାଙ୍କର କାର୍ଯ୍ୟକାଳ ଆରମ୍ଭ ହୋଇ ଆସନ୍ତା ୨୦୨୮ ମସିହା ମାର୍ଚ୍ଚ ୩୧ ତାରିଖରେ ଶେଷ ହେବବୋଲି ଜଣାଯାଇଛି। ଆଇଏମଏସର ସଭ୍ୟ ଭାବେ କାର୍ଯ୍ୟ କରିବେ ବୋଲି ଜଣାପଡିବା ପରେ ବିଭିନ୍ନ ମହଲରୁ ବୈଜ୍ଞାନିକ ଡ଼ଃ. ସାହୁଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ପ୍ରକାଶଥାଉକି ବୈଜ୍ଞାନିକ ସାହୁ ଆନ୍ଧ୍ରପ୍ରଦେଶ ରାଜ୍ୟର ହାଇଦ୍ରାବାଦସ୍ଥିତ ବିର୍ଲା ଇନଷ୍ଟିଚୁଟ ଅଫ ସାଇନ୍ସ ଆଣ୍ଡ ଟେକନୋଲୋଜିରେ ଏବେ ମୁଖ୍ୟ ଭାବେ କାର୍ଯ୍ୟ କରୁଥିବା ଜଣାପଡିଛି । ବୈଜ୍ଞାନିକ ଡ଼ଃ.ସାହୁଙ୍କ ଘର ଖଣ୍ଡପଡା ବ୍ଲକର ଜଗନ୍ନାଥପ୍ରସାଦ ପଞ୍ଚାୟତ ଅଧିନ କୁଆହରା ଗ୍ରାମରେ ବୋଲି ଜଣାପଡିଛି । ବିଶ୍ୱର ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକ ତାଲିକାରେ ବୈଜ୍ଞାନିକ ଡ଼ଃ.ସାହୁଙ୍କ ନାମ ଲଗାତାର ୫ଥର ସ୍ଥାନିତ ହୋଇଥିବା ଜଣାପଡିଛି ।

## ଙ୍ମେଶ୍ୱର ପ୍ରାଇମ୍ ଏକାଡେମୀରେ ଶିକ୍ଷା ସେମିନାର

ନରସିଂହପୁର,(ସବ୍ୟୁ) : ଚମ୍ପେଶ୍ୱର ପ୍ରାଇମ୍ ଏକାଡେମୀ ଯୁକ୍ତ୨ କଳା ଏବଂ କମ୍ପ୍ୟୁଟର୍ ଶିକ୍ଷାନୁଷ୍ଠାନ ରେ ପଞ୍ଚମ ଶିକ୍ଷା ଭିତ୍ତିକ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରିସୋର୍ସ ପର୍ସନ୍ ଭାବେ ପ୍ରାକ୍ତନ ଇଂରାଜୀ ପ୍ରଫେସର ଡକ୍ଟର ପ୍ରଫୁଲ୍ଲ କୁମାର ସାହୁ ଏବଂ କାନପୁର ଥାନା ଅଧିକାରୀ ତପନ କୁମାର ନାୟକ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ କ୍ୟାରିୟର୍ କାଉନସେଲିଂ ସମ୍ବନ୍ଧିୟ ଉଦବୋଧନ ଦେଇଥିଲେ । ପରିଶେଷରେ ଅନୁଷ୍ଠାନ ର ପରିଚାଳକ ରାଧେଶ୍ୟାମ୍ ପଣ୍ଡା ଧନ୍ୟବାଦ୍ ପ୍ରଦାନ କରିଥିଲେ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ଖଣ୍ଡପଡା,(ସବ୍ୟୁ): ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡ଼ିୟମ୍ ପରିସରରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ବିଦ୍ୟାଧର ମହାରଣା କ୍ରୀଡ଼ା ପତାକା ଉତୋଳନ କରି ପ୍ରତିଯୋଗୀତାର ଶୁଭାରମ୍ଭ କରିଥିଲେ। ବରିଷ୍ଠ ଶିକ୍ଷକ ମନୋଜ କୁମାର ବିଶ୍ୱାଳ ଓ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀଙ୍କ ତତ୍ୱାବଧାନରେ ଆୟୋଜିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗୀତାରେ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ପ୍ରତିଯୋଗୀତାରେ ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟର ବାର୍ଷିକୋତ୍ସବ ପାଳନ ଅବସରରେ ପୁରସ୍କାର ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ଅଧକ୍ଷ ଶ୍ରୀ ମହାରଣାଙ୍କ ଠାରୁ ପ୍ରକାଶ।

# ନୟାଗଡ଼ ଜିଲ୍ଲାସ୍ତରୀୟ କ୍ୟାରମ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ

ଖଣ୍ଡପଡା,(ସବ୍ୟୁ) ଖଣ୍ଡପଡ଼ା ପଠାଣିସାମନ୍ତ ସ୍ମୃତି ମନ୍ଦିର ଓ ପାଠାଗାର ପରିସରରେ ନୟାଗଡ଼ ଜିଲ୍ଲାସ୍ତରୀୟ ଦିବାରାତ୍ର କ୍ୟାରମ୍ ଟୁର୍ଣ୍ଣାମେଂଟ୍ ରବିବାର ଆରମ୍ଭ ହୋଇଛି। ମହାବୀର କ୍ଲବ୍ ଆନୁକୁଲ୍ୟରେ ଆୟୋଜିତ ଟୁର୍ଣ୍ଣାମେଂଟ୍‌ରେ ଜିଲ୍ଲାସ୍ତରରୁ ୧୬ଟି ଟିମ୍ ଅଂଶଗ୍ରହଣ କରିଥିବା ଜଣାପଡ଼ିଛି। ବାଇଗୁଣିଆ ସେଂଚୁରିୟନ୍ କ୍ଲବ୍ ସମ୍ପାଦକ ଶିଶିର କୁମାର ସାହୁ, ଯୁବ ସମାଜସେବୀ ବରେନ୍ଦ୍ର କୃଷ୍ଣ ମହାରଥୀ ଓ ଭଗବାନ ରାଉତଙ୍କ ପ୍ରଚେଷ୍ଟା କ୍ରମେ କ୍ୟାରମ୍ ଟୁର୍ଣ୍ଣାମେଂଟ୍‌ର ଆୟୋଜନ କରାଯାଇଥିବା ଜଣାପଡ଼ିଛି।

# ରାଜ୍ୟସ୍ତରୀୟ କ୍ରୀଡାଉତ୍ସବ

ବାଲିଅନ୍ତା,(ସବ୍ୟୁ) :ଉତ୍କଳ ଶିକ୍ଷା ବିକାଶ ପରିଷଦ, ଭୁବନେଶ୍ୱର ପକ୍ଷରୁ ରାଜ୍ୟସ୍ତରୀୟ କ୍ରୀଡା ଉତ୍ସବ ରବିବାର ପୂର୍ବାହ୍ନରେ ବାଲିଅନ୍ତା ସ୍ଥିତ ଜୟଦେବ କଲେଜ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ବିକାଶ ପରିଷଦର ଅଧକ୍ଷ ମଙ୍ଗୁଳି ଚରଣ ମହାନ୍ତି ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ପୂର୍ବତନ କ୍ରିକେଟର ଖିତିଶ ପ୍ରସାଦ ମହାପାତ୍ର, ସମ୍ପାଦକ ସୁରେନ୍ଦ୍ର କୁମାର ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ସରୋଜ କୁମାର ରାଉତ, ସରସ୍ତୀ ଶିକ୍ଷା ମନ୍ଦିର ପ୍ରଧାନ ଶିକ୍ଷୟତ୍ରୀ ଜୟଶ୍ରୀ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ବିଭିନ୍ନ ଜିଲ୍ଲାରୁ ପ୍ରାୟ ୨୫ଟି ସ୍କୁଲର ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ।୨ ଦିନ ଧରି ଚାଲିଥିବା ଏହି ଉତ୍ସବ ରବିବାର ସନ୍ଧ୍ୟାରେ ର ଉଦଯାପିତ ହୋଇଥିଲା। ଉଦଯାପିତ ସନ୍ଧ୍ୟାରେ ବିଭିନ୍ନ ବର୍ଗରେ ଭାଗ ନେଇ ପ୍ରଥମ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ସହ ଟ୍ରଫି ମାନପତ୍ର ଅତିଥି ମାନେ ପ୍ରଦାନ କରିଥିଲେ ।ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।କାର୍ଯ୍ୟକ୍ରମକୁ କ୍ରୀଡା ଶିକ୍ଷକ ବିଶ୍ୱଭୂଷଣ ବାରିକ ପରିଚାଳନା କରିଥିବା ବେଳେ ସରସ୍ତୀ ଶିକ୍ଷା ମନ୍ଦିର ଗୁରୁଜୀ ଓ ଗୁରୁମା ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ।

# ଖଣ୍ଡପଡ଼ା ବନାଂଚଳ ପକ୍ଷରୁ ପକ୍ଷୀ ଗଣନା

ଖଣ୍ଡପଡା,(ସବ୍ୟୁ): ଖଣ୍ଡପଡ଼ା ବନାଂଚଳ ପକ୍ଷରୁ ବିଭିନ୍ନ ସ୍ଥାନରେ ପକ୍ଷୀ ଗଣନା କରାଯାଇଥିବା ଜଣାଯାଇଛି। ଖଣ୍ଡପଡ଼ା ବନାଂଚଳ ଅଧିକାରୀ ଉଦିତ୍ କୁମାର ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ବନପାଳ ସନାତନ ସ୍ୱାଇଁ, ପ୍ରଫୁଲ୍ଲ କୁମାର ନାୟକଙ୍କ ସମେତ ଅନ୍ୟ କର୍ମଚାରୀମାନେ ନିକଟସ୍ଥ ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀ , ବେଣାଗାଡ଼ିଆ ପଞ୍ଚାୟତ ଅଧିନ ତେନ୍ତୁଳିଆପଲ୍ଲୀ ଓ ବରକୋଳି ପାଟ ସମେତ ସିଧାମୂଳା ପଞ୍ଚାୟତର ସର ଜଳାଶୟ ନିକଟରେ ପହଂଚି ପକ୍ଷୀ ଗଣନା କରିଥିଲେ। ଚଳିତ ବର୍ଷ ଶୀତ ଋତୁରେ ବିଭିନ୍ନ ବର୍ଗର ପକ୍ଷୀ ମଧ୍ୟରେ ପାଣିକୁଆ, ହଂସରାଳି, ଗେଣ୍ଡାଳିଆ, ଭଦଭଦଳିଆ, ଧଳାବଗ ପ୍ରଭୃତି ପକ୍ଷୀ ଅଧିକ ପରିମାଣରେ ଜଳାଶୟ ଗୁଡ଼ିକୁ ଆସିଥିବା ଜଣାପଡ଼ିଛି। ତେବେ ମୋଟାମୋଟି ଭାବେ ସମସ୍ତ ଜଳାଶୟରେ ୬ ହଜାରରୁ ଉର୍ଦ୍ଧ୍ୱ ପକ୍ଷୀ ଥିବା ବନବିଭାଗ ପକ୍ଷରୁ ଗଣନା କରାଯାଇଥିବା ଜଣାପଡ଼ିଛି। ଦେବେ ବିଭିନ୍ନ ଜଳାଶୟରେ ପକ୍ଷୀମାନେ କିଭଳି ସୁରକ୍ଷିତ ଭାବେ ବିଚରଣ କରିପାରିବେ ସେ ନେଇ ଖଣ୍ଡପଡ଼ା ବନାଂଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସବୁଠି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ଜଣାଯାଇଛି।

# ନୂତନ ଇଲେକ୍ଟ୍ରିକ କ୍ରେଟା କାର ବଜାର ପ୍ରବେଶ




ଫୁଲନଖରା,(ସବ୍ୟୁ) :ହୁଣ୍ଡାଇ ମୋଟର ଇଣ୍ଡିଆର ନୂତନ ଇଲେକ୍ଟ୍ରିକ କାର ଆନୁଷ୍ଠାନିକ ଭାବେ ବଜାର ପ୍ରବେଶ କରିଛି। ଏହି ଉପଲକ୍ଷେ କଟକ ସଦର ଥାନା ଅନ୍ତର୍ଗତ ପ୍ରତାପନଗରୀଠାରେ ଥିବା ପ୍ରିମିୟମ ହୁଣ୍ଡାଇ ସୋରୁମ ପରିସରରେ ଏକ ଭବ କାର୍ଯକ୍ରମର ଆୟୋଜନ ହୋଇଥିଲା। ଏଥିରେ ଅଭିନେତ୍ରୀ ଭୂମିକା ଦାସ, ଅଭିନେତ୍ରୀ ପିହୁ ମହାପାତ୍ର, ଜିଏମ ମନୋଜ ପାଲ, ଏମଡ଼ି ଶିବୁ ପୋଦାର, ନିର୍ଦ୍ଦେଶକ ଅଙ୍କିତ ପୋଦାର, ପ୍ରୀୟା ପୋଦାର, ମିନୁ ପୋଦାର, ସୋରୁମ ବିକ୍ରୟ ମୁଖ ପରେଶ ପାଲ ଓ କମ୍ପାନୀର ଅନାନ ବରିଷ୍ଠ ଅଧିକାରୀଗଣ ଯୋଗଦେଇ ଏହି ନୂତନ ଯାନର ବଜାର ପ୍ରବେଶ କରାଇଥିଲେ। ୧୭ ଲକ୍ଷରୁ ୨୩ ଲକ୍ଷ ଟଙ୍କା ମୂଲ ମଧରେ ବିକ୍ରୟ ହେଉଥିବା ଏହି କାର ବିଭିନ୍ନ ରଂଗରେ ଉପଲବ୍ଧ ହେଉଛି। ଥରେ ପୂରା ଚାର୍ଯ କଲେ ଏହା ୪୭୦ କିଲୋମିଟର ପର୍ଯନ୍ତ ଗତି କରିପାରିବ ବୋଲି କମ୍ପାନୀର ମୁଖ ପରିଚାଳନା ଅଧିକାରୀ ତରୁଣ ଗର୍ଗ ପ୍ରକାଶ କରିଥିଲେ ।

(ଶ୍ରୀମଦ୍ଭଗବଦ୍ ଗୀତା ୧୨/୦୨)
-ଭକ୍ତିଯୋଗଃ-
(ଶ୍ରୀଭଗବାନୁବାଚ )

**ମର୍ଯ୍ୟାବେଶ୍ୟ ମନୋ ଯେ ମାଂ ନିତ୍ୟଯୁକ୍ତା ଉପାସତେ ।**
**ଶ୍ରଦ୍ଧୟା ପରୟୋପେତାସ୍ତେ ମେ ଯୁକ୍ତତମା ମତାଃ ।।୦୨।।**

ଶ୍ରୀଭଗବାନ କହିଲେ- ଯେଉଁମାନେ (ସର୍ବଜ୍ଞତ୍ୱାଦିଗୁଣବିଶିଷ୍ଟ ପରମେଶ୍ୱରସ୍ୱରୂପ) ମୋଠାରେ ମନ ଏକାଗ୍ର କରି, ସର୍ବଦା ମତ୍ପରାୟଣ ହୋଇ ପରମ ଶ୍ରଦ୍ଧା ସହିତରେ ମୋତେ ଆରାଧନା କରନ୍ତି, ସେହିମାନେ ସର୍ବଶ୍ରେଷ୍ଠ ଯୋଗୀ ବୋଲି ମୋର ଅଭିମତ ।।୦୨।।

# ବିଭାଜିତ ବିଶ୍ୱ ଏବଂ ଅର୍ଥନୀତି

**ସମ୍ପାଦକୀୟ**

ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍)ର ସଦ୍ୟତମ ବିଶ୍ୱ ଅର୍ଥନୈତିକ ଆଉଟଲୁକ୍ ଅନୁଯାୟୀ, ୨୦୨୫ ଏବଂ ପରବର୍ତ୍ତୀ ବର୍ଷରେ ବିଶ୍ୱ ଅଭିବୃଦ୍ଧି ହାର ୩.୩ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି । ଏହା ୨୦୦୦-୨୦୧୯ ଦୁଇ ଦଶନ୍ଧିର ଐତିହାସିକ ହାରାହାରିଠାରୁ ୦.୪ ପ୍ରତିଶତ କମ୍ । ମୁଦ୍ରା ନୀତିକୁ ଆହୁରି ସ୍ୱାଭାବିକ କରିବା ପାଇଁ ମୁଦ୍ରାସ୍ଫୀତି ମଧ୍ୟ ଚଳିତ ବର୍ଷ ୪.୨ ପ୍ରତିଶତ ଏବଂ ୨୦୨୬ ରେ ୩.୫ ପ୍ରତିଶତକୁ ହ୍ରାସ ପାଇବାର ଆଶା କରାଯାଉଛି । ବିଶ୍ୱ ବର୍ତ୍ତମାନ ଯୁଦ୍ଧ ଓ ବିବାଦରେ ଛନ୍ଦି ହେଇ ଚାଲିଛି ଏବଂ ଦେଶଗୁଡିକ ନିଜ ନିଜର ସ୍ୱାର୍ଥକୁ ନେଇ ଭିନ୍ନ ଭିନ୍ନ ନାଁ ରେ ଗୋଷ୍ଠୀ ଗଢିବାରେ ଲାଗିଛନ୍ତି । ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ସୁବିଧା ଓ ସୁରକ୍ଷା, ଏହି ଗୋଷ୍ଠୀଗୁଡିକର ମୋଟାମୋଟି ଲକ୍ଷ୍ୟ । ଏମିତି ଏକ ସମୟରେ, ଡାଭୋସରେ ବାର୍ଷିକ ବିଶ୍ୱ ଅର୍ଥନୈତିକ ଫୋରମ୍ (ଡବ୍ଲ୍ୟୁଇଏଫ୍) ବୈଠକ ଅନୁଷ୍ଠିତ ହେଉଛି । ସଶସ୍ତ୍ର ସଂଘର୍ଷ ବା ଯୁଦ୍ଧ ବିଶ୍ୱକୁ ଅସ୍ଥିରତା ଆଡକୁ ନେଇଚାଲିଛି ଏବଂ ୨୦୨୫ ପାଇଁ ଏହା ସବୁଠାରୁ ବଡ଼ ବିପଦ ଭାବରେ ଉଭା ହେଇଛି । ଜାନୁଆରୀ ୨୦, ୨୦୨୫ ଠାରୁ ଆରମ୍ଭ ହେଇଥିବା ଏହି ବୈଠକରେ ବିଶ୍ୱର ଧନୀ ଏବଂ ଶକ୍ତିଶାଳୀ ଦେଶ ଓ ବ୍ୟକ୍ତିମାନେ ଏକତ୍ରିତ ହେଇଛନ୍ତି । ଭାରତ ଏଥର ଏହାର ସର୍ବବୃହତ୍ ଦଳ ପଠାଇଛି, ଯେଉଁଥିରେ ପାଞ୍ଚ ଜଣ କେନ୍ଦ୍ରମନ୍ତ୍ରୀ, ତିନି ଜଣ ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟାନ୍ୟ ରାଜ୍ୟର ମନ୍ତ୍ରୀଙ୍କ ସହିତ ପ୍ରାୟ ୧୦୦ ଜଣ ସିଇଓ ଏବଂ ଅନ୍ୟାନ୍ୟ ନେତା ସାମିଲ ଅଛନ୍ତି । ଆମେରିକାର ୪୭ତମ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜାନୁଆରୀ ୨୩ ତାରିଖରେ ଭର୍ଚୁଆଲ୍ ଭାବରେ ଏହି ବୈଠକରେ ଉଦ୍ବୋଧନ ଦେବେ । ଡବ୍ଲ୍ୟୁଇଏଫ୍ ଆୟୋଜକଙ୍କ ଅନୁଯାୟୀ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସ୍କି ବୈଠକରେ ଯୋଗଦେବେ ଏବଂ ଜାନୁଆରୀ ୨୧ ରେ ଭାଷଣ ଦେବେ । ଶିଖର ସମ୍ମିଳନୀ ପୂର୍ବରୁ, ଏକ ଡବ୍ଲ୍ୟୁଇଏଫ୍ ସର୍ଭେ ଦର୍ଶାଇଛି ଯେ ୨୦୨୫ ମସିହାରେ ଆର୍ଥିକ ଅଭିବୃଦ୍ଧି ପାଇଁ ସଶସ୍ତ୍ର ସଂଘର୍ଷ ବା ଯୁଦ୍ଧ ହେଉଛି ସର୍ବାଧିକ ଚିନ୍ତାର ବିଷୟ । ପୂର୍ବ ବର୍ଷଗୁଡିକରେ, ପରିବେଶଗତ ସଙ୍କଟ ନେଇ ଚିନ୍ତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଥିଲା । ଏହି ବୈଠକରେ, ବିଶ୍ୱ ନେତୃବୃନ୍ଦ ବିଭାଜିତ ବିଶ୍ୱ, ଭୂରାଜନୈତିକ ଉତ୍ତେଜନା ଏବଂ ଆର୍ଥିକ ଅସ୍ଥିରତା ପରି ପ୍ରସଙ୍ଗ ଉପରେ ଧ୍ୟାନ ଦେବେ ବୋଲି ବିଶ୍ୱାସ କରାଯାଏ । ନଚେତ୍, ସଶସ୍ତ୍ର ସଂଘର୍ଷ, ଦୀର୍ଘକାଳୀନ ଯୁଦ୍ଧ ଓ ସ୍ଥାନୀୟ ହିଂସା ବିଶ୍ୱ ଅଭିବୃଦ୍ଧିକୁ କ୍ଷତି ପହୁଞ୍ଚାଇବ । ୟୁକ୍ରେନ୍ କିମ୍ବା ଗାଜାରେ ଦେଖାଯାଇଥିବା ସଂଘର୍ଷର ବିନାଶକାରୀ ପ୍ରଭାବ ଜାତୀୟ ସୀମା ବାହାରକୁ ବ୍ୟାପିଛି, ଯୋଗାଣ ଶୃଙ୍ଖଳକୁ ବାଧାପ୍ରାପ୍ତ କରୁଛି, ଲକ୍ଷ ଲକ୍ଷ ଲୋକଙ୍କୁ ବିସ୍ଥାପିତ କରୁଛି ଏବଂ ଆର୍ଥିକ ସ୍ଥିରତାକୁ ନଷ୍ଟ କରୁଛି । ଅର୍ଥନୈତିକ କ୍ଷେତ୍ରରେ ଅସମାନତା ବୃଦ୍ଧି ମଧ୍ୟ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଚିନ୍ତାର ବିଷୟ । କେତେକ ଅଧ୍ୟୟନ ଅନୁସାରେ, ୨୦୨୪ ମସିହାରେ ବିଶ୍ୱବ୍ୟାପୀ କୋଟିପତିଙ୍କ ସମ୍ପତ୍ତି ୨ ଟ୍ରିଲିୟନ ଡଲାର ବୃଦ୍ଧି ପାଇ ୧୫ ଟ୍ରିଲିୟନ ଡଲାରରେ ପହଞ୍ଚିଛି । ବିଶ୍ୱ ଅର୍ଥନୈତିକ ଫୋରମ୍ ବାର୍ଷିକ ବୈଠକର ପ୍ରଥମ ଦିନରେ ପ୍ରତିବର୍ଷ ଅକ୍ସଫାମ୍ ଇଣ୍ଟରନ୍ୟାସନାଲ୍ ଦ୍ୱାରା ପ୍ରକାଶିତ ଅସମାନତା ରିପୋର୍ଟରେ, ୧୯୯୦ ପରଠାରୁ ଦାରିଦ୍ର୍ୟରେ ବଞ୍ଚୁଥିବା ଲୋକଙ୍କ ସଂଖ୍ୟାରେ କୌଣସି ପରିବର୍ତ୍ତନ ହୋଇନଥିବା ସହିତ କୋଟିପତିଙ୍କ ସମ୍ପତ୍ତିରେ ବିଶାଳ ବୃଦ୍ଧି କଥା ଦର୍ଶାଯାଇଛି । ଅକ୍ସଫାମ୍ ଅନୁସାରେ, ୨୦୨୪ ମସିହାରେ ଏସିଆରେ କୋଟିପତିଙ୍କ ସମ୍ପତ୍ତି ୨୯୯ ବିଲିୟନ ଡଲାର ବୃଦ୍ଧି ପାଇଛି ଏବଂ ଏକ ଦଶନ୍ଧି ମଧ୍ୟରେ ଅତି କମ୍‌ରେ ପାଞ୍ଚ ଜଣ ଟ୍ରିଲିୟନପତି ହେବେ ବୋଲି ପୂର୍ବାନୁମାନ କରିଛି । ବିଶ୍ୱ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଏହା ମଧ୍ୟ ଏକ ଚିନ୍ତାର ବିଷୟ । ଡାଭୋସରେ ନେତାମାନେ ଏକତ୍ରିତ ହେବା ସହିତ, ପ୍ରଭାବଶାଳୀ କୂଟନୀତିକୁ କିପରି ପ୍ରୋତ୍ସାହିତ କରାଯିବ, ରାଷ୍ଟ୍ରଗୁଡ଼ିକ ମଧ୍ୟରେ ବିଶ୍ୱାସ ପୁନଃନିର୍ମାଣ କରାଯିବ ଏବଂ ଅର୍ଥନୈତିକ ଅସମାନତା ହ୍ରାସ ପାଇବ, ସେ ଉପରେ ଧ୍ୟାନ ଦେବା ଆବଶ୍ୟକ । ସାମୂହିକ କାର୍ଯ୍ୟାନୁଷ୍ଠାନ ବିନା, ଏ ସବୁ ପ୍ରସଙ୍ଗର ସମାଧାନ ସମ୍ଭବ ନୁହେଁ । ବିଶେଷ ଭାବରେ, ବିଭାଜନ ମାନସିକତାରେ ପରିବର୍ତ୍ତନ ଅଣାଯିବା ଦରକାର । ଭୁଲ ସୂଚନା ବା ବିଭ୍ରାନ୍ତିକର ସୂଚନା ପରିସ୍ଥିତିକୁ ଆହୁରି ଜଟିଳ କରିବାରେ ଲାଗିଛି ଯାହା କ୍ରମଶଃ ଗୋଟିଏ ବଡ ଆହ୍ୱାନ ଭାବରେ ଉଭା ହେବ ନିଶ୍ଚୟ । ବୃଦ୍ଧି ପାଇ ଚାଲିଥିବା ଡିଜିଟାଲ୍ ଦୁନିଆରେ, ମିଥ୍ୟା କାହାଣୀଗୁଡ଼ିକ ନକାରାତ୍ମକ ଜନମତ ତିଆରି କରିବା ସହ ଶାସନକୁ ବିପର୍ଯ୍ୟସ୍ତ କରିବା ଏବଂ ଉତ୍ତେଜନା ବୃଦ୍ଧି କରିବାରେ ସାହାଯ୍ୟ କରିବ । ଏହି ସମସ୍ୟାର ସମାଧାନ ଉପରେ ଡବ୍ଲ୍ୟୁଇଏଫର ଧ୍ୟାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ଅନିୟନ୍ତ୍ରିତ ବିକୃତ ସୂଚନା କେବଳ ଘରୋଇ ସ୍ଥିରତା ନୁହେଁ ବରଂ ଅନ୍ତର୍ଜାତୀୟ ସହଯୋଗକୁ ମଧ୍ୟ ଦୁର୍ବଳ କରିପାରେ । ସଂଘର୍ଷ ଏବଂ ଭୁଲ ସୂଚନା ଉପରେ ସାରା ବିଶ୍ୱର ଚିନ୍ତା କେନ୍ଦ୍ରିତ ହେଇଥିବା ବେଳେ, ପରିବେଶଗତ ବିପଦକୁ ଅଣଦେଖା କରିବା ଉଚିତ ହେବନାହିଁ । ଏକ ଦଶନ୍ଧିରୁ ଅଧିକ ସମୟ ଧରି, ଡାଭୋସ୍ ଜଳବାୟୁ କାର୍ଯ୍ୟ ବିଷୟରେ ଆଲୋଚନା ପାଇଁ ଏକ ମଞ୍ଚ ହେଇଆସିଛି, ତଥାପି ସେମିତି କିଛି ଆଖିଦୃଶିଆ ଅଗ୍ରଗତି ହେଇନାହିଁ । ତାପମାତ୍ରା ସୀମା ଉଲ୍ଲଂଘନ ଏବଂ ଚରମ ପାଣିପାଗ ଅବସ୍ଥାର ତୀବ୍ର ପ୍ରଭାବ ଏହି ଆଲୋଚନାର ଜରୁରୀତାକୁ ସ୍ପଷ୍ଟ କରେ । ବିଶ୍ୱ ନେତାମାନେ ପ୍ରତିଶ୍ରୁତି ବାହାରେ ଯାଇ କାର୍ଯ୍ୟକ୍ଷମ ଜଳବାୟୁ ନୀତିଗୁଡ଼ିକୁ ଆଗକୁ ବଢ଼ାଇବା ଏବଂ କାର୍ଯ୍ୟାନ୍ୱୟନ ଓ ଦାୟିତ୍ୱ ଉପରେ ଧ୍ୟାନ ଦେବା ପାଇଁ ଫୋରମକୁ ବ୍ୟବହାର କରାଯିବା ଉଚିତ । ଏହି ବର୍ଷର ବୈଠକର ସବୁଠାରୁ ବଡ ଦାୟିତ୍ୱ ହେଉଛି, ବିଶ୍ୱ ବିଭାଜନକୁ ରୋକିବା, ଯୁଦ୍ଧ ଓ ବିବାଦକୁ ସମାପ୍ତ କରିବା । ସହଯୋଗକୁ ପ୍ରୋତ୍ସାହିତ କରିବା ଉପରେ ଡବ୍ଲ୍ୟୁଇଏଫର ଗୁରୁତ୍ୱ ଆଲୋଚନା ପାଇଁ ଏକ ସୁବର୍ଣ୍ଣ ସୁଯୋଗ ପ୍ରଦାନ କରେ, କିନ୍ତୁ ସେହି ଆଲୋଚନା ଅର୍ଥପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ ହେବା ଜରୁରୀ । ଡାଭୋସ୍, ଏକ ମଞ୍ଚ ଭାବରେ, ବିଶ୍ୱ ସହଯୋଗର ସମ୍ଭାବନା ଏବଂ ସହଯୋଗର ମାତ୍ରା- ଉଭୟକୁ ବିଚାର କରିବାର ଆବଶ୍ୟକତା ରହିଛି । ସବୁ ଅସ୍ଥିରତା ଓ ଅବ୍ୟବସ୍ଥା ମଧ୍ୟରେ, ଆର୍ଥିକ ସଙ୍କଟ, ରାଜନୈତିକ ଏବଂ ପରିବେଶଗତ ବିଚାରକୁ ଏକୀକୃତ କରିବା ପାଇଁ ସମସ୍ତେ ଭେଦଭାବ ଭୁଲି ଗୋଟିଏ ପ୍ଲାଟଫର୍ମ ରେ ଛିଡା ହେବା ଉଚିତ । ନେତାମାନଙ୍କୁ ଏହି ପ୍ଲାଟଫର୍ମ ବ୍ୟବହାର କରି କେବଳ ଚ୍ୟାଲେଞ୍ଜ ଚିହ୍ନଟ କରିବା ଅପେକ୍ଷା, ସମ୍ପୃକ୍ତ ସମସ୍ୟାକୁ କିପରି ସମାଧାନ କରାଯାଇ ପାରିବ, ତାହା ଉପରେ ଚିନ୍ତା କରିବା ଜରୁରୀ । ତେବେ ବିଶ୍ୱ ନେତୃମଣ୍ଡଳୀ ବିଭାଜନ ମାନସିକତା ଓ ଜାତୀୟ ସ୍ୱାର୍ଥରୁ ଉର୍ଦ୍ଧ୍ୱକୁ ଯାଇ, କେତେଦୂର ବିପଦଗୁଡ଼ିକୁ ସାମୂହିକ ଭାବରେ ମୁକାବିଲା କରିବେ ବା କରିବାପାଇଁ ସକ୍ଷମ ହେବେ, ତାହା ଭବିଷ୍ୟତ ହିଁ ସ୍ପଷ୍ଟ କରିବ ।

# ଆସ୍ଥା ଓ ବିଶ୍ୱାସର ସଙ୍ଗମ କୁମ୍ଭ : ବିବିଧତାରେ ଏକତାର ଉତ୍ସବ

**ସୌର ଚନ୍ଦ୍ର ମହାପାତ୍ର**

ବିଶ୍ୱାସ ଯେଉଁଠି, ଭଗବାନଙ୍କ ସ୍ଥାନ ସେଇଠି । ସନାତନ ଧର୍ମର ଆସ୍ଥା ଓ ବିଶ୍ୱାସର ମହାକୁମ୍ଭ ପ୍ରୟାଗରାଜ କୁମ୍ଭ ମେଳା । ନିକଟରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ନିୟମିତ ରେଡ଼ିଓ କାର୍ଯ୍ୟକ୍ରମ 'ମନ୍ କି ବାତ'ରେ ମହାକୁମ୍ଭ ଓ ରାମ ଲାଲାଙ୍କ ବିଷୟରେ ଆଲୋକପାତ କରିଛନ୍ତି । ମୋଦୀ ତାଙ୍କ ଅଭିଭାଷଣରେ କହିଛନ୍ତି ଏହା ସାମାଜିକ ସଦ୍ଭାବର ଏଭଳି ସଙ୍ଗମ ଯେଉଁଠାରେ ଭେଦଭାବ କିମ୍ବା ଜାତିବାଦ ନାହିଁ । କୁମ୍ଭ ମେଳା ହେଉଛି ବିବିଧତାରେ ଏକତାର ଉତ୍ସବ । ପୂର୍ବରୁ ପଶ୍ଚିମ, ଉତ୍ତରରୁ ଦକ୍ଷିଣ ଏହା ଗୋଟିଏ ସୂତ୍ରରେ ବାନ୍ଧି ରଖିଛି ।



ଏହି ପରମ୍ପରା ହଜାର ହଜାର ବର୍ଷର । ଏହାସହ ମୋଦୀ ଜାନୁଆରୀ ୧୧ରେ ପୌଷ ଶୁକ୍ଳ ଦ୍ୱାଦଶରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ ଏହି ଦିନ ଏବେ ପ୍ରତିଷ୍ଠା ଦ୍ୱାଦଶୀ ପାଲଟି ଯାଇଛି । ପ୍ରୟାଗରାଜର ମହାକୁମ୍ଭ ମେଳା ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ଗଭୀର ଆଧ୍ୟାତ୍ମବାଦ ଏବଂ ସଂଗଠନାତ୍ମକ କ୍ଷମତାର ଏକ ଶାଶ୍ୱତ ପ୍ରତୀକ । ପୌରାଣିକ ଆଧାରରୁ ଆରମ୍ଭ କରି ଆଧୁନିକ ଆୟୋଜନ ପର୍ଯ୍ୟନ୍ତ, ଏହି ଉତ୍ସବ ଏକ ବୈଶ୍ୱିକ ମେଳାର ରୂପ ଧାରଣ କରିସାରିଛି । ବହୁ ଆହ୍ୱାନ ସତ୍ତ୍ୱେ, ଏହା କୋଟି କୋଟି ଶ୍ରଦ୍ଧାଳୁଙ୍କ ମଧ୍ୟରେ ଶ୍ରଦ୍ଧା, ଭକ୍ତି ଏବଂ ଏକତାର ଭାବନାକୁ ପ୍ରେରିତ କରୁଛି । ମହାକୁମ୍ଭ ଭାରତର ଶତାବ୍ଦୀ ପ୍ରାଚୀନ ପରମ୍ପରାର ପ୍ରତୀକ, ଯାହା ଆମକୁ ବିଶ୍ୱାସର ଶକ୍ତି, ସାଂସ୍କୃତିକ ସଂରକ୍ଷଣର ମହତ୍ତ୍ୱ ଓ ମାନବିକତାର ମନ୍ତ୍ର ଶିଖାଇଥାଏ ।

ଭାରତର ଧାର୍ମିକ ଐତିହ୍ୟର ପ୍ରତୀକ, ସନାତନ ଧର୍ମର ଆସ୍ଥା ଓ ବିଶ୍ୱାସର ମହାପର୍ବ ମହାକୁମ୍ଭ ମେଳା । ଏହା ଏପରି ଏକ ଆୟୋଜନ ଯାହା ଆସ୍ଥା, ପରମ୍ପରା ଏବଂ ଆଧ୍ୟାତ୍ମିକତାର ପ୍ରତୀକ । ପ୍ରତି ବାର ବର୍ଷରେ ପ୍ରୟାଗରାଜ, ହରିଦ୍ୱାର, ଉଜ୍ଜୟିନୀ ଓ ନାସିକରେ ଆୟୋଜିତ ହୋଇଥାଏ କୁମ୍ଭମେଳା । ତେବେ ଚଳିତ ମହାକୁମ୍ଭ ମେଳା ସ୍ୱତନ୍ତ୍ର, ଅନନ୍ୟ ଏବଂ ଅଦ୍ୱିତୀୟ । କାରଣ ୧୪୪ ବର୍ଷରେ ଥରେ ଏପରି ସଂଯୋଗରେ ଆୟୋଜିତ ହୋଇଛି ଏହି ଭବ୍ୟ ମେଳା । ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ତ୍ରିବେଣୀ ସଙ୍ଗମରେ ଆୟୋଜିତ ହେଉଥିବାବେଳେ ଏହି କୁମ୍ଭମେଳାର, ଧାର୍ମିକ ଏବଂ ତାତ୍ତ୍ୱିକ ଗୁରୁତ୍ୱ ରହିଛି । ଚଳିତ ବର୍ଷ ପୌଷ ପୂର୍ଣ୍ଣିମାରୁ ଆରମ୍ଭ ହୋଇଥିବା ଏହି ମେଳା ଆସନ୍ତା ଅର୍ଥାତ୍ ଫେବୃଆରୀ ୨୬ ତାରିଖ ମହାଶିବରାତ୍ରି ପର୍ଯ୍ୟନ୍ତ ଚାଲିବ ।

କୁମ୍ଭମେଳା ସହିତ ବେଶ କିଛି ପୌରାଣିକ କାହାଣୀ ଜଡ଼ିତ । ବିଶେଷକରି ସମୁଦ୍ର ମନ୍ଥନ ଏବଂ ନଦୀଗୁଡ଼ିକର ପବିତ୍ରତା ସହିତ ଏହାର ସଂଯୋଗ ରହିଛି । କିନ୍ତୁ ଏହି ମେଳା ସହିତ 'କୁମ୍ଭ' ଶବ୍ଦଟିର ସଂଯୋଗ କିପରି ହେଲା ? ବେଦ ଓ ପୁରାଣ ଭଳି ପ୍ରାଚୀନ ଧର୍ମଗ୍ରନ୍ଥରେ ଏହାର କୌଣସି ଉଲ୍ଲେଖ ଅଛି କି ? କୁମ୍ଭ ଶବ୍ଦଟି ବେଦର ବିଭିନ୍ନ ସ୍ଥାନରେ ଉଲ୍ଲେଖ କରାଯାଇଛି ଯାହା ଗୋଟିଏ ପାତ୍ର ବା ଜଳ ପ୍ରବାହର ପ୍ରତୀକ । ବେଦ ଅନୁସାରେ ଅମୃତ ମନ୍ଥନ ବା ହରିଦ୍ୱାର, ପ୍ରୟାଗରାଜ, ଉଜ୍ଜୟିନୀ ଏବଂ ନାସିକର କୁମ୍ଭ ଉତ୍ସବର କିମ୍ବଦନ୍ତୀ ସହିତ ଏହାର କୌଣସି ପ୍ରତ୍ୟକ୍ଷ ସମ୍ପର୍କ ନାହିଁ । ଋଗବେଦରେ ଇନ୍ଦ୍ରଦେବଙ୍କ ସମ୍ପର୍କରେ ଗୋଟିଏ ସ୍ତୋତ୍ରରେ କୁମ୍ଭ ଶବ୍ଦଟି ଉଲ୍ଲେଖ କରାଯାଇଛି । ଋଗବେଦର ସେହି ସ୍ତୋତ୍ର ଅନୁସାରେ କୁମ୍ଭ ଏକ କଞ୍ଚା ମାଟିର ପାତ୍ରକୁ ବୁଝାଇଥାଏ ଏବଂ ଇନ୍ଦ୍ରଙ୍କୁ ଶତ୍ରୁ ବିନାଶକାରୀ ଏବଂ ଜଳ ସରବରାହକାରୀ ଭାବରେ ବର୍ଣ୍ଣନା କରାଯାଇଛି ।

କୁମ୍ଭ ମେଳା ବା ଆଚାରଗତ ସ୍ନାନର କୌଣସି ଉଲ୍ଲେଖ ଋଗ ବେଦରେ ନାହିଁ । ତେବେ ପୂର୍ଣ୍ଣ କୁମ୍ଭ ଶବ୍ଦଟି ପ୍ରଥମେ ଅଥର୍ବବେଦରେ ଉଲ୍ଲେଖ କରାଯାଇଥିଲା, ଯାହା ଋଗବେଦର ପ୍ରାୟ ୬୦୦ ବର୍ଷ ପରେ ଲିଖିତ ହୋଇଥିଲା । ଏହାର ଚତୁର୍ଥ ମଣ୍ଡଳର ୩୪ତମ ସ୍ତୋତ୍ରରେ ଉଲ୍ଲେଖ ଅଛି, ଏହା ସମୟର ଧାରଣାର ପ୍ରତୀକ । ଋଗବେଦର ଦଶମ ମଣ୍ଡଳରେ ଗଙ୍ଗା, ଯମୁନା ଏବଂ ସରସ୍ୱତୀ ନଦୀର କଥା ମଧ୍ୟ ଉଲ୍ଲେଖ କରାଯାଇଛି, ଯାହା ସେମାନଙ୍କ ଏକତ୍ରିତ ହେବାର ଇଙ୍ଗିତ ଦେଇଥାଏ । ଏହା ବ୍ୟତୀତ ମହାଭାରତ ଏବଂ ପୁରାଣରେ ପ୍ରୟାଗର ଉଲ୍ଲେଖ ଅଛି । କିନ୍ତୁ କୁମ୍ଭ ମେଳା ବା ଉତ୍ସବ ଭାବରେ ସ୍ପଷ୍ଟ ଉଲ୍ଲେଖ ନାହିଁ ।

କୁମ୍ଭମେଳାର ପ୍ରାଥମିକ ଉଲ୍ଲେଖ ଭାରତୀୟ ପୌରାଣିକ କାହାଣୀରେ ଦେଖିବାକୁ ମିଳେ । ବିଶେଷକରି ସମୁଦ୍ର ମନ୍ଥନରୁ ପ୍ରାପ୍ତ ଅମୃତ କୁମ୍ଭ କଳସ କଥା ସହିତ ଏହ ଗଭୀର ଭାବେ ସମ୍ବନ୍ଧିତ । ସେହି କୁମ୍ଭରୁ ଚାରିବୁନ୍ଦା ଅମୃତ ପୃଥିବୀ ପୃଷ୍ଠର ଯେଉଁ ଚାରୋଟି ସ୍ଥାନରେ ଭୂପତିତ ହୋଇଥିଲା, ସେହି ସ୍ଥାନରେ ପ୍ରତି ବର୍ଷ ୧୨ ବର୍ଷରେ ପୂର୍ଣ୍ଣ କୁମ୍ଭ ମେଳା ଆୟୋଜିତ ହୋଇଆସୁଛି । ଭାରତର ସବୁଠୁ ପ୍ରାଚୀନ ଗ୍ରନ୍ଥ, ଋଗ ବେଦରେ ନଦୀମାନଙ୍କ ପବିତ୍ରତା ବିଷୟରେ ଉଲ୍ଲେଖ ଥିବାବେଳେ ତିନି ନଦୀର ସଙ୍ଗମ ସ୍ଥଳରେ ସ୍ନାନ କଲେ ପୁଣ୍ୟ ମିଳେ ବୋଲି ଉଲ୍ଲେଖ ଅଛି । ମହାଭାରତରେ ପ୍ରୟାଗରାଜକୁ ଆଧ୍ୟାତ୍ମିକ ସ୍ନାନ ପାଇଁ ସବୁଠୁ ପବିତ୍ର ସ୍ଥଳ ଭାବେ ଦର୍ଶାଯାଇଛି । ପିତାମହ ଭୀଷ୍ମ ଯୁଧିଷ୍ଠିରଙ୍କୁ ତ୍ରିବେଣୀ ସଙ୍ଗମରେ ସ୍ନାନ କରିବାର ପରାମର୍ଶ ଦେଇଥିଲେ ।

ପ୍ରସିଦ୍ଧ ଦାର୍ଶନିକ ତଥା ଆଧ୍ୟାତ୍ମିକ ଗୁରୁ ଆଦି ଶଙ୍କରାଚାର୍ଯ୍ୟ ଅଷ୍ଟମ ଶତାବ୍ଦୀରେ ହିନ୍ଦୁ ତୀର୍ଥ ଯାତ୍ରାର ପରମ୍ପରାକୁ ଔପଚାରିକ ରୂପରେ ପ୍ରତିଷ୍ଠା କରିଥିଲେ । ସେ ଏକ ପରମ୍ପରା ଆରମ୍ଭ କରିଥିଲେ ଯେଉଁଥିରେ ସାଧୁ ସଂପ୍ରଦାୟ କୁମ୍ଭ ମେଳାରେ ଏକତ୍ରିତ ହେଉଥିଲେ ଏବଂ ଆଧ୍ୟାତ୍ମିକ ଚର୍ଚ୍ଚା ତଥା ଧାର୍ମିକ କାର୍ଯ୍ୟ କରୁଥିଲେ । ପୁଣି ୧୪୪ ବର୍ଷରେ ଥରେ ସମ୍ପୂର୍ଣ୍ଣ ତିଥି ବାର ନକ୍ଷତ୍ରର ମିଳନ ହୁଏ । ଏହାକୁ ଅମୃତ ମହାକୁମ୍ଭ କୁହାଯାଏ । ଆସ୍ଥା ଓ ବିଶ୍ୱାସର ସଙ୍ଗମ କୁମ୍ଭ । ତୀର୍ଥରାଜ ପ୍ରୟାଗରୁ ଆରମ୍ଭ କରି ଆହ୍ଲାବାଦ, ବର୍ତ୍ତମାନର ପ୍ରୟାଗରାଜ ପର୍ଯ୍ୟନ୍ତ ମହାକୁମ୍ଭ ବିକାଶର ଗାଥା ଅସୀମ, ଅକଳ୍ପନୀୟ । ମହାକୁମ୍ଭ ମେଳା ଭାରତରେ ଏକ ଭବ୍ୟ ଧାର୍ମିକ ଆୟୋଜନ । ଏହି ଉତ୍ସବର ଐତିହାସିକ ଗୁରୁତ୍ୱ ଯେତିକି, ଆଧ୍ୟାତ୍ମିକ ମହତ୍ତ୍ୱ ବି ସେତିକି । ଏହାର ମୌଳିକତା ପ୍ରାଚୀନ ଭାରତୀୟ ଗ୍ରନ୍ଥରେ ସମାହିତ । କୋଟି କୋଟି ଶ୍ରଦ୍ଧାଳୁଙ୍କ ସମର୍ପିତ ମନୋଭାବରେ ସଙ୍ଗମ ନଗରୀର ମହାକୁମ୍ଭ ଏବେ ବିଶ୍ୱର ସବୁଠୁ ବଡ଼ ଧାର୍ମିକ ମେଳା । ଏହି ଆସ୍ଥା, ଭକ୍ତି, ବିଶ୍ୱାସର କୁମ୍ଭ ହିଁ ସନାତନର ଅମୃତ ଧାରାକୁ ଚିରନ୍ତନ ଭାବେ ଉଜ୍ଜୀବିତ ରଖି ଆସୁଥିବ ।

**ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,**
**'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି,**
**ସେକ୍ଟର-୬, କଟକ**

# ମୃତ୍ୟୁ ଯନ୍ତା ସଡ଼କ: ବ୍ଲାକସ୍ପଟ ଓ ସଡ଼କ ସମ୍ମୋହନ

**ଆଦିତ୍ୟ କୁମାର ମହାନ୍ତି**

ଜାତୀୟ ସଡ଼କ ଦୁର୍ଘଟଣା-୨୦୨୨ର ତଥ୍ୟ ଅନୁସାରେ ଦେଶରେ ପ୍ରତି ୧୦୦ ଦୁର୍ଘଟଣାରେ ହାରାହାରି ୩୬ ଜଣଙ୍କ ମୃତ୍ୟୁ ଘଟୁଥିବାବେଳେ ଓଡ଼ିଶାରେ ଏହି ସଂଖ୍ୟା ଅଧିକ । ଏହି ରିପୋର୍ଟ କହୁଛି ଓଡ଼ିଶାରେ ପ୍ରତି ୧୦୦ ଦୁର୍ଘଟଣାରେ ୪୬ ଜଣ ପ୍ରାଣ ହରାଉଛନ୍ତି । ତ୍ରୁଟିପୂର୍ଣ୍ଣ ଗାଡ଼ି ଚାଳନା ଓ ଭୁଲ ରାସ୍ତା ଡିଜାଇନ ଏଠାରେ ସଡ଼କ ଦୁର୍ଘଟଣାର ମୁଖ୍ୟ କାରଣ । ଏଥିସହ କୁହୁଡ଼ି, ମଦ୍ୟପାନ ଓ ଦୀର୍ଘ ସମୟ ଧରି ଗାଡ଼ି ଚାଳନା ଅନ୍ୟ ପ୍ରମୁଖ କାରଣ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି । ଏଥିସହ କିଛି ଦୁର୍ଘଟଣାପ୍ରବଣ ଅଞ୍ଚଳ ଥାଏ ଯେଉଁଠାରେ ଦୁର୍ଘଟଣା ଅଧିକ ହୋଇଥାଏ।

ରାସ୍ତା ଅଛି ତ ଯୋଗାଯୋଗ ଅଛି ତେବେ ବଡ଼ କଥା ହେଉଛି ସୁରକ୍ଷିତ ଭାବେ ଯାତ୍ରା କରିବା । ଆମେ ଯେତେ ସଡ଼କ ଦୁର୍ଘଟଣା ଦେଖୁ ଅନେକ କ୍ଷେତ୍ରରେ ଆଲୋଚନା ହୁଏ ଯେ ଦୁର୍ଘଟଣାଟି ବ୍ଲାକସ୍ପଟ ସ୍ଥାନରେ ସଂଗଠିତ ହୋଇଛି । ତେଣୁ ଆସନ୍ତୁ, ସର୍ବପ୍ରଥମେ ଆଲୋଚନା କରିବା ଏହି ବ୍ଲାକସ୍ପଟଟି କ'ଣ ? ଅସ୍ୱାଭାବିକ ଭାବେ ଅଧିକ ଦୁର୍ଘଟଣା ଘଟୁଥିବା ସ୍ଥାନକୁ ବ୍ଲାକସ୍ପଟ କୁହାଯାଏ । ବାସ୍ତବରେ ବ୍ଲାକସ୍ପଟ ଏକ ନିର୍ଦ୍ଦିଷ୍ଟ ସ୍ଥାନ ନୁହେଁ, ଏହା ହେଉଛି ୩୦୦ ମିଟରରୁ ଅଧ କିଲୋମିଟର ଯାଏ ଲମ୍ବିଥିବା ଏକ ଅଞ୍ଚଳ । ଯେଉଁଠାରେ ୫ଟି ଦୁର୍ଘଟଣାରେ ଲୋକେ ଗୁରୁତର ଆହତ ହୋଇଥିବେ ବା ପ୍ରାଣ ହରାଇଥିବେ ଅଥବା ୩ ବର୍ଷରେ ୧୦ଟି ଗୁରୁତର ଦୁର୍ଘଟଣା ଘଟିଥିବ, ସେହି ସ୍ଥାନକୁ ବ୍ଲାକସ୍ପଟ ଭାବେ ଚିହ୍ନିତ କରାଯାଇଥାଏ ।

ଓଡ଼ିଶାର ବିଭିନ୍ନ ରାଜ୍ୟ ରାଜପଥ ଓ ଜିଲ୍ଲା ସଦର ମହକୁମାକୁ ସଂଯୋଗ କରୁଥିବା ରାସ୍ତାରେ ୨୫୯ଟି ବ୍ଲାକସ୍ପଟ ଚିହ୍ନଟ କରାଯାଇଛି । ଖୋର୍ଦ୍ଧା, ଯାଜପୁର, କେନ୍ଦ୍ରାପଡ଼ା ଓ କେନ୍ଦୁଝର ଭଳି ଜିଲ୍ଲାରେ ସର୍ବାଧିକ ବ୍ଲାକସ୍ପଟ ରହିଥିବା ତଥ୍ୟ କହୁଛି । ଏଠାରେ ଦୁର୍ଘଟଣାର କାରଣ ଅନ୍ୱେଷଣ ଓ ପ୍ରତିକାର ବିଧାନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ବ୍ଲାକସ୍ପଟ କମିଟି ମଧ୍ୟ ଗଠନ କରାଯାଇଛି ।

ସଡ଼କ ଦୁର୍ଘଟଣା ସହିତ ସଡ଼କ ସମ୍ମୋହନର ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି କାରଣ ଏହା ହିଁ ଦୁର୍ଘଟଣାକୁ ଅତି ଭୟାନକ ଓ ଦୁଃଖଦପୂର୍ଣ୍ଣ କରିଥାଏ । ତେବେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ଏହି ସଡ଼କ ସମ୍ମୋହନ କ'ଣ ? ମନେକରନ୍ତୁ ଆପଣ କୁଆଡ଼େ ଏକ ଦୂର ସ୍ଥାନକୁ ଯାତ୍ରା କରୁଛନ୍ତି । ବେଳେ ବେଳେ ଆପଣ ଅନୁଭବ କରିଥିବେ, ଗାଡ଼ି ଚଳାଇବା ବେଳେ ସାଇନବୋର୍ଡ଼ରେ ଆପଣ ଗନ୍ତବ୍ୟସ୍ଥଳକୁ ୬୨ କି.ମି. ଥିବା ଦେଖିଥିବେ ।

ହଠାତ୍ କିଛି ସମୟ ପରେ ଆପଣ ପଲକ ପକାଇ ଦେଖିବେ ଯେ ସାଇନବୋର୍ଡ଼ରେ ଲେଖା ହୋଇଛି ଆପଣଙ୍କ ଗନ୍ତବ୍ୟସ୍ଥଳକୁ ଆଉ ୪୦ କି.ମି. । ଆପଣ ନିଶ୍ଚିତ ଥିବେ ଯେ ଆପଣ ଶୋଇନାହାନ୍ତି, କିନ୍ତୁ ୨୨ କି.ମି.ରେ କ'ଣ ଘଟିଲା, କେମିତି ଏତେ ଦୂରତା ଆପଣ ଅତିକ୍ରମ କଲେ, ସେ ନେଇ ଆପଣ କିଛି ମନେ ପକାଇ ପାରୁନାହାଁନ୍ତି । ମସ୍ତିଷ୍କର ଏହି ସ୍ଥିତିକୁ ସଡ଼କ ସମ୍ମୋହନ ବା ରୋଡ଼ ହିପନୋଟାଇଜ କୁହାଯାଇଥାଏ । ଏହି ସ୍ଥିତିରେ ବ୍ୟକ୍ତି ଅବଚେତନ ଅବସ୍ଥାକୁ ଚାଲିଯାଏ ଏବଂ ମସ୍ତିଷ୍କ ବ୍ଲାକ ଆଉଟ ହୋଇଯାଏ । ସାଧାରଣତଃ ଅଢ଼େଇ ଘଣ୍ଟାରୁ ଅଧିକ ସମୟ ଧରି ଲଗାତାର ଗାଡ଼ି ଚଳାଇବା ଫଳରେ ଏଭଳି ଘଟିଥାଏ । କେବଳ ଲମ୍ବା ସମୟ ଧରି ଗାଡ଼ି ଚଳାଇବା ଯୋଗୁଁ ନୁହେଁ, ଏକାଭଳି ଦେଖାଯାଉଥିବା ରାସ୍ତାରେ ଗାଡ଼ି ଚଳାଇଲେ ବି ସଡ଼କ ସମ୍ମୋହନ ହୋଇଥାଏ ।

ସଡ଼କ ସମ୍ମୋହନରୁ ବର୍ତ୍ତିବା ପାଇଁ ପ୍ରତିକାର ହେଉଛି- ଲମ୍ବା ରାସ୍ତାରେ ଯାତ୍ରା କଲାବେଳେ ପ୍ରତି ୧ କିମ୍ବା ୨ ଘଣ୍ଟାରେ ଥରେ ଗାଡ଼ିରୁ ଓହ୍ଲାଇ ବାହାରେ ବୁଲିବା ବା ଜଗିଂ କରିବା ଦ୍ୱାରା ମସ୍ତିଷ୍କ ସକ୍ରିୟ ହୋଇଉଠେ । ଗାଡ଼ି ଚଳାଇଲା ବେଳେ ନିଦ ଲାଗିଲେ ବା ବିରକ୍ତ ଲାଗିଲେ, ଗାଡ଼ିରୁ ଓହ୍ଲାଇ କିଛି ଚା' କଫି ସହ ସ୍ନାକ୍ସ ଖାଇପାରିବେ । ଗାଡ଼ି ଚଳାଇଲା ବେଳେ ସହଯାତ୍ରୀଙ୍କ ସହ କଥାବାର୍ତ୍ତା ବା ଉଚ୍ଚ ସ୍ୱରରେ ଗୀତ ଶୁଣିବା ଦ୍ୱାରା ବି ସଡ଼କ ସମ୍ମୋହନରୁ ବର୍ତ୍ତି ହେବ । କାର ବା ବସ୍‌ରେ ଗଲାବେଳେ ମଝିରେ ମଝିରେ ଝରକା ଖୋଲିବା ଦ୍ୱାରା ବି ଲାଭ ମିଳିଥାଏ । ବାହାର ପରିବେଶ ସଂସ୍ପର୍ଶରେ ଆସି ମସ୍ତିଷ୍କ ସତେଜ ଅନୁଭବ କରେ । ଗାଡ଼ି ଚଳାଇଲା ବେଳେ ଗାଡ଼ିର ବେଗ ଓ ମ୍ୟାପ ଉପରେ ଦୃଷ୍ଟି ନିକ୍ଷେପ କଲେ ବା ନିୟମିତ ଯାଉଥିବା ରାସ୍ତାରେ ନ ଯାଇ ନୂଆ ରାସ୍ତାରେ ଗଲେ ଲାଭ ମିଳିପାରିବ ।

ଭାରତର ରାସ୍ତା ତଥା ଭାରତୀୟ ଗାଡ଼ିଚାଳକମାନେ ହେଉଛନ୍ତି ପୃଥିବୀର ସବୁଠାରୁ ବିପଜ୍ଜନକ । ଏହି ସ୍ଥିତିରେ ପରିବର୍ତ୍ତନ ଆଣିବା ଲାଗି ଦରକାର ଚାଳକମାନଙ୍କ ସାବଧାନତା, ଭଲ ସଡ଼କ ଉପଯୋଗୀ ଗାଡ଼ିର ଚଳାଚଳ ଏବଂ ଖିଲାପିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ । ଭାରତର ଲାଇଫ୍ ଲାଇନ କୁହାଯାଉଥିବା ସଡ଼କ ପଥଗୁଡ଼ିକ ସଂପ୍ରତି ଅସୁରକ୍ଷିତ ହୋଇପଡ଼ିଲାଣି କହିଲେ ଅତ୍ୟୁକ୍ତି ହେବନାହିଁ । ଅଧିକାଂଶ ସଡ଼କ ବର୍ତ୍ତମାନ ସୁଦ୍ଧା ଖାଲଖମାରେ ଭର୍ତ୍ତି, ଦୁଇପଟେ ଘର ଉଠୁଥିବାରୁ ଅନେକ ସଡ଼କପଥର କଡ଼ ଅଂଶ ଜବର ଦଖଲ ହୋଇଥାଏ ଯାହାଦ୍ୱାରା ରାସ୍ତାରେ ଗମନା ଗମନ ସଙ୍କୁଚିତ ହେବାକୁ ପଡ଼େ । ସେହିପରି ସରକାରୀ ଆଇନକାନୁନ୍ ଓ ପରିବହନ ସଂକ୍ରାନ୍ତୀୟ ଜ୍ଞାନ ନଥାଇ ଅନେକ ଗାଡ଼ି ଚାଳକଙ୍କ ନିଜ ଷ୍ଟାଇଲରେ ଗାଡ଼ି ଚଳାଇବା ଦ୍ୱାରା ଉଦ୍‌ବେଗଜନକ ଦୁର୍ଘଟଣା ବଢ଼ିଥାଏ । ମଦ୍ୟପାନ ବା ନିଶାସେବନ କରି ଗାଡ଼ି ଚଳାଉଥିବା ଚାଳକଙ୍କ ସଂଖ୍ୟା ଦିନକୁ ଦିନ ଉଦ୍‌ବେଗଜନକ ଭାବରେ ବଢ଼ିବାରେ ଲାଗିଛି ।

ସଡ଼କଟି ପାଦ ଚଲା ଲୋକଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଲାଣି । ମୋବାଇଲ ଫୋନରେ ଗପିବାର ବ୍ୟସ୍ତ ରହି ଅନେକ ପଥଚାରୀ ସହଜେ ଦୁର୍ଘଟଣାର ଶିକାର ହୋଇଥାନ୍ତି । ଉତ୍ତମ ଗମନାଗମନର ସୁଯୋଗ ତଥା ଲୋକମାନଙ୍କ ଭିତରେ ସମ୍ପର୍କର ଦୂରତ୍ୱକୁ କମାଇବା ପାଇଁ ସରକାର ସଡ଼କ ଯୋଗାଯୋଗ ବ୍ୟବସ୍ଥାକୁ ପ୍ରାଥମିକତା ଦେଇ ଏହାର ତମାମ ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି । ତେବେ ଏସବୁ ଭିତରେ ସଚେତନତା ବଢ଼ାଇବା ଆମମାନଙ୍କର ପ୍ରମୁଖ କର୍ତ୍ତବ୍ୟ । ଓଡ଼ିଶା ସରକାରଙ୍କ ପରିବହନ ବିଭାଗ ସର୍ବାଧିକ ଗୁରୁତ୍ୱ ଦେଇ ଲୋକମାନଙ୍କର ଧନଜୀବନ ଓ ସଡ଼କ କ୍ଷେତ୍ରକୁ ପ୍ରାଥମିକତା ଦେବା ଦ୍ୱାରା ରାଜ୍ୟରେ ଉଦ୍‌ବେଗଜନକ ଭାବେ ସଡ଼କ ଦୁର୍ଘଟଣା ଓ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ ପାଇଛି । ଏ କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ଓଡ଼ିଶା ପ୍ରଥମ ରାଜ୍ୟର ମାନ୍ୟତା ପାଇଛି ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**

# ପ୍ରଜ୍ଞାନଦାତ୍ରୀ ସରସ୍ୱତୀ

**ଉମା ଶଙ୍କର ପ୍ରସାଦ**

ଜଗତ ନିର୍ମାଣ କରିବାକୁ ହେଲେ ଜଗତ ବିଷୟକ ଜ୍ଞାନ ନ ଥିଲେ ଜଗତ ନିର୍ମାଣ ଅସମ୍ଭବ । ତେଣୁ ବ୍ରହ୍ମା ସ୍ତ୍ରୀ ବାଚକ ଶକ୍ତି ରୂପିଣୀ ସରସ୍ୱତୀ, ଲକ୍ଷ୍ମୀ ଓ ଉମାଙ୍କୁ କଳ୍ପନା କରିଥିଲେ । ସରସ୍ୱତୀ ହେଲେ ଜ୍ଞାନ, କଳା ଓ କୌଶଳର ପ୍ରତୀକ । ଦ୍ୟୋତନଶୀଳା ଦେବୀ ଓ ପ୍ରକାଶାତ୍ମିକା ବିଦ୍ୟା । ସେ ବ୍ରହ୍ମାଙ୍କ ସହିତ ସଂଯୁକ୍ତ ହେଲେ ବୋଲି ସୃଷ୍ଟି ହେଲା ବିଶ୍ୱ ବ୍ରହ୍ମାଣ୍ଡ। ସ୍ଥାବର ଜଙ୍ଗମ ସରସ୍ୱତୀଙ୍କୁ ଜ୍ଞାନ ସ୍ୱରୂପା କଳ୍ପନା କରି ମହାନ ଋଷିଗଣ ନିଜକୁ ତାଙ୍କ ପାଖରେ ଅର୍ପଣ କରିଦେଇଛନ୍ତି ନିଜର ଆବେଗକୁ ।

ମନ୍ତ୍ରଦ୍ରଷ୍ଟା ଋଷିଙ୍କ ଦୃଷ୍ଟିରେ ସେ ବାଣୀ ସଂସ୍କୃତି, ବିଦୂଷୀ ନାରୀ ଓ ପରମାତ୍ମା ଇଳା ସରସ୍ୱତୀ ମହୀ(ଋଗ୍ ବେଦ ୧.୪.୨.୯) ଏହି ମନ୍ତ୍ରରେ ସରସ୍ୱତୀଙ୍କୁ ସଂସ୍କୃତି ସ୍ୱରୂପ ବୋଲି ବର୍ଣ୍ଣନା କରାଯାଇଛି । ବାସ୍ତବରେ ସରସ୍ୱତୀଙ୍କ ବ୍ୟକ୍ତିତ୍ୱରେ ଭାରତୀୟ ସଂସ୍କୃତି ଆରୋପିତା ଜ୍ଞାନ ପିପାସୁ ବୈଦିକ ଋଷି ଉଦାତ କଣ୍ଠରେ ଗାଇଛନ୍ତି-

*'ଅମ୍ବି ତମେ ନଦୀ ତମେ ଦେବୀ*
*ତମେ ସରସ୍ୱତୀ ଅପ୍ରଶସ୍ତା*
*ଇବସ୍ମସି ପ୍ରଶସ୍ତି ମମ୍ବ ନ ସ୍କୃଧି ।'*

ହେ ଶ୍ରେଷ୍ଠମାତା, ହେ ଶ୍ରେଷ୍ଠ ଦେବୀ, ହେ ଶ୍ରେଷ୍ଠ ନଦୀ, ଆମେ ସବୁ ଅପ୍ରଶସ୍ତ ପ୍ରାଣୀ । ଆମକୁ ପ୍ରଶସ୍ତ ତଥା ବିସ୍ତାରିତ କରାଅ । ଆମର ଅପ୍ରଶସ୍ତ ଜ୍ଞାନର ବଳୟକୁ ପ୍ରଶସ୍ତ କର । ସରସ୍ୱତୀଙ୍କର ଶାବ୍ଦିକ ଅର୍ଥ ପ୍ରସରଣଶୀଳା, ଗତିଶୀଳା ।

ଏହା ମଧ୍ୟ ଏକ ସଙ୍କେତ । ସରସ୍ୱତୀଙ୍କ ବନ୍ଦନା ସଙ୍ଗେ ସଙ୍ଗେ ନଦୀର ବର୍ଣ୍ଣନା ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ । ବଶିଷ୍ଠ, ଭରଦ୍ୱାଜ ଆଦି ଋଷିଗଣ ଜ୍ଞାନ ରୂପକ ନଦୀର ସ୍ରୋତରେ ଭାସିଯାଇ ପରମ ଆନନ୍ଦ ଲାଭ କରିଛନ୍ତି । କେବଳ ସେତିକି ନୁହେଁ, ସରସ୍ୱତୀ, ସ୍ରୋତସ୍ୱତୀ ରୂପେ ପ୍ରଜ୍ଞାରୂପକ ଜଳରାଶିର ଉଚ୍ଛ୍ୱାସରେ ଗତିପଥର ସମସ୍ତ ବିଘ୍ନରାଜିରୁ ସେମାନଙ୍କୁ ଅତିକ୍ରାନ୍ତ କରାଇଛନ୍ତି । ସେ ହୋଇଛନ୍ତି ସୁନିୟନ୍ତ୍ରଣକାରିଣୀ

'ସୁଷମା ସରସ୍ୱତୀ', 'ପାବକାଃ ନଃ ସରସ୍ୱତୀ' ମନ୍ତ୍ରରେ ପବିତ୍ରକାରିଣୀ ରୂପରେ ସେ ସ୍ତୁତ ହୋଇଛନ୍ତି ।

ସରସ୍ୱତୀ ପଦ୍ମାଶନରେ ଉପବିଷ୍ଟା ହୋଇ ସ୍ଫଟିକର ମାଳା ଅହଙ୍କାର ହସ୍ତରେ ଧାରଣ କରିଛନ୍ତି । ଜପମାଳା ଧ୍ୟାନର ପ୍ରତୀକ ମାନସିକ ଏକାଗ୍ରତାର ସଙ୍କେତ । ଅହଂକାର ଭାବ ନଷ୍ଟ ହେଲେ ବ୍ରହ୍ମ ଦର୍ଶନ ସ୍ୱଚ୍ଛ ହୁଏ । ସ୍ୱାଧ୍ୟାୟ, ମନନ ଓ ନିଧିଧ୍ୟାସନ ଦ୍ୱାରା ଅହଂକାର ନାଶ ହୁଏ । ସରସ୍ୱତୀଙ୍କର ଶୁଭ୍ରତା, ସାତ୍ତ୍ୱିକତା ଓ ଶୁଦ୍ଧତାର ନିଦର୍ଶନ ।

ଦେବୀ ପ୍ରସ୍ଫୁଟିତ ଶ୍ୱେତପଦ୍ମରେ ବିରାଜିତ । ପଦ୍ମ ଆଧ୍ୟାତ୍ମିକ ଶ୍ରେଷ୍ଠତା ଓ ପ୍ରଜନନର ସୂଚକ । ଏହି ଅନନ୍ତ ସତ୍ୟ ଉପରେ ଦେବୀ ଆରୁଢ଼ା । ତାଙ୍କର ଆଶୀର୍ବାଦ ହେଲେ ଶରୀର ମଧ୍ୟରେ ଥିବା କୁଣ୍ଡଳିନୀ ଶକ୍ତି ପଦ୍ମପରି ବିକଶିତ ହୁଏ । ଜ୍ଞାନର ଉନ୍ମେଷ ଘଟେ ।

ବିବେକର ପ୍ରତୀକ ହଂସ । ହଂସ କ୍ଷୀର ନୀର ମିଶ୍ରଣରୁ କେବଳ କ୍ଷୀର ହିଁ ଗ୍ରହଣ କରିଥାଏ । ଏଣୁ ହଂସ ଅଜ୍ଞାନ ସାଗରରୁ ଜ୍ଞାନରାଶି ଗ୍ରହଣ କରିବାକୁ ନିଜ ଉପାସକମାନଙ୍କୁ ଆହ୍ୱାନ ଦେଇଥାଏ । ସାୟଣାଚାର୍ଯ୍ୟାଙ୍କ ମତରେ 'ଅହଂ ସଃ'। ମୁଁ ତାହା ଅର୍ଥାତ୍ ଅହଂ ବ୍ରହ୍ମାସ୍ମି । ମୁଁ ବ୍ରହ୍ମ ଅଟେ । ହଂସ ଭାବନାରେ ଜୀବାତ୍ମା ପରମାତ୍ମାରେ ଏକାକାର ହୋଇଯାଏ ।

ମାଘ ମାସର ଶୁକ୍ଳ ପକ୍ଷ ପଞ୍ଚମୀ ତିଥି ସରସ୍ୱତୀଙ୍କର ଅତିପ୍ରୀୟ ଜନ୍ମ ଦିନ । ଏହାର ଅନ୍ୟନାମ ବସନ୍ତ ପଞ୍ଚମୀ । ବସନ୍ତର ରାଜସିକ ପରିବେଶରେ ସାତ୍ତ୍ୱିକ ଭାବନା ଉଦ୍ରେକ କରିବା ଏହାର ଲକ୍ଷ୍ୟ । '

ବସନ୍ତେ କପିଳ ସୂର୍ଯ୍ୟ' ବସନ୍ତ କାଳରେ କପିଳ ବର୍ଣ୍ଣର ସୂର୍ଯ୍ୟ କିରଣ ପ୍ରସାରିତ ସୌନ୍ଦର୍ଯ୍ୟ ମାଧୁର୍ଯ୍ୟର ଚିନ୍ତା ଚେତନାକୁ ପୀୟୂଷ ସ୍ରୋତରେ ଅଭିଷେକ କରି ସେହି ପ୍ରକୃତି ମାତାକୁ ନବବଧୂ ବେଶରେ ସଜାଇ ଦିଏ ।

ଏହି ବସନ୍ତ ଋତୁର ପ୍ରବେଶ ମାତ୍ରେ ମାତା ବାକ୍ ଦେବୀଙ୍କ ଆଗମନରେ ସକଳ ଜୀବଙ୍କ ମନପ୍ରାଣରେ ଯେଉଁ ଅନିର୍ବଚନୀୟ ଆନନ୍ଦ ଅବତରଣ କରେ, ତାହା ବାକ୍ୟରେ ପ୍ରକାଶ କରିହୁଏ ନା । ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଷୋଡଶ ଉପଚାରରେ ବାକ୍ ଦେବୀଙ୍କ ଆରାଧନା କରାଯାଇଥାଏ । ତାଙ୍କର ବିନା କୃପାରୁ ବ୍ୟକ୍ତିର ମୁଖରୁ ବାକ୍ ସ୍ଫୁରଣ ହୋଇ ନଥାଏ । ଏହି ପର୍ବରେ ମୃଣ୍ମୟୀ ହୁଅନ୍ତି ଚିନ୍ମୟୀ। ମାତୃଶକ୍ତି ସ୍ୱରୁପିଣୀ ଜଗତ୍ବ୍ୟାପିନୀ, ଜଡତା ହାରିଣୀ, ବୋଧଶକ୍ତି ଦାୟିନୀ ଜ୍ଞାନ ଓ ଉଦ୍ରେକର ଚେତନା କାରିଣୀ ମା' ବୀଣାପାଣି ଜଗତର ଅଜ୍ଞାନ ଅନ୍ଧକାର ଦୂରକରି ଜ୍ଞାନର ଆଲୋକ ପ୍ରଦାନ କରନ୍ତୁ ଏତିକି ପ୍ରଣତି।

**ଖୋର୍ଦ୍ଧା,ମୋ-୬୩୭୦୬୭୫୫୬୨**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଅଭିଯୁକ୍ତ...

ଦିଆଯାଇଛି । ପୂର୍ବରୁ କହିଆସିଛି ସର୍ବଦା ରୁଦ୍ରାକ୍ଷ ପିନ୍ଧିଥାଏ । ଯଦି ଅପରାଧ କରିଥାନ୍ତି ତାହେଲେ ଏହା ସେଠାରେ ଛିଣ୍ଡି ପଡିଥାନ୍ତା । ମୋର ପକ୍ଷ ରଖିବାକୁ ଦିଆଗଲାନାହିଁ । ବଳପୂର୍ବକ ଏକାଧିକ ଦସ୍ତାବିଜ୍‌ରେ ଦସ୍ତଖତ ନିଆଯାଇଛି । ଆପଣ ସବୁ ଦେଖିଛନ୍ତି ପୂର୍ବରୁ ମୁଁ ଏହା କହିଛି । ସଞ୍ଜୟଙ୍କ ଯୁକ୍ତି କୋର୍ଟକୁ ପ୍ରଭାବି କରିପାରିନଥିଲା । ତେବେ ସିବିଆଇ ଓକିଲ ମୃତ୍ୟୁ ଦଣ୍ଡାଦେଶ ଦାବି କରିବା ସହିତ ଏହାକୁ ଏକ ବିରଳରୁ ବିରଳତମ ମାମଲା ବୋଲି ଦର୍ଶାଇଥିଲେ । ପୀଡିତା ହେଉଛନ୍ତି ଜଣେ ମେଧାବୀ ଛାତ୍ର ଓ ସମାଜର ଏକ ସମ୍ପତ୍ତି । ଏହି ଘଟଣା ସମୁଦାୟ ସମ୍ପ୍ରଦାୟକୁ ଦୋହଲାଇ ଦେଇଥିଲା । ପିତାମାତାମାନେ ତାଙ୍କ ଝିଅକୁ ହରାଇଛନ୍ତି । ଯଦି ଡାକ୍ତରମାନେ ନିରାପଦ ନୁହଁନ୍ତି ତେବେ ଆମେ କ'ଣ କହିବା ବୋଲି ଓକିଲ ଯୁକ୍ତି ବାଢ଼ିଥିଲେ । ସିବିଆଇ କୋର୍ଟ ପକ୍ଷରୁ ସଞ୍ଜୟଙ୍କ ନାମରେ ଧାରା ୬୪, ୬୬ ଓ ୧୦୩ ଦଫା ଲଗାଯାଇଥିଲା । ସୂଚନାଯୋଗ୍ୟ ୨୦୨୪ ଅଗଷ୍ଟ ୯ରେ ଏହି ଘଟଣା ଘଟିଥିଲା । ଟ୍ରେନି ମହିଳା ଡାକ୍ତରଙ୍କୁ ସେମିନାର ହଲ୍‌ରେ ଦୁଷ୍କର୍ମ କରାଯିବା ସହ ହତ୍ୟା କରାଯାଇଥିଲା । ତାଙ୍କ ମର ଶରୀର ସେଠାରେ ପଡିଥିଲା । ଦୁଷ୍କର୍ମ ପରେ ତାଙ୍କୁ ହତ୍ୟା କରାଯାଇଛି ବୋଲି କୁହାଯାଇଥିଲା । ଏହି ଘଟଣାରେ ଜଣେ ସିଭିକ୍ ସ୍ୱେଚ୍ଛାସେବୀ ସଞ୍ଜୟ ରାୟଙ୍କୁ ତା' ପରଦିନ ଗିରଫ କରାଯାଇଥିଲା । କୋଲକାତା ପୋଲିସ ସିସିଟିଭିରେ ଏକ ବ୍ଲୁଟୁଥ୍ ଇୟରଫୋନ୍ ପିନ୍ଧିଥିବା ଅବସ୍ଥାରେ ପୀଡିତାଙ୍କ ମର ଶରୀର ପାଖରେ ଥିବା ଚିହ୍ନଟ ହୋଇଥିଲା । ଏହି ଘଟଣାକୁ ନେଇ ଦେଶବ୍ୟାପୀ ପ୍ରତିବାଦ ହୋଇଥିଲା । ମାସ ମାସ ଧରି ଡାକ୍ତରୀ ଛାତ୍ରମାନେ ଆନ୍ଦୋଳନ କରିଥିଲେ ।

## ଆମେରିକାରେ...

କରିଛନ୍ତି । ସେଠାରେ ମଧ୍ୟ ତାଙ୍କ ଫଟୋ ସ୍ଥାପନ କରାଯାଇଛି । ଏହାପରେ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ଜାତୀୟ ସୁରକ୍ଷା ହଲ୍‌ରେ ନିମନ୍ତ୍ରିତ ଅତିଥି, ସିନେଟ୍ ନେତା ଓ ବିଭିନ୍ନ ସଦନର ପ୍ରତିନିଧିଙ୍କ ସହ ଆଲୋଚନା କରିଛନ୍ତି । ହ୍ୱାଇଟ୍ ହାଉସ୍ ଛାଡିବାର ୪ ବର୍ଷ ପରେ ପୁଣି ଟ୍ରମ୍ପ ସେଠାକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ୱାସିଂଟନ୍‌ରେ ଭୀଷଣ ଥଣ୍ଡା ପଡିଛି । ଥଣ୍ଡା ଓ ବରଫ ଆସର ମଧ୍ୟରେ ଟ୍ରମ୍ପଙ୍କ ଶପଥ ଗ୍ରହଣର ଉଦ୍‌ଘାଟନ ଭାଷଣ ଖୋଲାମଞ୍ଚ ପରିବର୍ତ୍ତେ ୟୁଏସ୍ କ୍ୟାପିଟଲ ରତୁଣ୍ଡାରେ ଅନୁଷ୍ଠିତ ହେବ । ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କୁ ପ୍ରଧାନବିଚାରପତି ଜନ୍ ରବର୍ଟସ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ଆମେରିକା ରାଷ୍ଟ୍ରପତି ଯେଉଁ ଶପଥ ଗ୍ରହଣ କରନ୍ତି ସେଥିରେ ୩୫ଟି ଶବ୍ଦ ଥାଏ । ଶବ୍ଦଗୁଡ଼ିକ ଆମେରିକା ସମ୍ବିଧାନାର ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ । ସମ୍ବିଧାନର ମୂଳ ଭାବନା ବୋଲି କୁହାଯାଏ । ଶପଥ ଗ୍ରହଣ ଉତ୍ସବରେ ଭାରତ ପକ୍ଷରୁ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଯୋଗ ଦେଇଛନ୍ତି । ଅନ୍ୟ ଦେଶର ରାଷ୍ଟ୍ରପତିମାନଙ୍କ ସହ ରିଲାଏନ୍ସ ଶିଳ୍ପର ମୁଖ୍ୟ ମୁକେଶ ଅମ୍ବାନୀ ଓ ତାଙ୍କ ପତ୍ନୀ ମଧ୍ୟ ଉପସ୍ଥିତ ଅଛନ୍ତି ।

## ଦୁଇ...

ଉଭୟ ରାଜ୍ୟର ସୁରକ୍ଷା ବାହିନୀଙ୍କ ସହ କେନ୍ଦ୍ରୀୟ ସୁରକ୍ଷା ବାହିନୀ ମିଶି ଏହି ସମ୍ମିଳିତ ଅଭିଯାନ ଆରମ୍ଭ କରିଛନ୍ତି। ସକାଳୁ ଉଭୟ ପକ୍ଷରୁ ଗୁଳି ବିନିମୟ ଜାରି ରହିଥିଲା। ପୋଲିସ ପକ୍ଷରୁ ଅଭିଯାନ ଏବେ ମଧ୍ୟ ଜାରି ରହିଥିବା ଜଣାପଡ଼ିଛି । ସୂଚନା ଅନୁସାରେ ସୋମବାର ଭୋରରୁ ଗରିଆବନ୍ଧ ନିକଟସ୍ଥ କୁଲ୍‌ଆରି ସଂରକ୍ଷିତ ଜଙ୍ଗଲରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଥିବା ସୂଚନା ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନୂଆପଡ଼ା ଦେଇଛନ୍ତି । ଏହି ମିଳିତ ଚଡାଉରେ ୧୦ ଗୋଟି ଯବାନ ଦଳ ନିୟୋଜିତ ହୋଇଥିଲେ। ଏସଓଜି-୪୪, କୋବ୍ରା ଫୋର୍ସ, ଛତିଶଗଡ଼ ପୋଲିସ(ଇ-୩୦), ୫ ଗୋଟି ସିଆରପିଏଫ ଯବାନ ଏହି ଅପରେସନରେ ସାମିଲ ଥିଲେ। ଦୁଇ ମାଓବାଦୀଙ୍କ ମୃତ ଦେହ ଉଦ୍ଧାର ହୋଇଛି । ଗୋଟିଏ ଏସ ଏଲ ଆର ଓ ୩ ଟି ଆଇଡି ଘଟଣା ସ୍ଥଳରୁ ଜବତ ହୋଇଥିବା ଓଡ଼ିଶା ରାଜ୍ୟ ପୋଲିସ ମୁଖ୍ୟାଳୟରୁ ପ୍ରେସ ବିଜ୍ଞପ୍ତି ରେ ସୂଚନା ଦିଆଯାଇଛି ।

## ୬ ବର୍ଷ...

ମୋହନ ଚରଣ ମାଝୀ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଏହି କର୍ମଶାଳାର ଉଦଘାଟନ କରାଯିବ । ଏହି କର୍ମଶାଳା ରାଜ୍ୟର ଶିକ୍ଷା ଗୋଷ୍ଠୀଙ୍କୁ ସଚେତନ କରିବ । ଓଡ଼ିଶାରେ ଜାତୀୟ ଶିକ୍ଷା ନୀତିର ପର୍ଯ୍ୟାୟକ୍ରମେ କାର୍ଯ୍ୟକାରିତା ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିବ ।

କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ଦ୍ୱାରା ଜାରି କରାଯାଇଥିବା ଜାତୀୟ ଶିକ୍ଷା ନୀତି ୨୦୨୦ ସମସ୍ତଙ୍କୁ ଉଚ୍ଚମାନର ଶିକ୍ଷା ପ୍ରଦାନ ସହ ଏକବିଂଶ ଶତାବ୍ଦୀର ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ନେଇ ସଂକଳ୍ପବଦ୍ଧ। ସୁଗମତା, ସମାନତା, ଗୁଣାତ୍ମକ ଶିକ୍ଷା ଏବଂ ଦାୟିତ୍ୱବୋଧ ଆଦି ସ୍ତମ୍ଭ ଆଧାରରେ ପରିଚାଳିତ ଜାତୀୟ ଶିକ୍ଷା ନୀତି ୨୦୨୦ ଧନ୍ଦାମୂଳକ ଦକ୍ଷତା, ମାତୃଭାଷାରେ ଶିକ୍ଷା, ଡିଜିଟାଲ୍ ଶିକ୍ଷା, ଶିଶୁର ସାମଗ୍ରିକ ବିକାଶ, ଦକ୍ଷତା-ଆଧାରିତ ମୂଲ୍ୟାଙ୍କନ, ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଦକ୍ଷତା ହାସିଲ୍ କରିବାରେ ସହାୟକ ହେବ ।

ରାଜ୍ୟ ସରକାର ପିଏମ୍ ଶ୍ରୀ ଯୋଜନାକୁ କାର୍ଯ୍ୟକାରୀ କରି ରାଜ୍ୟର ବିଦ୍ୟାଳୟଗୁଡ଼ିକୁ ଜାତୀୟ ଶିକ୍ଷା ନୀତି କାର୍ଯ୍ୟାନ୍ୱୟନ ପାଇଁ ଆଦର୍ଶ ବିଦ୍ୟାଳୟ ଭାବେ ଉନ୍ନୀତ କରୁଛନ୍ତି । ସମ୍ପୃକ୍ତ ଶିକ୍ଷାବର୍ଷ ସେପ୍ଟେମ୍ବର ୧ରୁ ପ୍ରଥମ ଶ୍ରେଣୀ ପାଇଁ ନାମଲେଖା ବୟସକୁ ସଂଶୋଧିତ କରି ୬ ବର୍ଷ ଓ ଉର୍ଦ୍ଧ୍ୱ ବୟସ କରାଯାଇଛି । ଜାତୀୟ ଶିକ୍ଷା ନୀତି ୨୦୨ ର ପରିକଳ୍ପନା ଅନୁଯାୟୀ, ୫ ବର୍ଷ ଓ ଉର୍ଦ୍ଧ୍ୱ ବୟସର ପିଲାମାନଙ୍କ ପାଇଁ ପ୍ରାକ୍-ବିଦ୍ୟାଳୟ ଶିକ୍ଷା ନିମନ୍ତେ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଖୋଲିବା ନେଇ ରାଜ୍ୟ ସରକାର ଘୋଷଣା କରିଛନ୍ତି ।

୨୦୨୫-୨୬ ଶିକ୍ଷାବର୍ଷରୁ ପର୍ଯ୍ୟାୟକ୍ରମେ ରାଜ୍ୟ ପାଠ୍ୟକ୍ରମ ରୂପରେଖର ସଂଶୋଧନ ଆରମ୍ଭ କରାଯିବ । ପ୍ରଥମ ପର୍ଯ୍ୟାୟରେ ଜାତୀୟ ପାଠ୍ୟକ୍ରମ ରୂପରେଖ ଢାଞ୍ଚାରେ ରାଜ୍ୟ ପ୍ରସଙ୍ଗୀକରଣ ସହିତ ପ୍ରାରମ୍ଭିକ ପର୍ଯ୍ୟାୟକୁ ଗ୍ରହଣ କରାଯିବ । ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁସାରେ, ଶିଶୁର ପ୍ରଥମ ୧୫ ବର୍ଷ ଶିକ୍ଷା (୩-୧୮ ବର୍ଷ ବୟସ) ପର୍ଯ୍ୟାୟକ୍ରମେ ୫୩୩୪ ଭିତ୍ତିରେ ପରିବର୍ତ୍ତନ କରାଯିବ । ପ୍ରାରମ୍ଭିକ ପର୍ଯ୍ୟାୟ (ଦୁଇ ଭାଗରେ ଅର୍ଥାତ ୩ ବର୍ଷ ଅଙ୍ଗନବାଡି, ୨ ବର୍ଷ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ, ବୟସ ୩ ବର୍ଷରୁ ୮ ବର୍ଷ ), ପ୍ରସ୍ତୁତି ପର୍ଯ୍ୟାୟ (ତିନି ବର୍ଷ ଅର୍ଥାତ ତୃତୀୟ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ, ବୟସ ୮ ରୁ ୧୧ ବର୍ଷ), ମଧ୍ୟ ପର୍ଯ୍ୟାୟ ( ତିନି ବର୍ଷ ଅର୍ଥାତ ଷଷ୍ଠରୁ ଅଷ୍ଟମ ଶ୍ରେଣୀ, ବୟସ ୧୧ରୁ ୧୪ ବର୍ଷ), ମାଧ୍ୟମିକ ପର୍ଯ୍ୟାୟ (ଚାରି ବର୍ଷ ଅର୍ଥାତ ନବମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ, ବୟସ ୧୪ ବର୍ଷରୁ ୧୮ ବର୍ଷ) । ନୀତି କାର୍ଯ୍ୟାନ୍ୱୟନର ପ୍ରଥମ ଭାଗରେ ଶିକ୍ଷାର ପ୍ରାରମ୍ଭିକ ପର୍ଯ୍ୟାୟ ପରିବର୍ତ୍ତନ ଉପରେ ରାଜ୍ୟ ଧ୍ୟାନ ଦେବ । ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରସ୍ତୁତି ମଧ୍ୟ ଏବଂ ଦ୍ୱିତୀୟ ପର୍ଯ୍ୟାୟ ପାଇଁ କାର୍ଯ୍ୟାନ୍ୱୟନ ଆରମ୍ଭ କରାଯିବ ।

ପୂର୍ବରୁ ଓଡ଼ିଶା ସରକାର ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠନ କରିଥିଲେ । ଏହି ଟାସ୍କ ଫୋର୍ସ ରାଜ୍ୟରେ ଜାତୀୟ ଶିକ୍ଷା ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନିଆଯିବା ପାଇଁ ପରାମର୍ଶ ଦେଇଥିଲା । ବର୍ତ୍ତମାନ ଭୋପାଳର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଷ୍ଟିୟରିଂ କମିଟି ଗଠନ କରାଯାଇଛି । ଏହି ଷ୍ଟିୟରିଂ କମିଟି ସ୍ଥାନୀୟ ପରିପ୍ରେକ୍ଷୀରେ ଜାତୀୟ ପାଠ୍ୟକ୍ରମ ରୂପରେଖଅନୁସାରେ ରାଜ୍ୟ ପାଠ୍ୟକ୍ରମ ରୂପରେଖ ପ୍ରସ୍ତୁତ କରିବ ।

## ମନ୍ତ୍ରୀପରିଷଦ...

ଉପସ୍ଥିତିରେ ବିଭାଗଗୁଡ଼ିକର କାର୍ଯ୍ୟ ସମୀକ୍ଷା କରିଥିଲେ । ବିଭିନ୍ନ ବିଭାଗରେ କାର୍ଯ୍ୟକାରୀ ହେଉଥିବା ଜନାଭିମୁଖୀ କାଯ୍ୟକ୍ରମଗୁଡିକୁ ବ୍ୟାପକ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ବୈଠକରେ ବଜେଟ ୨୦୨୪-୨୫ ମୁତାବକ ଅଦ୍ୟାବଧି ହୋଇଥିବା ଖର୍ଚ୍ଚ ଉପରେ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିଥିଲେ । ଯେଉଁ ସବୁ ବିଭାଗ ରେ ଅଦ୍ୟାବଧି ଖର୍ଚ୍ଚ କମ ହୋଇଛି, ସେହିସବୁ ବିଭାଗକୁ ଖର୍ଚ୍ଚ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟ ସମସ୍ତ ବିଭାଗ ମାନଙ୍କୁ ମଧ୍ୟ ଅନୁରୂପ ଭାବେ ଆଗାମୀ ବଜେଟ ପୂର୍ବରୁ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ କାର୍ଯ୍ୟ କରି ଖର୍ଚ୍ଚ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ସ୍ୱାସ୍ଥ୍ୟ ସେବା ଓ ଭିତ୍ତିଭୂମିର ଉନ୍ନତି, ସାମାଜିକ ସୁରକ୍ଷା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ ର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା ।

ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ତରଫରୁ ରାସ୍ତା ଓ ସେତୁ ନିର୍ମାଣର ଅଗ୍ରଗତି ସହ ଓଡ଼ିଶାରେ ଜାତୀୟ ରାଜପଥର ଉନ୍ନତିକରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା । କୃଷି ବିଭାଗ ତରଫରୁ ଶୀତଳ ଭଣ୍ଡାର ଖୋଲାଯିବା ନେଇ ଆଲୋଚନା କରା ଯାଇଥିଲା ।

ବିଦ୍ୟାଳୟ ଉନ୍ନତିକରଣ, ଜଳସମ୍ପଦ ବିଭାଗ ପ୍ରକଳ୍ପଗୁଡିକର କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା ।

ସୁଭଦ୍ରା ଯୋଜନାରେ ପ୍ରଥମ କିସ୍ତିର ୪ ର୍ଥ ପର୍ଯ୍ୟାୟ ହିତାଧିକାରୀଙ୍କୁ ଅର୍ଥ ପ୍ରେରଣ ସହିତ ଆଗାମୀ ୨ୟ କିସ୍ତି ପ୍ରଦାନ ସମ୍ପର୍କିତ ଆଲୋଚନା କରାଯାଇଥିଲା । ଆହୁରି ମଧ୍ୟ ପୁଲିସ ସେବା ସୁଦୃଢ଼ୀକରଣକୁ ଗୁରୁତ୍ୱ ଦିଆଯାଇଛି ।

ମୁଖ୍ୟମନ୍ତ୍ରୀ ସଚିବ ମାନଙ୍କୁ ନୂଆ ନୂଆ କାର୍ଯ୍ୟକ୍ରମ କରିବାକୁ ପରାମର୍ଶ ଦେଇଛନ୍ତି ଯେ ସେ କହିଥିଲେ ଯେ, ଅନେକ ବିଭାଗ ଭଲ କାମ କରିଛନ୍ତି । ମୋଟାମୋଟି ଭାବେ କାର୍ଯ୍ୟ ଓ ଖର୍ଚ୍ଚ ଠିକ ଚାଲିଛି । ସମସ୍ତଙ୍କୁ ବିଭାଗ ପ୍ରତି ଯତ୍ନବାନ ହେବାକୁ ମୁଖ୍ୟମନ୍ତ୍ରୀ କହିଥିଲେ । ଆଗାମୀ ୨ ମାସ ମଧ୍ୟରେ ବଜେଟ ପୂର୍ବରୁ ବିଭାଗମାନେ ଶତ ପ୍ରତିଶତ ଖର୍ଚ୍ଚ ଲକ୍ଷ୍ୟ ହାସଲ ପ୍ରୟାସ କରିବାକୁ କହିଥିଲେ । ଚିରା ଚରିତ ଢାଞ୍ଚାରୁ ବାହାରି ନିଜ ନିଜ ବିଭାଗରେ ଦୀର୍ଘ ସୂତ୍ରୀ ଏବଂ ନୂଆ ନୂଆ ଯୋଜନା କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ବିକଶିତ ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ୨୦୩୬ ପାଇଁ ୩ ଲକ୍ଷ ୨୦, ହଜାର ପ୍ରସ୍ତାବ ଆସିଛି । ଆମେ ସେଥିରୁ ଭଲ ଭଲ ପ୍ରସ୍ତାବ ଗୁଡିକୁ ଗ୍ରହଣ କରିପାରିବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଉତ୍କର୍ଷ ଓଡ଼ିଶା ଆୟୋଜନ ଏବଂ ଓଡ଼ିଶାରେ ପୁଞ୍ଜିନିବେଶ ପ୍ରତିଶ୍ରୁତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ ।

ନିଜ ନିଜ ବିଭାଗକୁ ଶକ୍ତି ଶାଳୀ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ବୈଠକରେ ମୁଖ୍ୟ ଶାସନ ସଚିବଙ୍କ ସହ ଉନ୍ନୟନ କମିଶନର, ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ଅନ୍ୟ ସମସ୍ତ ବିଭାଗର ସଚିବ ମାନେ ଉପସ୍ଥିତ ଥିଲେ ।

# ସ୍ୱାସ୍ଥ୍ୟକେନ୍ଦ୍ରରେ ଆହାର କେନ୍ଦ୍ର ଖୋଲିବାକୁ ଦାବି

ଗୋପ,(ସବ୍ୟୁ) : ଗୋପ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ରାଜ୍ୟସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଆହାର କେନ୍ଦ୍ର ଖୋଲିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।ଏନେଇ ଗୋପ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହେଉଥିବା ବେଳେ ବ୍ଲକର ଅଗ୍ରଣୀ ସଂଗଠନ ବିପ୍ଳବୀ ସଂଗଠନ ପକ୍ଷରୁ ଦାବି କରାଯାଇଛି।ପୁରୀ ଜିଲ୍ଲାର ଭୌଗଳିକ ଦୃଷ୍ଟି କୋଣରୁ ଗୋପ ବ୍ଲକ ତିନୋଟି ର୍ନିବାଚନ ମଣ୍ଡଳୀ ତଥା ନିମାପଡା,ପୁରୀ ସଦର ଓ କାକଟପୁର ର୍ନିବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ ହିଇଥିବା ବେଳେ ଦୁଇଟି ସଂସଦୀୟ କ୍ଷେତ୍ର ଯଥା ଜଗତସିଂହପୁର ଓ ପୁରୀ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଥିବା ବେଳେ ଗୋପ ବ୍ଲକ ୩୧ ପଞ୍ଚାୟତର ଲୋକ ସଂଖ୍ୟା ୨ ଲକ୍ଷ ୫୪ ହଜାର।ସେହିଭଳି ଗୋପରେ ସ୍ୱାସ୍ଥ୍ୟ କେନ୍ଦ୍ର, ବ୍ଲକ,ତହସିଲ ଓ ଉପନିବନ୍ଧକ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ରହିଛି।

ଦୈନନ୍ଦିନ ସହ ସହ ସଂଖ୍ୟାରେ ଗାଁଗଣ୍ଡା ସମେତ ବହୁ ଦୂରଦୂରାନ୍ତରୁ ଲୋକମାନେ ଗୋପକୁ ଆସିଥାନ୍ତି ଛବିଭିନ୍ନ ସମୟରେ ସରକାରୀ କର୍ମଚାରୀ ମାନେ କାର୍ଯ୍ୟାଳକୁ ବିଳମ୍ବରେ ଆସୁଥିବା ବେଳେ ବିଭିନ୍ନ କାମ ପାଇଁ ଆସୁଥିବା ହିତାଧିକାରୀ ମାନେ ଭୋକ ଉପାସରେ ଘରୁକୁ ଫେରିବାକୁ ପଡେ।ଆର୍ଥିକ ସମ୍ବଳ ନଥିବା ହିତାଧିକାରି ମାନେ ହୋଟେଲରେ ଖାଇବା ସମ୍ଭବ ନହେବାରୁ ଲୋକମାନେ ଭୋକରେ ଘରକୁ ଫେରନ୍ତି।ସେହିଭଳି ଗୋପ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଦୈନ ଦିନ ଶହ ଶହ ସଂଖ୍ୟକ ରୋଗୀ ଓ ସମ୍ପର୍କୀୟ ମାନେ ଆସି ମଧ୍ୟ ପେଟରେ ଓଦା କପଡା ମାରି ଘରକୁ ଫରନ୍ତି।ବିଭିନ୍ନ ସମୟରେ ଜନସଧାରଣ ମାନେଏଭର୍ଳି ସମସ୍ୟାରେ ସମ୍ମୁଖିନ ହେଉଥିବା ବେଳେ ଏନେଇ ବିପ୍ଳବୀ ସଂଗଠନ ସଭାପତି ଚନ୍ଦ୍ରକାନ୍ତ ସାହୁ ପୁରୀ ଜିଲ୍ଲା ପାଳ ଓ ରାଜ୍ୟସରକଙ୍କ ନିକଟରେ ଦାବି କରିଛନ୍ତି।ଗୋପ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଆହାର କେନ୍ଦ୍ର ଖୋଲିବାକୁ ରାଜ୍ୟସରକାରଙ୍କ ନିକଟରେ ଅନୁରୋଧ କରିଛନ୍ତି ।


**AFFIDAVIT**

I Anwesha Das, D/o- Sri Bijay Kumar Das residence at Plot no. D-260, Sector-7, CDA, Cuttack-14, declare before Notary Public on 08/01/2025 through an affidavit, that my Father name is Bijay Kumar Das, which was by mistake printed in my passport, Bijaya Kumar Das. So Now onwards **"Bijay Kumar Das"** and **"Bijaya Kumar Das"** is treated as same and one person, for any purpose in future.

**ଦ.ପୂ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ କାର୍ଯ୍ୟ କରୁଥିବା ସିନିୟର ଡିଏସଟିଇ/ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ ନିମ୍ନ ସୂଚୀତ ଟେଣ୍ଡର ନଂ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି : **ଟେଣ୍ଡର ନୋଟିସ ନଂ, କାର୍ଯ୍ୟର ନାମ, ଟେଣ୍ଡର ମୂଲ୍ୟ, ଅମାନତ ଅର୍ଥ, ସମାପ୍ତି ସମୟ : (୧), ଏସ୍‌ଟି-ସିକେପି-ଓଟି-୨୪-୨୫-୧୧୪ :** ଉଭୟ ଅପ୍ ଆଣ୍ଡ ଡାଉନ ଗ୍ରୀଡ୍ ଏବଂ ମଣିକୁ୍ୟ ଷ୍ଟେସନ ଠାରେ ୭୦ଏମ ଲୟର ଗୋଟିଏ ସିକ୍ ସାଇଡିଂ ରେ ଗୋଟିଏ ଲୁପ୍ ଲାଇନ୍ ସକାଶେ ପ୍ରସ୍ତାବ ସହ ଏସ୍ ଆଣ୍ଡ ଟି କାର୍ଯ୍ୟ, ଟ. ୨,୫୧,୦୦,୯୪୬.୯୨, ଟ. ୨,୭୫,୫୦୦.୦୦, ୧୨ (ବାର) ମାସ । **(୨), ଏସ୍‌ଟି-ସିକେପି-ଓଟି-୨୪-୨୫-୧୧୫,** ରାଉରକେଲା-ଝାରସୁଗୁଡା ସେକ୍ସନ ମଧ୍ୟସ୍ଥ ପ୍ରଚଳିତ ୦୧ ଟି ଆର୍କ ମାସୋନେରୀ ବ୍ରିଜ୍‌ର କନଭରର୍ସନ ଏବଂ ବଣ୍ଡାମୁଣ୍ଡା-ଝାରସୁଗୁଡା ଷ୍ଟେସନ ମଧ୍ୟସ୍ଥ **୧୫**ଟି ଷ୍ଟୋନ୍ ସ୍ଲାବ୍ ବ୍ରିଜର ରିହାବିଲିଟେସନ ପାଇଁ ଏସ୍ ଆଣ୍ଡ ଟି କାର୍ଯ୍ୟ, **ଟ. ୨୯,୧୫,୫୭୯.୫୩,** ଟ. ୫୮,୩୦୦.୦୦, ୧୨(ବାର) ମାସ । **(୩) ଏସ୍‌ଟି-ସିକେପି-ଓଟି-୨୪-୨୫-୧୧୬,** ଏସଏସଇ / ସିଗ୍ନାଲ/ଗୋଇକେରା ଅଧୀନରେ ଅପରେସନ ପାଇଁ ୧ଟି ଏକ ଟନ୍ କ୍ଷମତା ବିଶିଷ୍ଟ ଟ୍ରକ୍‌ର ପ୍ଲେସମେଣ୍ଟ, **ଟ. ୧୫,୮୮,୩୯୬.୦୫,** ଟ. ୩୧,୮୦୦.୦୦, ୩୬ (ଛତିଶ ମାସ) । **(୪) ଏସ୍‌ଟି-ସିକେପି-ଓଟି-୨୪-୨୫-୧୧୭,** ଏସଏସଇ/ଟେଲି/ ରାଉରକେଲା ଅଧୀନରେ ଅପରେସନ ପାଇଁ ୧ଟି ଏକ ଟନ୍ କ୍ଷମତା ବିଶିଷ୍ଟ ଟ୍ରକ ପ୍ଲେସମେଣ୍ଟ, ଟ. **୧୭,୮୦,୭୩୩.୫୫,** ଟ. ୩୫,୬୦୦.୦୦, ୩୬ (ଛତିଶ ମାସ) । **(୫) ଏସ୍‌ଟି-ସିକେପି-ଓଟି-୨୪-୨୫-୧୧୮,** ଏଲସି ଗେଟ୍ ନଂ. ଆର୍‌ବି-୨୨, ଆରବି-୨୪, ବିକେ-୨ର ମେକାନିକାଲ ଲିଫ୍ଟିଂ ବ୍ୟାରିୟର ପରିବର୍ତ୍ତେ ୦୩ଟି ଇଲେକ୍‌ଟ୍ରିକାଲ ବ୍ୟାରିୟର ବ୍ୟବସ୍ଥା ପାଇଁ ବଳକା କାର୍ଯ୍ୟ । **ଟ. ୩୩,୯୦,୫୮୪.୧୫,** ଟ. ୬୭,୮୦୦.୦୦, ୧୨(ବାର) ମାସ । ୱେବସାଇଟ : **http://www.ireps.gov.in** ରେ ଟେଣ୍ଡର ତଥ୍ୟ ଦେଖିବାକୁ ମିଳିପାରିବ । ଟେଣ୍ଡରଦାତା/ ବିଡରଙ୍କର ଶ୍ରେଣୀ-୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ ଥିବ ଏବଂ ଆଇଆରଇପିଏସ ଅଧୀନରେ ପଞ୍ଜିକୃତ ହୋଇଥିବା ଆବଶ୍ୟକ । କେଳବ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶ ଗ୍ରହଣ କରିପାରିବେ । ଇ-ଟେଣ୍ଡର ଫର୍ମ ମାଗଣାରେ ଯୋଗାଇ ଦିଆଯିବ । ଏହି ଟେଣ୍ଡର ଲାଗି ମାନୁଆଲ ଅଫର ଗ୍ରହଣ କରାଯିବ ନାହିଁ ଏବଂ ଏଭଳି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ ।

(PR-1036)

**OFFICE OF THE CHITRADA PANCHAYAT SAMITI MORADA**

At/P.O.- Chitrada, Dlst.- Mayurbhanj, Odisha, Pin-757018
E-Mail: ori-morada@gramsat.nic.in
i-423 Advt.No.01/PSM/2025 Dt: 16/01/2025

**Tender Call Notice**

Sealed tenders (Percentage rate) are invited from the interested "B &. C" Class Contractors registered with the Govt, for execution of Civil work under Panchayat Samiti, Morada, Mayurbhanj. The eligible criteria and the details of the tender documents which can be downloaded from the website www.mayurbhanj.odisha.gov.in Interested bidders fulfilling the eligibility criteria may submit their proposals to the O/o: BDO Morada. Proposal(s) complete in all respect should reach the undersigned on or before **10.02.2025 up-to 05.00 PM** through Regd. & Speed post and the same will be opened on **11.02.2025 at 11.00A.M.** in the Conference Hall of the Panchayat Samiti, Morada. The undersigned reserves the right to reject any or all the tender(s) without assigning any reason thereof.

Sd/-
Block Development Officer,
Morada Mayurbhanj

OIPR : 19371/11/0002/2425

**ODISHA GRAMYA BANK**

INFORMATION TECHNOLOGY DEPARTMENT, HEAD OFFICE, GANDAMUNDA, KHANDAGIRI, BHUBANESWAR-751030 (ODISHA)

Bid Number # GEM/2025/B/5822371 dated 17.01.2025

**Odisha Gramya Bank** invites application for selection of service provider for supply, installation and maintenance of secured e-mail solution through bidding process from (Government e Marketplace) GeM portal. For details and application format please visit Bank's website: **www.odishabank.in**

GENERAL MANAGER

**THE ODISHA AGRO INDUSTRIES CORPORATION LIMITED**

(A Government of Odisha Undertaking)
SATYA NAGAR, BHUBANESWAR-751007.

**e-Tender Call Notice For 2025-26**

**Bid identification No- M.D./OAIC-02 (A.I.) /2025-26**

**CAD-2241 :** Online e-Tender in conformity with technical specification, terms & condition are invited from manufacturers for **"Supply of Need Based Agro Inputs"**. For details please visit website **https://tendersodisha.gov.in/ www.odishaagro.nic.in** from **dt.20.01.2025 to dt.11.02.2025**

Sd/- Managing Director,
OAIC Ltd

OIPR : 01047/11/0038/2425

**O/O THE DIVISIONAL FOREST OFFICER-CUM-DMU CHIEF, RAIRANGPUR**

MM-425 At/PO-Rairangpur, Dist.-Mayurbhanj, Pin-757043, Odisha
No. 323 Date : 17.01.2025

**CONTRACTUAL ENGAGMENT OF FMU COORDINATOR (MICROPLANNING AND LIVELIHOOD SUPPORT) FOR 01 YEAR UNDER ODISHA FORESTRY SECTOR DEVELOPMENT PROJECT-II**

The DFO-cum-DMU Chief, Rairangpur DMU invites application from suitable candidate of 01 position of FMU Coordinator (Micro Planning & Livelihood Support) for Rairangpur FMU under Rairangpur Forest Division for working in the Odisha Forestry Sector Development Project, Phase-II.

Interested candidates may obtain Terms of Reference and the Application Form from the O/o DFO-cum-DMU Chief, Rairangpur during office hours or may download from the **ofsds.in / mayurbhanj.odisha.gov.in** website. Duly filled in application complete in all respect along with Bank Draft for Rs.500/- in favour of Divisional Forest Officer, Rairangpur should reach the O/o the Divisional Forest Officer-cum-DMU Chief, Rairangpur on or before 5.00 PM on 30.01.2025.

Sd/- DFO-Cum-DMU Chief,
Rairangpur Forest Division.

OIPR : 08055/11/0010/2425

**Standard Bidding Document**
**Government of Odisha Forest,**
**Environment & Climate Change Department,**
**Divisional Forest Officer, Boudh (K.L) Division.**
**No. 01 Dated. 20.01.2025**

**SHORT TENDER NOTICE FOR HIRING OF PRIVATE VEHICLES**

**MM-426 :** Sealed tenders are invited from interested Individuals / Service Providers / Registered Travel Agencies for providing 09(Nine) Nos. of A.C. Diesel driven Bolero, which shall confirm to the Terms and conditions in Annexure-I for official use in the jurisdiction of the Divisional Forest Officer, Boudh (K.L) Division on hiring basis for a period of 1 Year (Bolero) for ACF and 8(eight) months (Bolero) for Range level on monthly hire basis. The last date of submission of Tender is on Dt. 18.02.2025 up to 04 PM. The tender papers are to be opened on Dt. 19.02.2025 at 11.00 AM in the office of the Divisional Forest Officer, Boudh (KL) Division in presence of applicants.

The application form for tender containing General Bid information & terms and condition etc for hiring of vehicles will also be available in the office of the undersigned on all working days.

Divisional Forest Officer,
Boudh (K.L) Division

OIPR : 08032/11/0001/2425

**The Odisha Small Industries Corporation Ltd.**

(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK - 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail com, website: osicltd.in
OSIC GST No. 21AAACO2101M1Z1

**e-Procurement Notice**

Tender Notice No.138/Mkt. Date: 20.01.2025

**CAD-2240 :** The Odisha Small Industries Corporation Ltd (OSIC) (A Govt, of Odisha Undertaking), Industrial Estate, Madhupatna, Cuttack - 753 010, Odisha invites Tenders in sealed cover under two bid system **i.e..** Technical Bid & Price Bid for "Procurement & supply of furniture to Rama Devi Women's University" as per specification," in ONLINE MODE.

| Date of Commencement of Tender | Last Date & Time of online submission and receipt of Tender | Date & Time for online opening of Tender | Cost of Tender Paper+ GST@18% (Rs.) |
|---|---|---|---|
| 20.01.2025 3.00PM | 10.02.2025 at 5.30PM | 11.02.2025 at 12.30PM | (Rs.10,000/-) |

The tender notice may be downloaded from www osicltd in & **http://tendersorissa** gov in and the same can be submitted ONLINE along with cost of Tender Paper in shape of Bank Draft Any corrigendum / addendum / information relating to this NIT will only be uploaded in above websites which will not be published in Newspapers.

The bidders have to participate in ONLINE bidding only. Further details can be seen from the website:**http://tendersorissa.gov.in/ www osicltd.in**. All future corrigendum will be available on ONLINE MODE ONLY.

Sd/-
GENERAL MANAGER(O)

OIPR : 14073/11/0027/2425

ସମଗ୍ର ଶିକ୍ଷା
Samagra Shiksha

**DISTRICT PROJECT OFFICE, SAMAGRA SHIKSHA, MALKANGIRI**

E-mail-dpemalkanssa.opepa@nic.in/ssamalkangiri@gmail.com
Letter No 304/25 Dated. 17.01.2025

**TENDER CALL NOTICE**

**n-187 :** Sealed tenders are invited from interested reputed Travel Ageneies/Tour Operators of private individuals for providing 03(three) **numbers** of AC Diesel driven vehicle having sitting capacity **not** more than Eight or new /latest model vehicle including driver as per Finance Deptt. O.M No-30464/F dated. 06,09,2019 and N0-33326 dated. 27.09.2019, which shall confirm to the Terms and conditions (Annexure-I, II & III) for official use of District Project Coordinator. Samagra Shiksha. Malkangiri on monthly hire basis. The tender should be super scribed "Quotation for Providing vehicle on hire basis" on the cover and sealed tender should reach to the undersigned on or **before 31.01.2025 by 5.00 P.M by** Speed **Post** /Registered **Post only and shall be** opened **on 01.02.2025 at 11.00** A.M in the presence of the bidder or their authorized representative at Collectorate, Malkangiri. The Quotation received **after** the scheduled date and time shall not be accepted.

The application form of tender containing General Bid Information & Terms and Conditions for Hiring of Vehicle will be available at Malkangiri District Website **http:malkangiri.odisha.gov.in** from **17.01.2025 to 31 01.2025,** which can be downloaded from dt. **17.01.2025 to 31.01.2025.**

The undersigned reserve the right to reject all or any of the tender without assigning any reason thereof.

**By the Orders of Collector-cum-Chairman**

Sd/- District Project Coordinator,
Samagra Shiksha, Malkangiri

OIPR : 27064/11/0002/2425

**AFFIDAVIT**

By virtue of an affidavit before the Executive Magistrate, Bhubaneswar on dt.20/09/2024 , **I Mamata Sahoo,** aged 45yrs. W/o.: √Sudarshan Sahoo, At: Plot No.: 1861, Ananta Nagar, Near Panchamukhi Hanuman Temple, P.O.: Old Town, P.S.: Air field, Bhubaneswar, Khordha, have changed my Surname from Prusty to Sahoo Previously my name was Mamata Prusty. Henceforth, I shall be known as **Mamata Sahoo** for all purposes. Mamata Prusty and Mamata Sahoo is same and one person i.e myself.

**REQUIREMENT OF BUILDING / HOUSE ON HIRING FOR THE PURPOSE OF EX-SERVICEMEN CONTRIBUTORY HEALTH SCHEME (ECHS) POLYCLINIC ROURKELA**

Station Headquarters Sambalpur requires accommodation on rental basis for a period of 03 years for following Army organizations as per details mentioned against each in Rourkela City:-

| Sl. No. | Purpose | Required Area in sq ft |
|---|---|---|
| 1 | Polyclinic of Ex-servicemen Contributory Health Scheme (ECHS), Rourkela | Approx. 2000 Sq Ft |

**Note:** The building preferably be surrounded by boundary wall and should be in good condition with fresh painting without any seepage and safe from hygiene and sanitation points of view. It should be connected by road in suitable location. All electric and plumbing fittings should be in good and working condition without any loose wiring and have adequate water supply with a separate electric meter. The property should be free from any litigation / dispute at the time of hiring. The property owners will submit their property details with valid ownership documents along with application on or before **20 Feb 2025** in the following address:

**The Defence Estate Officer**
**Govt. of India, Ministry of Defence**
**Defence Estate Office, Odisha Circle**
**163, Prachi Enclave, Chandrasekharpur**
**Bhubaneswar, Odisha - 751016**
**Tele: 0674 2747631, 345, E-mail: deobhub-stats@nic.in**

**ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଉପକ୍ରମ)
ଆଞ୍ଚଳିକ କାର୍ଯ୍ୟାଳୟ: ବିଜୟୱାଡ଼ା

**ସଂଶୋଧନ ପତ୍ର**

ଦୈନିକ ଖବରକାଗଜ "**ସମୟ**"ରେ **ତା.୧୪.୦୧.୨୦୨୫**ରିଖରେ ପ୍ରକାଶିତ ଆମର "**ଇ-ନିଲାମ**" ବିକ୍ରୟ ବିଜ୍ଞପ୍ତିରେ **ତା.୩୦.୦୧.୨୦୨୫**ରିଖରେ ଅନୁଷ୍ଠିତ ହେବାକୁ ଥିବା **ଅଶୋକ ନଗର ଶାଖାର ଋଣଗ୍ରହୀତାମାନେ: ଶ୍ରୀ ସଞ୍ଜୟ କୁମାର ପାତ୍ର ଏବଂ ଶ୍ରୀ ମାନସ ରଞ୍ଜନ ପାତ୍ରଙ୍କ ସମ୍ପତ୍ତିର** ଇ-ନିଲାମକୁ ବ୍ୟାଙ୍କ ପକ୍ଷରୁ ବାତିଲ୍ କରାଯାଉଛି । ଅନ୍ୟାନ୍ୟ ସମସ୍ତ ତଥ୍ୟାବଳୀ ଅପରିବର୍ତ୍ତିତ।

ସ୍ଥାନ: ଭୁବନେଶ୍ୱର
ତାରିଖ: ୨୦.୦୧.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ
ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କ

**DECLARATION AFFIDAVIT**

Vide Affidavit No-4938Dt-18.12.2024 before Executive Magistrate, Barbil, I Bini Ghana 34yrs w/o - Gouranga Charan Ghana,vill-KateSahi PO-Chormalda PS-Rugudihi Dist-Keonjhar solemnly affirm & declare that my name mentioned respectively in Pan card(APLP07589J) as Bini Ghana ,Adhar card(995382266729) as Bini Ghana w/o-Gouranga Charan Ghana ,Voter card(HSR3545639) as Bini Ghana W/o-Gauranga Ghana ,HSC Exam Certificate(Roll No-59SAOO4 certificate no-A106.078087) as Binati Behera D/O- Harish Charan Behera ,in Passport(no-k 1004885) of my Husband Gouranga Charan Ghana as Binati Ghana(spouse) ,Online application receipt issued to my Husband by Ministry of External affairs ,Govt Of India as Binati Ghana(spouse) . I declare that all the names of "Bini Ghana","Binati Ghana","Binati Behera"belongs to one and same person to me Bini Ghana W/O of Gouranga Ghana and will use this name of Bini Ghana W/O of Gouranga Charan Ghana henceforth for all future purposes .



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

# ୧୧ଗୋଟି ଅଭିଯୋଗର ତ୍ୱରିତ ସମାଧାନ




କଟକ, (ସବ୍ୟୁ): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂହ, ଅତିରିକ୍ତ ଉପଆୟୁକ୍ତ ପୋଲିସ୍ କମିଶନରେଟ୍ ଦେବଦତ୍ତ କର, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଉପଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ପ୍ରମୁଖ ଉପସ୍ଥିତ ଥିଲେ । ଆଜିର ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୬୧ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୪୭ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୪ଗୋଟି ସାମୁହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୧୧ଗୋଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା କୃଷି ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ପ୍ରାଣୀସମ୍ପଦ ଅଧିକାରୀ, ଅବକାରୀ ସୁପରିନଟେଣ୍ଡେନଟ, ଅଧିକ୍ଷଣ ଯନ୍ତ୍ରୀ, ଜିଲ୍ଲା ନିୟୋଜନ ଅଧିକାରୀ, ଜିଲ୍ଲା ଜନମଙ୍ଗଳ ଅଧିକାରୀ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରମୁଖ ଅଭିଯୋଗ ଶୁଶାଣି ଶିବିରରେ ଯୋଗ ଦେଇଥିଲେ ।

## ସୁନା ଗହଣା କିଣି କାର୍ ଜିତିଲେ ମହିଳା

# କିସ୍ନା ଜୁଏଲାରୀ ଲକି ଡ୍ରୀ୯ରେ କାର୍ ଜିତିଲେ ଭୁବନେଶ୍ୱରର ରୋନକ ଅଗ୍ରୱାଲ

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର ସୂର୍ଯ୍ୟନଗର ଅଞ୍ଚଳରେ ରହୁଥିବା ରୋନକ ଅଗ୍ରୱାଲ ଆଜି ଅପରାହ୍ନ ପଟିଆସ୍ଥିତ କିସ୍ନା ଜୁଏଲାରୀରୁ ଏକ ଲକି ଡ୍ର୩୯ରେ ମାରୁତୀ ସେଲେରିଓ କାର ଜିତିଥିବା ନେଇ ଫୋନ୍ ପାଇବାରୁ ନିଜ କାନକୁ ବିଶ୍ୱାସ କରିପାରିନଥିଲେ । ସେ କହିଛନ୍ତି, ମୁଁ ଆଜି ନିଜକୁ ଭାଗ୍ୟବାନ ମନେ କରୁଛି । ମୁଁ ଯେଉଁଠି ବି କିଣାକିଣି କରିବାକୁ ଯାଉଥିଲି, ମୋ ସ୍ୱାମୀଙ୍କ ସହ ହେଉ କିମ୍ବା ଏକୁଟିଆ, ମୁଁ ଲକି ଡ୍ର କୁପନ୍ ପୂରଣ କରୁଥିଲି କିନ୍ତୁ କେବେ ବି ପୁରସ୍କାର ପାଇନଥିଲିଛ ସେଥିପାଇଁ ମୁଁ ଏକ କାର୍ ଜିତିଛି ବୋଲି ବିଶ୍ୱାସ କରିବାକୁ ମୋତେ କିଛି ସମୟ ଲାଗିଲା । ମୁଁ ତୁରନ୍ତ ଚଣ୍ଡିଗଡ଼ ଯାଇଥିବା ମୋ ସ୍ୱାମୀଙ୍କୁ ଜଣାଇଥିଲି ଏବଂ ସେ ମଧ୍ୟ ସମାନ ଭାବରେ ଉତ୍ସାହିତ ଥିଲେ ବୋଲି କାର୍ ବିଜେତା ଶ୍ରୀମତୀ ଅଗ୍ରୱାଲ କହିଛନ୍ତ । ଭୁବନେଶ୍ୱରର ଅଗ୍ରଣୀ ଗହଣା ବ୍ରାଣ୍ଡ୍ କିସ୍ନା ଜୁଏଲାରୀର ମାଲିକ ଅମିତ ଅଗ୍ରୱାଲଙ୍କ ଠାରୁ ପତ୍ନୀ ରୋନକଙ୍କୁ କାର୍ ନେଉଥିବା ଦେଖି ତାଙ୍କ ସ୍ୱାମୀ କୁନାଲ ଅଗ୍ରୱାଲଙ୍କ ଆଖିରେ ବି ଲୁହ ଆସିଯାଇଥିଲା । ପୁରସ୍କାର ମିଳିବା ପରେ ଏହି ଦମ୍ପତି ଲଙ୍ଗ ଡ୍ରାଇଭ୍ କରିବାକୁ ନିଷ୍ପତ୍ତି ନେଇସାରିଛନ୍ତି । ଆଉ ଜଣେ ଗ୍ରାହକ ଆଶୁତୋଷ ମହାନ୍ତି ପ୍ରଥମ ପୁରସ୍କାର ଆକାରରେ ୫୦୦୦ ଟଙ୍କା ପାଇଥିବା ବେଳେ ଦ୍ୱିତୀୟ ବିଜେତା ଭାବେ ସ୍ମୃତିରଞ୍ଜନ ରାଉତ ନଗଦ ୩୦୦୦ ଟଙ୍କାର ତୃତୀୟ ପୁରସ୍କାର ରାଶି ଜିତିଥିଲେ । କିସ୍ନା ଜୁଏଲାରୀର ମାଲିକ ଅମିତ ଅଗ୍ରୱାଲ କହିଛନ୍ତି, ଏହା ପ୍ରଥମ ଥର ନୁହେଁ, ଆମେ ଆମର ମୂଲ୍ୟବାନ ଗ୍ରାହକଙ୍କ ସହ ଆମର ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ଏଭଳି ଅନେକ ପଦକ୍ଷେପ ନେଇଛୁଛ ଭାଗ୍ୟଶାଳୀ ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ଦୋକାନ ଗ୍ରାହକଙ୍କ ପାଇଁ ସମାନ ଅଫର ଆରମ୍ଭ କରିବ ବୋଲି ସେ କହିଛନ୍ତି ।

## ଶ୍ୱେତପଦ୍ମା ନାଟଘରର ଏକାଦଶ ମଞ୍ଚନାଟକ ମେଳା

# ରଙ୍ଗମଞ୍ଚକୁ ପୁଣି ଫେରିଲା କାଳ୍ପନିକ ନାଟକ



ଭୁବନେଶ୍ୱର(ସବ୍ୟୁ): ଭଞ୍ଜକଳା ମଣ୍ଡପରେ ତିନିଦିନ ଧରି ଚାଲିବାକୁ ଥିବା ଶ୍ୱେତପଦ୍ମା ନାଟ ଘରର ଏକଦଶ ମଞ୍ଚନାଟକ ମେଳାକୁ ନିମନ୍ତ୍ରିତ ଅତିଥିଭାବେ ଯୋଗଦେଇ ବରିଷ୍ଠ ନାଟ୍ୟକାର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଓଡ଼ିଶା ସରକାରଙ୍କ ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ, ଭାରତୀୟ ପ୍ରଶାସନିକ ସେବା କଳିଙ୍ଗ ନାଟ୍ୟସଂଘର ସଭାପତି ଧୀରେନ୍ଦ୍ରନାଥ ମଲ୍ଲିକ, ଏୟାରଟେଲର ଉପ-ମହାପ୍ରବନ୍ଧକ କୀର୍ତିନାଥ ତ୍ରିପାଠୀ ଉଦଘାଟନ କରିଥିଲେ । ଏହି ଅବସରରେ ଚର୍ଚ୍ଚିତ ନାଟକ 'ଆହେ ନୀଳଶୈଳ'ର ନିର୍ଦ୍ଦେଶକ ଲାଲା ବିରେନ୍ ପ୍ରସାଦ ରାୟ ଏବଂ ବରିଷ୍ଠ ମଞ୍ଚ ଅଭିନେତା ଭଜକୃଷ୍ଣ ମହାନ୍ତିଙ୍କୁ ଶ୍ୱେତପଦ୍ମା ସାରସ୍ୱତ ସମ୍ମାନରେ ମାନପତ୍ର, ଉପଢୌକନ ଏବଂ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ମଞ୍ଚସ୍ଥ ହୋଇଥିଲା ଭୁବନେଶ୍ୱର ଅଭିଳାଶ ଥିଟର ତରଫରୁ ନାଟ୍ୟକାର ଡଃ ପ୍ରଶାନ୍ତ ବିଶ୍ୱାଳଙ୍କ ଦ୍ୱାରା ରଚୟିତ କାଳ୍ପନିକ ନାଟକ 'ଅଜବ ନଗରୀର ଗଜବ କଥା' । ନାଟକଟିର ନିର୍ଦ୍ଦେଶନା ଦେଇଥିଲେ ବରିଷ୍ଠ ପ୍ରଫେସର ଡଃ ପ୍ରସନ୍ନ ମିଶ୍ର, ପ୍ରଚ୍ଛଦପଟ୍ଟ ସଙ୍ଗୀତର ସଂଯୋଜନା କରିଥିଲେ ରାଜ କୁମାର । ଏମିତି ଏକ ପ୍ରେମଭରା ଉତ୍କଣ୍ଠାପୂର୍ଣ୍ଣ କାହାଣୀ ଦର୍ଶକଙ୍କ ମନରେ ରୋମାଞ୍ଚ ଭରି ଦେଇଥିଲା । ଚିରଞ୍ଜିବୀ, ମିଥୁନ, ଡଃ ରାମେଚନ୍ଦ୍ର, ରୁତୁରାଜ, ପ୍ରଗତି, ବର୍ଷା, ସିପ୍ରା, ପୂର୍ଣ୍ଣାନନ୍ଦ, ଜ୍ୟୋର୍ତିମୟୀ ଆଦି କଳାକାରମାନେ ଅଭିନୟ କରିଥିଲେ ।

# ଚକା ଫାଟି ଓଭର ବ୍ରିଜ ତଳକୁ ଖସିଲା କାର: ଜଣେ ମୃତ, ୩ ଗୁରୁତର

ନିରାକାରପୁର,(ସବ୍ୟୁ) : ଚକା ଫାଟିଯିବାରୁ କାରଟି ଭାରସାମ୍ୟ ହରାଇ ଓଭରବ୍ରିଜ ତଳକୁ ଖସି ପଡିଛି । ଫଳରେ ଘଟଣା ସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ଜଣ ଗୁରୁତର ଆହତ ହୋଇଛନ୍ତି । ମୃତକ ହେଲେ କଟକ ଜଲା ବାଙ୍କୀ ଥାନା ଅଧୀନ ସାମନ୍ତରାୟପୁର ଗ୍ରାମର ସୂର୍ଯ୍ୟକାନ୍ତ ରଥଙ୍କ ସ୍ତ୍ରୀ ବିଷ୍ଣୁପ୍ରିୟା ରଥ (୪୬) । ଜଙ୍କିଆ ପୋଲିସ ସୂଚନା ମୁତାବକ, ଓଆର୧୯ଏନ୍-୩୨୩୩ ନମ୍ବର ବିଶିଷ୍ଟ ଏକ କାରରେ ପାରିକୁଦରୁ ଏକ ପରିବାର କଟକ ଯାଉଥିଲେଛ ହେଲେ ୧୬ନମ୍ବର ଜାତୀୟ ରାଜପଥର ଉଗ୍ରତାରା ଛକ ଓଭରବ୍ରିଜଠାରେ କାର ଏକ ଚକ ଫାଟି ଯାଇଥିଲା । ଫଳରେ କାରଟି ଭାରସାମ୍ୟ ହରାଇ ୨୦ଫୁଟ ତଳକୁ ଖସି ପଡିଥିଲା । ଫଳରେ ଘଟଣାସ୍ଥଳରେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ କାରରେ ଥିବା ଅନ୍ୟ ୩ଜଣ ଆହତ ହୋଇଥିଲେ । ଆହତମାନଙ୍କୁ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାକୁ ପଠାଯାଇଛି । ପୋଲିସ ମୃତଦେହ ଜବତ କରି ଖୋର୍ଦ୍ଧା ଡାକ୍ତରଖାନା ପଠାଇଛି । ଏନେଇ ଜଙ୍କିଆ ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଲାଇଥିବା ଜଙ୍କିଆ ଥାନା ଅଧିକାରିଣୀ ପ୍ରଜ୍ଞାରତ୍ନୁମ୍ବରା କର ସୂଚନା ଦେଇଛନ୍ତି ।

# ଡ୍ରିମ୍ସରେ ମାଇକ୍ରୋ ଗ୍ରୀଡ୍ ସଂକ୍ରାନ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କଟକ, (ସ୍ୱପ୍ର) : ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ସ୍କୁଲ ଅଫ ଇଂଜିନିୟରିଂ ଓ ଟେକ୍ନୋଲୋଜି ପକ୍ଷରୁ ମାଇକ୍ରୋ ଗ୍ରୀଡ କ୍ଷେତ୍ରରେ ସଦ୍ୟତମ ଅଗ୍ରଗତି ଶୀର୍ଷକ ୬ଦିନିଆ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ (ଏଆଇସିଟିଇ) ଦ୍ୱାରା ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରଶିକ୍ଷକ ଭିତ୍ତିକ କାର୍ଯ୍ୟକ୍ରମରେ ଡ୍ରିମ୍ସ ସମେତ ରାଜ୍ୟର ବିଭିନ୍ନ ଅଗ୍ରଣୀ ବୈଷୟିକ ଶିକ୍ଷାନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା, ଗବେଷକ ଅଂଶ ଗ୍ରହଣ କରିଛନ୍ତି । ପଦ୍ମିନୀ ଅଡିଟୋରିୟମ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଉଦଘାଟନ କରି ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଧାରିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୈଷୟିକ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ସହ ଶକ୍ତି ଉତ୍ପାଦନ ଓ ବ୍ୟବହାର କ୍ଷେତ୍ରରେ ଦେଖାଦେଇଥିବା ସମସ୍ୟା ଦୂର କରିବାରେ ମାର୍ଗଦର୍ଶନ କରିବ ବୋଲି ଆଶା ବ୍ୟକ୍ତ କରିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଶକ୍ତି ଉତ୍ପାଦନ କ୍ଷେତ୍ରରେ ଦେଖାଦେଇଥିବା ସଂକଟର ଓ ମାଇକ୍ରୋ ଗ୍ରୀଡର ଉପଯୋଗିତା ସଂପର୍କରେ ଉଲ୍ଲେଖ କରିଥିଲେ । ମୁଖ୍ୟବକ୍ତା ଆଇଆଇଟି




ପାଟନାର ପ୍ରଫେସର ଡ. ରଂଜନ କୁମାର ବେହେରା ପ୍ରସଙ୍ଗର ବିବିନ୍ନ ଦିଗ ଉପରେ ଆଲୋଚନା କରିବା ସହ ଦକ୍ଷତାର ସଠିକ୍ ଉପଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ବକ୍ତା ଭାବରେ ଡ. ପ୍ରକାଶ କୁମାର ରାୟ ଗ୍ରୀଡ ଟେକ୍ନୋଲୋଜିର ପ୍ରାଧାନ୍ୟ ଉପରେ ଆଲୋକପାତ କରିଥିଲେ । ଡିନ୍ ଡ. ନୟନ ରଂଜନ ସାମଲ, ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ, ଆଇକ୍ୟୁଏସିର ନିର୍ଦ୍ଦେଶକ ଡ. ଆଲୋକ ରଂଜନ ବିଶ୍ୱାଳ, ଏକାଡେମିକ୍ ନିର୍ଦ୍ଦେଶକ ଡଃ ପ୍ରିୟଦର୍ଶୀ କାନୁନଗୋ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ସଂଯୋଜକ ପ୍ରାଧ୍ୟାପକ ଡ. ପ୍ରତାପ ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ସୂଚନା ପ୍ରଦାନ କରିଥିଲାବେଳେ ପ୍ରାଧ୍ୟାପିକା ଡ. ଦେବଯାନୀ ମିଶ୍ର ଏହାକୁ ସଂଯୋଜନା କରିଥିଲେ । ପ୍ରଧ୍ୟାପକ ସୁଶାନ୍ତ କୁମାର ସେଠୀ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ନିମନ୍ତ୍ରିତ ଅତିଥି ଓ ବକ୍ତାଙ୍କୁ ଅଧ୍ୟକ୍ଷ ଡ. ରଥ ସମ୍ବର୍ଦ୍ଧିତ କରିଥିଲେ ।

# ଅବକାରୀ ଚଢ଼ାଉ : ୩ ଗିରଫ

ଦଶପଲ୍ଲା (ସବ୍ୟୁ) : ସୋମବାର ଦିନ ଦଶପଲ୍ଲା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୩୦ ଲିଟର ମଦ ଜବତ କରାଯାଇଥିବା ବେଳେ ଏଥିରେ ସମ୍ପୃକ୍ତ ୩ଜଣ ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଗିରଫ ବ୍ୟକ୍ତି ମାନେ ହେଲେ ସ୍ଥାନୀୟ ଗୋଡିବିଡା ଗ୍ରାମର ଅଖିଳ ନାଏକ ,ତେଣ୍ଡାବାଡି ଗ୍ରାମର ପ୍ରହଲ୍ଲାଦ ପ୍ରଧାନ ଓ କୁସୁମକଣ ଗ୍ରାମର ବୀରେନ୍ଦ୍ର ବେହେରା ବୋଲି ଜଣା ପଡିଛି । ଅଖିଳ ଙ୍କ ଠାରୁ ୧୫ ଲିଟର ଦେଶୀ ମଦ ଜବତ କରାଯାଇଥିବା ବେଳେ ବୀରେନ୍ଦ୍ର ଙ୍କ ଠାରୁ ୧୨ ଲିଟର ଦେଶୀ ମହୁଲି ମଦ ଓ ପ୍ରହଲ୍ଲାଦଙ୍କ ଠାରୁ ୩. ୬ଲିଟର ବିଦେଶୀ ମଦ ଜବତ କରାଯାଇଛି । ଦଶପଲ୍ଲା ଅବକାରୀ ବିଭାଗ ପକ୍ଷରୁ ୩ଟି ମାମଲା କରାଯାଇ ଅଭିଯୁକ୍ତ ଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ଧର୍ମପ୍ରାଣା ମହିଳା ଦୌପଦୀ ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ



ଭୁବନେଶ୍ୱର, (ସବ୍ୟୁ): ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ହିମାଂଶୁ ଭୂଷଣ ପଣ୍ଡାଙ୍କର ମାତା ଦୌପଦୀ ପଣ୍ଡାଙ୍କର ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଜାନୁଆରୀ ୨୧ ତାରିଖରେ ପାଳିତ ହେବ । ସେ ଜଣେ ଧର୍ମପ୍ରାଣା ମହିଳା ଥିଲେ ଏବଂ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ ଥିଲେ । ଭଦ୍ରକ ଜିଲ୍ଲା ଗୁଆମାଳ, ମୋଡ଼ସାହି ସ୍ଥିତ ବାସ ଭବନରେ ତାଙ୍କର ଶ୍ରାଦ୍ଧ ବାର୍ଷିକୀ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି । ଶ୍ରାଦ୍ଧ ବାର୍ଷିକୀ ଅବସରରେ ସ୍ୱର୍ଗୀୟା ପଣ୍ଡାଙ୍କ ବନ୍ଧୁ ଓ ପରିବାର ବର୍ଗ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ଦିବଂଗତ ଅମରାତ୍ମା ପ୍ରତି ଇଶ୍ୱରଙ୍କ ନିକଟରେ ସଦଗତି କାମନା କରିଛନ୍ତି ।

## ସବୁଠାରୁ ବଡ଼ ଡିଜିଟାଲ ପ୍ଲାଟଫର୍ମ ସୃଷ୍ଟି ପାଇଁ

# ଭାରତୀ ଏୟାରଟେଲ ଏବଂ ବଜାଜ ଫାଇନାନ୍ସ ଭାଗିଦାରୀ

ଭୁବନେଶ୍ୱର (ସବ୍ୟୁ): ଭାରତର ଅନ୍ୟତମ ବୃହତ୍ତମ ଟେଲିକମ୍ ସେବା ପ୍ରଦାନକାରୀ କମ୍ପାନୀ ଭାରତୀ ଏୟାରଟେଲ୍ ଏବଂ ଦେଶର ସର୍ବବୃହତ ଘରୋଇ କ୍ଷେତ୍ର ଅଣ-ବ୍ୟାଙ୍କିଙ୍ଗ୍ ଫାଇନାନ୍ସିଆଲ୍ କମ୍ପାନି ବଜାଜ ଫାଇନାନ୍ସ ଆଜି ଆର୍ଥିକ ସେବା ପାଇଁ ଭାରତର ସର୍ବବୃହତ୍ ଡିଜିଟାଲ୍ ପ୍ଲାଟଫର୍ମ ସୃଷ୍ଟି କରିବା ଏବଂ ଶେଷ ମାଇଲ୍ ଡେଲିଭରିରେ ପରିବର୍ତ୍ତନ ଆଣିବା ପାଇଁ ଏକ ରଣନୈତିକ ଭାଗିଦାରୀ ଘୋଷଣା କରିଛନ୍ତି ।

ଏୟାରଟେଲର ୩୭୦ ନିୟୁତ ରୁ ଅଧିକ ଗ୍ରାହକ ଭିତ୍ତିଭୂମି, ୧୨ଲକ୍ଷରୁ ଅଧିକ ଶକ୍ତିଶାଳୀ ବିତରଣ ନେଟୱାର୍କ ଏବଂ ବଜାଜ ଫାଇନାନ୍ସର ୨୭ଟି ପ୍ରଡକ୍ଟ ଲାଇନର ବିବିଧ ସମୂହ ଏବଂ ୫,୦୦୦ ରୁ ଅଧିକ ଶାଖା ଏବଂ ୭୦,୦୦୦ ଫିଲ୍ଡ ଏଜେଣ୍ଟର ବିତରଣ ହେଫ୍ଟକୁ ଏହି ଭାଗିଦାରୀ ଏକାଠି କରିଛି । ଏୟାରଟେଲ ପ୍ରଥମେ ବଜାଜ ଫାଇନାନ୍ସର ରିଟେଲ ଫାଇନାନ୍ସିଆଲ ପ୍ରଡକ୍ଟକୁ ଏହାର ଏୟାରଟେଲ ଥ୍ୟାଙ୍କସ ଆପରେ ନିରବଚ୍ଛିନ୍ନ ଏବଂ ସୁରକ୍ଷିତ ଗ୍ରାହକ ଅନୁଭୂତି ପାଇଁ ଏବଂ ପରେ ଏହାର ଦେଶବ୍ୟାପୀ ଷ୍ଟୋର ନେଟୱାର୍କ ମାଧ୍ୟମରେ ପ୍ରଦାନ କରିବ । କଂପାନିଗୁଡ଼ିକର ଡିଜିଟାଲ ସମ୍ପତ୍ତିର ମିଳିତ ଶକ୍ତି ଏୟାରଟେଲ୍ ଏବଂ ବଜାଜ ଫାଇନାନ୍ସକୁ ଆର୍ଥିକ ଉତ୍ପାଦ ଏବଂ ସେବାର ପ୍ରବେଶକୁ ଯଥେଷ୍ଟ ଗଭୀର କରିବାରେ ସକ୍ଷମ କରିବ । ଭାରତୀ ଏୟାରଟେଲର ଉପାଧ୍ୟକ୍ଷ ତଥା ଏମ୍‌ଡି ଗୋପାଳ ଭିଟ୍ଟାଲ କହିଛନ୍ତି ଯେ, ଏହି ଦେଶର ଦୁଇ ବିଶ୍ୱସ୍ତ ନାମ ଏୟାରଟେଲ ଏବଂ ବଜାଜ ଫାଇନାନ୍ସର ଆର୍ଥିକ ଆବଶ୍ୟକତାର ବିବିଧ ପୋର୍ଟଫୋଲିଓ ସହିତ ଲକ୍ଷ ଲକ୍ଷ ଭାରତୀୟଙ୍କୁ ସଶକ୍ତ କରିବାର ମିଳିତ ଦୃଷ୍ଟିକୋଣ ରହିଛି । ଦୁଇ କମ୍ପାନୀର ମିଳିତ ପହଞ୍ଚ, ସ୍କେଲ ଏବଂ ବିତରଣ ଶକ୍ତି ଏହି ଭାଗିଦାରୀର ମୂଳଦୁଆ ଭାବରେ କାର୍ଯ୍ୟ କରିବ ଏବଂ ଆମକୁ ବଜାରରେ ସଫଳ ହେବାରେ ସାହାଯ୍ୟ କରିବ ଆମେ ଗ୍ରୁପ୍ ପାଇଁ ଏକ ରଣନୈତିକ ସମ୍ପତ୍ତି ଭାବରେ ଏୟାରଟେଲ୍ ଫାଇନାନ୍ସ ନିର୍ମାଣ କରୁଛୁ ଏବଂ ବ୍ୟବସାୟରେ ପୁଞ୍ଜିନିବେଶ ଏବଂ ଅଭିବୃଦ୍ଧି ଜାରି ରଖିବୁ । ଆଜି ଆମେ ୧ ନିୟୁତରୁ ଅଧିକ ଗ୍ରାହକଙ୍କ ଦ୍ୱାରା ବିଶ୍ୱାସ କରୁଛୁ ଏବଂ ଆମର ଲକ୍ଷ୍ୟ ହେଉଛି ଏୟାରଟେଲ ଫାଇନାନ୍ସକୁ ଆମର ଗ୍ରାହକଙ୍କ ସମସ୍ତ ଆର୍ଥିକ ଆବଶ୍ୟକତା ପାଇଁ ଏକ ୱାନ୍ ଷ୍ଟପ୍ ସପରେ ପରିଣତ କରିବା ।

## ନବ ଦାସ ଫାଉଣ୍ଡେସନ ପକ୍ଷରୁ

# ସମ୍ବର୍ଦ୍ଧିତ ହେବେ ୬ ବିଶିଷ୍ଟ ବ୍ୟକ୍ତି



ଭୁବନେଶ୍ୱର (ସବ୍ୟୁ): ନବ ଦାସ ସ୍ମାରକୀ ଫାଉଣ୍ଡେସନ ପକ୍ଷରୁ ଆସନ୍ତା ୨୯ତାରିଖ ପୂର୍ବାହ୍ନରେ ଗୀତଗୋବିନ୍ଦସଦନ ଠାରେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯିବ । ଏହି କ୍ରମରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ଭାଷା, ସାହିତ୍ୟ ଓ ସଂସ୍କୃତି ପାଇଁ ସୁବାର୍ତ୍ତାର ସଂପାଦକ ପ୍ରଦ୍ୟୁମ୍ନ ଶତପଥୀ, ସାମ୍ବାଦିକ ସତ୍ୟ ସୁନ୍ଦର ଭଞ୍ଜ, ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ, ପରିବେଶ କର୍ମୀ ଅଶୋକ କୁମାର ସାହୁ, ସାମ୍ବାଦିକ ଶିବ ଶଙ୍କର ନନ୍ଦ, ସମାଜସେବୀ ଜୟନ୍ତୀ ଦିକ୍ଷୀତଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଫାଉଣ୍ଡେସନର ସଂପାଦକ ବିଷ୍ଣୁ ପ୍ରସାଦ କେଡିଆ ଜଣାଇଛନ୍ତି ।

ଡଃ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପଞ୍ଚାନନ କାନୁନ୍‌ଗୋ, ପୂର୍ବତନ ବିଧାୟକ ଯଜ୍ଞେଶ୍ୱର ବାବୁ, ଆଡଭୋକେଟ୍ ଶୀଳଭଦ୍ର ଶାସ୍ତ୍ରୀ ଓ ସୀତା ବଲ୍ଲଭ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରତାପ ଦେବ ବିଜେଡି ନିର୍ବାଚନ ଅଧିକାରୀ ନିଯୁକ୍ତ

ଭୁବନେଶ୍ୱର, (ସବ୍ୟୁ): ବିଜୁ ଜନତା ଦଳର ସାଙ୍ଗଠନିକ ନିର୍ବାଚନ ପରିଚାଳନା ପାଇଁ ଦଳର ସଭାପତି ନବୀନ ପଟ୍ଟନାୟକ ବିଜୁ ଜନତା ଦଳର ବରିଷ୍ଠ ବିଧାୟକ ତଥା ପୂର୍ବତନ ସାଂସଦ ଏବଂ ପୂର୍ବତନ ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କୁ ଦଳର ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ କରିଛନ୍ତି ।

# ବ୍ୟାଙ୍କ ଅଫ୍ ବରୋଦାର ମହିଳା ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର, (ସବ୍ୟୁ): ବ୍ୟାଙ୍କ ଅଫ୍ ବରୋଦାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବୀଣା ୱାହିଦ୍ ବ୍ୟାଙ୍କର ନିଳାଦ୍ରୀବିହାରସ୍ଥିତ ମହିଳା ଶାଖାକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ବ୍ୟାଙ୍କର ମହାପ୍ରବନ୍ଧକ ତଥା ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟ, ଭୁବନେଶ୍ୱର ଅଞ୍ଚଳର ଉପ-ଆଞ୍ଚଳିକ ମୁଖ୍ୟ ଶିବପଦ ନାୟକ ଏବଂ ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଭିଏମ୍‌ଏନ୍‌ଏସ୍ ସାଇବାବୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଇଣ୍ଡିଆନ୍ ବିଲ୍ଡିଂ କଂଗ୍ରେସ ପକ୍ଷରୁ

# ସୋଆ ପ୍ରତିଷ୍ଠାତା ସଭାପତିଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉତ୍ସର୍ଗୀକୃତ ଓ ନିରବଚ୍ଛିନ୍ନ କାର୍ଯ୍ୟ ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରନ ନାୟକଙ୍କୁ ଇଣ୍ଡିଆନ୍ ବିଲ୍ଡିଂ କଂଗ୍ରେସ ଓଡ଼ିଶା ଶାଖା ପକ୍ଷରୁ ଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ମାନିତ କରାଯାଇଛି । ଇଣ୍ଡିଆନ୍ ବିଲ୍ଡିଂ କଂଗ୍ରେସ୍ ଓଡ଼ିଶା ଶାଖାର ଅଧ୍ୟକ୍ଷ, ଇଂ ବିଜୟ ଚନ୍ଦ୍ର ତ୍ରିପାଠୀ ଓ ଉପାଧ୍ୟକ୍ଷ ପ୍ରଫେସର ପ୍ରଭାତ କୁମାର ପାଢ଼ୀ, ପ୍ରଫେସର ନାୟକଙ୍କୁ ସୋମବାର ସାକ୍ଷାତ କରି ଏହି ସମ୍ମାନ ପଦାନ କରିଛନ୍ତି । ଏହି ଅବସରରେ ଇଂ ତ୍ରିପାଠୀ ପ୍ରଫେସର ନାୟକଙ୍କୁ ଏକ ସଫଳ ଓ ବଳିଷ୍ଠ ଉଦ୍ୟୋଗୀ ଭାବେ ଉଚ୍ଚ ପ୍ରଶଂସା କରିବା ସହ ଓ ସେ ଭବିଷ୍ୟତରେ ମଧ୍ୟ ଓଡ଼ିଶାବାସୀଙ୍କ ପାଇଁ ଏଭଳି ନିଃସ୍ୱାର୍ଥ ସେବା ଜାରୀ ରଖିବେ ବୋଲି ଆଶା ପ୍ରକାଶ କରିଛନ୍ତି । ପ୍ରଫେସର ନାୟକ ମଧ୍ୟ



ଇଣ୍ଡିଆନ୍ ବିଲ୍ଡିଂ କଂଗ୍ରେସ୍ ଓଡ଼ିଶା ଶାଖାକୁ ସୋଆ ପକ୍ଷରୁ ଭବିଷ୍ୟତରେ ସମସ୍ତ ସହଯୋଗ କରାଯିବ ବୋଲି କହିଛନ୍ତି ।

ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସ୍‌ନାଲ୍ ର୍ୟାଙ୍କିଙ୍ଗ ଫ୍ରେମୱାର୍କ (ଏନ୍‌ଆଇଆର୍‌ଏଫ୍) ର୍ୟାଙ୍କିଙ୍ଗ ଅନୁଯାୟୀ ଦେଶର ୧୪ ତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଛି ସୋଆ । ଏହାର ଫ୍ୟାକଲ୍ଟି ଅଫ୍ ଇିନିୟରିଂ, ଫ୍ୟାକଲ୍ଟି ଅଫ୍ ମେଡିକାଲ୍ ସାଇନ୍‌ସେସ୍, ଫ୍ୟାକଲ୍ଟି ଅଫ୍ ଲ ଏବଂ ଫ୍ୟାକଲ୍ଟି ଅଫ୍ ଡେଂଟାଲ ସାଇନ୍‌ସେସ୍ ଏନ୍‌ଆଇଆର୍‌ଏଫ୍ ର୍ୟାଙ୍କିଙ୍ଗରେ ଯଥାକ୍ରମେ ୨୬, ୨୧ ଏବଂ ୯ମ ସ୍ଥାନ ହାସଲ କରିଛି । ସୋଆ ପରିଚାଳିତ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଭୁବନେଶ୍ୱର, ଫୁଲନଖରା, ଶୀତଳାପଲ୍ଲୀ ହସ୍ପିଟାଲ୍ ସମେତ ସମ୍ ଅଲ୍ଟିମେଟ ମେଡିକେୟାର (ସମ୍) ଉନ୍ନତମାନର ସ୍ୱାସ୍ଥ୍ୟ ସେବା ପ୍ରଦାନ କରିଆସୁଛି ।

## ବ୍ରଜମୋହନପୁର ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଜନଶୁଣାଣି

ଖୋର୍ଦ୍ଧା, (ସବ୍ୟୁ) ଖୋର୍ଦ୍ଧା ବ୍ଲକ ବ୍ରଜମୋହପୁର ପଂଚାୟତରେ ଜିଲ୍ଲାପାଳ ଚଂଚଳ ରାଣାଙ୍କ ଅଧ୍ୟକ୍ଷତାରେ ମିଳିତ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ମୋଟ ୧୨୮ଗୋଟି ଆପତି ଅଭିଯୋଗ ଦାଖଲ ହୋଇଥିବାବେଳେ ସେଥିମଧ୍ୟରୁ ୧୧୨ଟି ଅଭିଯୋଗ ବ୍ୟଚ୍ଛିଗତ ଥିଲା । ବାକି ୧୩ଟି ବିଭିନ୍ନ ଗ୍ରାମର ସାମୁହିକ ସମସ୍ୟା ଥିଲା । ଉକ୍ତ ଅଭିଯୋଗମାନଙ୍କ ମଧ୍ୟରୁ ସ୍ଥଳବିଶେଷରେ ୦୩ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଏଥିରେ ୫ଜଣଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଥିଲା । ଆଜିର ମିଳିତ ଜନଶୁଣାଣି ରେ ଖୋର୍ଦ୍ଧା ବ୍ଲକ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ ,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଅନାଦି ଚନ୍ଦ୍ର ସେଠି, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ସିଡ଼ିଏମ୍‌ଓ, ଆସିଷ୍ଟାଣ୍ଟ କଲେକ୍ଟର, ଅତିରିକ୍ତ ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ର ଓ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## କିସ୍ନା ଡାଇମଣ୍ଡ ଓ ଜୁଏଲାରି ଅବକି ବାର ଆପ କେ ଲିୟେ ଅଭିଯାନ

# ଦେଶରେ ପ୍ରଦାନ କଲା ୧୦୦ରୁ ଅଧିକ କାର

ଭୁବନେଶ୍ୱର (ସବ୍ୟୁ): ଭାରତର ପ୍ରମୁଖ ଅଳଙ୍କାର ବିକ୍ରେତାଙ୍କ ମଧ୍ୟରେ କିସ୍ନା ଡାଇମଣ୍ଡ ଓ ଜୁଏଲାରୀ ସାରା ଦେଶରେ ଭାଗ୍ୟଶାଳୀ ଗ୍ରାହକମାନଙ୍କୁ ୧୦୦ଟି ମାରୁତି ସେଲେରିଓ କାର ପ୍ରଦାନ କରିଛି । ଅବକି ବାର ଆପକେ ଲିୟେ ଅଭିଯାନର ସମାପ୍ତିର ଅଂଶ ଭାବରେ ୧୧ଟି ସହରରେ ଏକକାଳୀନ ବିଜେତାଙ୍କୁ କାର ପ୍ରଦାନ କରିଛି । ୫୧,୨୧୯ରୁ ଅଧିକ ଲୋକ ଏହି ଆକର୍ଷଣୀୟ ପଦକ୍ଷେପରେ ଅଂଶଗ୍ରହଣ କରିଥିଲେ । ୧ ସେପ୍ଟେମ୍ବର ୨୦୨୪ରେ ଲାଇଭ ହୋଇଥିବା ଓ ୧୮ ଜାନୁଆରୀ ୨୦୨୫ରେ ଶେଷ ହୋଇଥିବା ଏହି ଅଭିଯାନରେ ଅଂଶଗ୍ରହଣକାରୀଙ୍କୁ ଟ.୨୦,୦୦୦ ବା ତାଠାରୁ ଅଧିକ ମୂଲ୍ୟର ହୀରା, ପ୍ଲାଟିନମ ବା ସଲିଟାୟାର ଅଳଙ୍କାର ବା ଟ.୫୦,୦୦୦ ମୂଲ୍ୟର ସୁନା ଗହଣା କିଣାକିଣି ଉପରେ କାର ଜିତିବା ପାଇଁ ସୁଯୋଗ ଦିଆଯାଇଥିଲା । ଏକ ଲକି ଡ୍ରରେ ଭାଗନେଇଥିବା ଗ୍ରାହକମାନଙ୍କ ଭିତରୁ ମାରୁତି ସୁଜୁକି ଜିତିବାର ସୁଯୋଗ ଥିଲା । ହରି କ୍ରିଷ୍ଣା ଗ୍ରୁପର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ଘନଶ୍ୟାମ ଢୋଲକିଆ କହଛନ୍ତି ଯେ ଅବକି ବାର ଆପକେ ଲିୟେ ଅଭିଯାନର ସମାପ୍ତିର ଅଂଶ ଭାବରେ ୧୧ଟି ସହରରେ ଗ୍ରାହକମାନଙ୍କ ଆମ ପ୍ରତି ବିଶ୍ୱାସ ଓ ଶ୍ରଦ୍ଧାର ପ୍ରମାଣ ଦେଖାଇଛନ୍ତି । ଏହି ଅଭିଯାନ ଏକ ଖୁସି ବାଂଟିବାର ମୁହୂର୍ତ୍ତ ଓ ବାସ୍ତବରେ କିଛି ଅସାଧାରଣ କରିବାର ସୁଯୋଗ ପ୍ରଦାନ କରିଛି ।



# ଟ୍ରମ୍ପଙ୍କ ଦ୍ୱିତୀୟ ପାଳି : ୬ ପ୍ରତିଶ୍ରୁତି





ୱାଶିଂଟନ : ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ନିଜର ଦ୍ୱିତୀୟ ପାଳି ଆରମ୍ଭ କରିଛନ୍ତି । ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କରିବା ମାତ୍ରେ ଲକ୍ଷ ଲକ୍ଷ ବେଆଇନ ପ୍ରବାସୀ ଭାରତୀୟଙ୍କୁ ବହିଷ୍କାର କରିବା ପାଇଁ ସବୁଠାରୁ ବଡ ଅଭିଯାନ ଆରମ୍ଭ କରିବାକୁ ପ୍ରତିଶ୍ରୁତି ଦେଇଥିବା ଡୋନାଲ୍ଡ ଟ୍ରମ୍ପ ବର୍ତ୍ତମାନ ଏହି ନୀତିକୁ ନେଇ ଦ୍ୱନ୍ଦ୍ୱରେ ଥିବା ଜଣାପଡିଛ ।ଏହା ଆନୁଷ୍ଠାନିକ ଭାବେ ପ୍ରକାଶ ହେବା ପୂର୍ବରୁ ନିର୍ବାସନ ଯୋଜନା ସମ୍ବନ୍ଧୀୟ ସମସ୍ତ ତଥ୍ୟ ଲିକ୍ ହୋଇଛି । ଏଭଳି ପରିସ୍ଥିତିରେ ଟ୍ରମ୍ପ ସରକାର ସତର୍କ ମନୋଭାବ ପୋଷଣ କରୁଥିବା ଜଣାପଡିଛି ଏବଂ ଏହାର କାର୍ଯ୍ୟକାରିତା ପାଇଁ ସମୟ ତଥା ପଦକ୍ଷେପର ସମୀକ୍ଷା କରୁଛନ୍ତି । ପୂର୍ବରୁ ଏନବିସି ନ୍ୟୁଜକୁ ଦେଇଥିବା ଏକ ସାକ୍ଷାତକାରରେ ଟ୍ରମ୍ପ କହିଥିଲେ, ଯେ ତାଙ୍କ ନିର୍ବାଚନ ପ୍ରଚାରରେ ସେ ଯେପରି ପ୍ରତିଶ୍ରୁତି ଦେଇଛନ୍ତି, ସେପରି ଦେଶରୁ ନିର୍ବାସନ ଆରମ୍ଭ କରିବା ତାଙ୍କର ସର୍ବୋଚ୍ଚ ପ୍ରାଥମିକତା ହେବ । କିନ୍ତୁ କେଉଁ ସହରକୁ ଟାର୍ଗେଟ କରାଯିବ କିମ୍ବା କେବେ ଦେଶାନ୍ତର ଆରମ୍ଭ ହେବ ସେ କହିବାକୁ ମନା କରି ଦେଇଥିଲେଛ ନିର୍ବାସନ ନୀତି କାର୍ଯ୍ୟକାରୀ କରିବାକୁ ନିୟୋଜିତ ଅଧିକାରୀ ଏବଂ ସୁରକ୍ଷା କର୍ମୀଙ୍କ ସୁରକ୍ଷାକୁ ନେଇ ଟ୍ରମ୍ପ ସରକାର ମଧ୍ୟ ଚିନ୍ତିତ ଅଛନ୍ତି ।

ଶପଥ ଗ୍ରହଣ କରିବା ପୂର୍ବରୁ ସେ ଏକ ବିଜୟ ସମାବେଶ ଆୟୋଜନ କରି ହଜାର ହଜାର ସମର୍ଥକଙ୍କୁ ସମ୍ବୋଧିତ କରିଥିଲେ । ଏହି ସମୟ ମଧ୍ୟରେ ସେ ୟୁକ୍ରେନ ଯୁଦ୍ଧ ବନ୍ଦ କରିବା ଏବଂ ଆମେରିକା ପାଇଁ ଏକ ଆଇରନ୍ ଡୋମ ସିଷ୍ଟମ ନିର୍ମାଣ ବିଷୟରେ କହିଥିଲେ । ନିର୍ବାଚନ ପ୍ରତିଶ୍ରୁତି ପୂରଣ କରିବାକୁ ଟ୍ରମ୍ପ ନିଶ୍ଚିତ କରିଥିଲେ ।

ସେ କହିଥିଲେ ଯେ, ଇମିଗ୍ରେସନ ଉପରେ କଡା ପ୍ରତିବନ୍ଧକ ଲଗାଇବେଛ ଆମେରିକାର ପ୍ରତ୍ୟେକ ସଙ୍କଟକୁ ଐତିହାସିକ ଗତି ଏବଂ ଶକ୍ତି' ସହିତ ସମାଧାନ କରିବାକୁ ଟ୍ରମ୍ପ ପ୍ରତିଶ୍ରୁତି ଦେଇଥିଲେ । ସେ କହିଥିଲେ, ଆସନ୍ତାକାଲି ସୂର୍ଯ୍ୟାସ୍ତ ପରେ ଆମ ଦେଶ ଉପରେ ଆକ୍ରମଣ ବନ୍ଦ ହୋଇଯିବ । ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଯେ କ୍ୟାପିଟାଲ ଆକ୍ରମଣ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ୧,୫୦୦ରୁ ଅଧିକ ଲୋକଙ୍କୁ ସେ କ୍ଷମା କରିବେଛ ୬ ଜାନୁଆରୀ ୨୦୨୧ରେ ଡୋନାଲ୍ଡ ଟ୍ରମ୍ପଙ୍କ ପରାଜୟ ପରେ ତାଙ୍କ ସମର୍ଥକମାନେ କ୍ୟାପିଟାଲ ହିଲ ଉପରେ ଆକ୍ରମଣ କରିଥିଲେ । ଟ୍ରମ୍ପ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ, ମୁଁ ୟୁକ୍ରେନ ଯୁଦ୍ଧକୁ ସମାପ୍ତ କରିବି, ମଧ୍ୟ ପୂର୍ବର ସଙ୍କଟକୁ ସମାପ୍ତ କରିବି ଏବଂ ତୃତୀୟ ବିଶ୍ୱଯୁଦ୍ଧକୁ ରୋକିବା ପାଇଁ ମୋର ଯଥାସାଧ୍ୟ ଚେଷ୍ଟା କରିବି । ଆପଣ କଳ୍ପନା ମଧ୍ୟ କରିପାରିବେ ନାହିଁ ଯେ, ଆମେ ଏହାର ନିକଟତର ଅଟୁ । ଲକ୍ଷ ଲକ୍ଷ ପ୍ରବାସୀଙ୍କୁ ଦେଶରୁ ବିତାଡିତ କରିବାକୁ ଯୋଜନା କରି ଟ୍ରମ୍ପ ଦେଶରୁ ବେଆଇନ ପ୍ରବାସୀମାନଙ୍କୁ ବିତାଡିତ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ତଥାପି, ବିଶେଷଜ୍ଞମାନଙ୍କ ଅନୁସାରେ ଏହି ଅଭିଯାନ ସମ୍ପୂର୍ଣ୍ଣ ହେବାକୁ ବର୍ଷ ବର୍ଷ ଲାଗିପାରେ ଏବଂ ଏହା ଅତ୍ୟଧିକ ମହଙ୍ଗା ସାବ୍ୟସ୍ତ ହୋଇପାରେ । ଯଦି ଟ୍ରମ୍ପ ପ୍ରକୃତରେ ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରନ୍ତି, ତେବେ ଏହା ସେହି ଭାରତୀୟମାନଙ୍କୁ ମଧ୍ୟ ପ୍ରଭାବିତ କରିବ ଯେଉଁମାନେ ବେଆଇନ ଭାବେ ଆମେରିକା ଯାଇଛନ୍ତି । ଆମେରିକାର ରାଷ୍ଟ୍ରପତି ଭାବେ ପ୍ରଥମ ଦିନରୁ ଅନେକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଜାରି କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି ।ଟ୍ରାନ୍ସ ଆଥଲେଟମାନଙ୍କୁ ମହିଳା କ୍ରୀଡ଼ାରେ ଅଂଶଗ୍ରହଣ ନକରିବାକୁ ଟ୍ରମ୍ପ କହିଛନ୍ତ । ଟ୍ରମ୍ପ ପୂର୍ବତନ ରାଷ୍ଟ୍ରପତି ଜନ୍ ଏଫ. କେନେଡ଼ି ଏବଂ ତାଙ୍କ ଭାଇ ବବି କେନେଡି ତଥା ନାଗରିକ ଅଧିକାର ନେତା ମାର୍ଟିନ୍ ଲୁଥର୍ କିଙ୍ଗ ଜୁନିଅରଙ୍କ ହତ୍ୟାର ଗୁପ୍ତ ତଥ୍ୟ ସାର୍ବଜନୀକ କରିବାକୁ କହିଛନ୍ତି ।ଏସବୁ ୬ ପ୍ରତିଶ୍ରୁତି ଟମ୍ପ କିଭଳି ପୂରଣ କରିବେ ସେ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି ।

## ନିଜ ନାଗରିକଙ୍କ ଉପରେ ପାକ୍ ସେନାର ଗୁଳି ବର୍ଷଣ

ଇସଲାମାବାଦ: ଖାଇବର ପାଖ୍ତୁନଖ୍ୱାର କୁରମ ଅଞ୍ଚଳରେ ପାକିସ୍ତାନୀ ସେନା ଏକ ପ୍ରମୁଖ ସାମରିକ କାର୍ଯ୍ୟ ଆରମ୍ଭ କରିଛ । କୁହାଯାଉଛି ଯେ, ପାକିସ୍ତାନୀ ସେନା ମୁଖ୍ୟ ଜେନେରାଲ ଅସିମ ମୁନିରଙ୍କ ନିର୍ଦ୍ଦେଶରେ ବହୁ ସଂଖ୍ୟକ ସୈନିକ ଅସ୍ତ୍ରଶସ୍ତ୍ର ସହିତ କୁରମ ଅଞ୍ଚଳରେ ହିଂସା ଘଟିଛି । ନିକଟରେ ସୁନ୍ନି ମୁସଲମାନମାନେ ୪୫ ଜଣ ଶିଆ ତୀର୍ଥଯାତ୍ରୀଙ୍କୁ ହତ୍ୟା କରିଥିଲେ । ଏହି ଘଟଣା ୨୧ ନଭେମ୍ବର ୨୦୨୪ରେ ବାଗାନ ସହରରେ ଘଟିଥିଲା । ଏହା ପରେ ଅନେକ ଦିନ ଧରି ଦୁଇପକ୍ଷଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଜାରି ରହିଥିଲା । ଯେଉଁଥିରେ ପ୍ରାୟ ୧୪୦ଜଣଙ୍କର ମୃତ୍ୟୁ ଏହାପୂର୍ବରୁ ସହାୟତା ସାମଗ୍ରୀ ବୋଝେଇ ଟ୍ରକ ଉପରେ ଏକ ବଡ଼ ଆକ୍ରମଣ ହୋଇଥିଲା । ଯେଉଁଥିରେ ୬ଜଣ ସହାୟତା କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା ।ଅନେକ ଲୋକଙ୍କୁ ମଧ୍ୟ ଅପହରଣ କରାଯାଇଥିଲା । ପାକିସ୍ତାନୀ ସେନାର ସଶସ୍ତ୍ର ଯାନ



ପହଞ୍ଚିଛନ୍ତି । ପାକିସ୍ତାନୀ ଗଣମାଧ୍ୟମ ଅନୁଯାୟୀ,ସେନା ଆତଙ୍କବାଦୀଙ୍କ ଶିବିରକୁ ଧ୍ୱଂସ କରିବା ପାଇଁ ବହୁ ପରିମାଣରେ ତୋପ ବ୍ୟବହାର କରୁଛି ।କୁରମ ଜିଲ୍ଲାର ବାଗାନ, ମାଣ୍ଡୋରି, ଚାପରି ଏବଂ ଚାପରି ପଡାଭ ଆଦି ୪ଟି ଗାଁରେ ଏହି ସାମରିକ ଅପରେସନ ଚାଲିଛି । ଶିଆ ଏବଂ ସୁନ୍ନି ମୁସଲମାନମାନଙ୍କ ମଧ୍ୟରେ ଯୁଦ୍ଧକ୍ଷେତ୍ରରେ ପରିଣତ ହୋଇଥିବା ପେରାଚିନାରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ମଧ୍ୟ ଗତ ତିନି ମାସ ଧରି ବନ୍ଦ ରହିଛି । ପାକିସ୍ତାନର ଏହି କୁରମ ଅଞ୍ଚଳରେ ଗତ କିଛି ଦଶନ୍ଧି ଧରି ଶିଆ ଏବଂ ସୁନ୍ନି ମୁସଲମାନମାନଙ୍କ ମଧ୍ୟରେ ପ୍ରବଳ ଘଟିଥିଲା ।ଏହା ପରେ ପାକିସ୍ତାନୀ ସେନା ଏବଂ ସରକାର ଅଞ୍ଚଳରେ ଦୁଇପକ୍ଷଙ୍କ ମଧ୍ୟରେ ସମନ୍ୱୟ ଆଣିବାକୁ ଚେଷ୍ଟା କରିଥିଲେ ମଧ୍ୟ ଏହା ବିଫଳ ହୋଇଥିଲା । ଉଭୟ ଗୋଷ୍ଠୀ ଏହି କ୍ଷେତ୍ରରେ ଅନେକ ବଙ୍କର ନିର୍ମାଣ କରିଛନ୍ତି । ସେମାନେ ମଧ୍ୟ ସେନା ଏବଂ ସରକାରୀ ଲୋକଙ୍କ ଉପରେ ଆକ୍ରମଣ କରୁଛନ୍ତି ।ବର୍ତ୍ତମାନ ପାକିସ୍ତାନୀ ସେନା ଏହି ଅଞ୍ଚଳ ଖାଲି କରିବାକୁ ଏକ ପ୍ରମୁଖ ସାମରିକ କାର୍ଯ୍ୟ ଆରମ୍ଭ କରିଛି । ଏହି ଅଞ୍ଚଳର ବହୁ ସଂଖ୍ୟକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ପଠାଯାଇଛି । ଏହି ସମଗ୍ର ଅଞ୍ଚଳରେ ପ୍ରଶାସନ କର୍ଫ୍ୟୁ ଲାଗୁ କରିଛି । ମଧ୍ୟ ଏହି ଅଞ୍ଚଳକୁ ପଠାଯାଇଛି ଏବଂ ସେନା ଧିରେଧିରେ ଆଗକୁ ବଢୁଛି । ଅନେକ ବଙ୍କରକୁ ପାକିସ୍ତାନୀ ସେନା ନିଜର ନିୟନ୍ତ୍ରଣକୁ ନେଇଛି । କୁରମବାସୀଙ୍କୁ ସେମାନଙ୍କ ଘରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅପରାଧୀଙ୍କୁ ଦେଖି ଗୁଳି ଚଳାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ଅନେକ ଦଶନ୍ଧି ଧରି କୁରମ ଜିଲ୍ଲାରେ ଶିଆ ଏବଂ ସୁନ୍ନି ହିଂସା ଚାଲିଆସୁଛି । ୨୦୨୫ ଜାନୁଆରି ୧ ରେ ଉଭୟ ପକ୍ଷ ଏକ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ ମଧ୍ୟ ଏହାକୁ ପାଳନ କରି ନଥିଲେ ।

## ଜମ୍ମୁ-କଶ୍ମୀରରେ ରୋହିଙ୍ଗ୍ୟା କନ୍ୟା ବିକ୍ରି

ଶ୍ରୀନଗର: ଦୀର୍ଘ ଦିନ ଧରି ଜମ୍ମୁ-କଶ୍ମୀରରେ କନ୍ୟା ବିକ୍ରିର ଏକ ବଡ଼ ରାକେଟ ଜାରି ରହିଛି । ପ୍ରଥମେ ବାଂଲାଦେଶରୁ ଏବଂ ବର୍ତ୍ତମାନ ମିଆଁମାରରୁ ମଧ୍ୟ ରୋହିଙ୍ଗ୍ୟା ଝିଅମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ଏବଂ ଲୋଭନୀୟ ସ୍ୱପ୍ନ ଦେଖାଇ ଏଠାକୁ ଅଣାଯାଉଛି । ପରେ ଝିଅମାନଙ୍କୁ ତାଙ୍କ ବୟସର ଦୁଇଗୁଣା ବଡ଼ ବୟସର ବ୍ୟକ୍ତିଙ୍କ ସହ ବିବାହ କରି ଦିଆଯାଉଛି । କନ୍ୟାଙ୍କୁ ୨୦,୦୦୦ରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରାଯାଉଛି ।କେବଳ ଏତିକି ନୁହେଁ ଜମ୍ମୁ-କଶ୍ମୀରରେ ବିବାହ ହୋଇ ପାରୁ ନଥିବା ମାନସିକ ଦିବ୍ୟାଙ୍ଗଙ୍କ ପାଇଁ ମଧ୍ୟ ବେଆଇନ ଭାବେ କନ୍ୟା କିଣା ଯାଉଛି । ୨୦୨୪ ଡିସେମ୍ବର ମାସରେ ଜମ୍ମୁ-କଶ୍ମୀର ପୁଲିସ ଏଭଳି ଅନେକ ନେଟୱାର୍କ ଚିହ୍ନଟ କରିଥିଲା । କେତେକ ସଂସ୍ଥା ଏନଜିଓଙ୍କ ନାମରେ ଏଭଳି କନ୍ୟା ବିକ୍ରି କାର୍ଯ୍ୟ କରୁଥିବା ଜଣାପଡ଼ିଥିଲା । ପ୍ରଶାସନ ଅନୁଯାୟୀ, ଡିସେମ୍ବର ୨୦୨୪ ସୁଦ୍ଧା ଅତି କମରେ ୨୪ଜଣ ରୋହିଙ୍ଗ୍ୟା ବାଳିକା ଜମ୍ମୁରେ ଏବଂ ୧୨୪ ଜଣ କଶ୍ମୀରରେ କନ୍ୟା ବିକ୍ରି ରାକେଟ ମାଧ୍ୟମରେ ବୟସ୍କ ଲୋକଙ୍କୁ ବିବାହ କରିଛନ୍ତି ।

ଜଣାପଡ଼ିଛି ୫୨ ବର୍ଷିୟ ଜଣେ ବ୍ୟକ୍ତିଙ୍କ ପରିବାର ଦୀର୍ଘ ଦିନ ଧରି ବିବାହ ପାଇଁ ତାଙ୍କ ଲାଗି ଝିଅ ଖୋଜୁଥିଲେ । କିନ୍ତୁ କନ୍ୟା ପାଉ ନଥିଲେ । କାରଣ ସେ ମାନସିକ ଦିବ୍ୟାଙ୍ଗ ଥିଲେ । ସେ ନିଜେ ଉଠି ପାଣି ପିଇବାକୁ ଅକ୍ଷମ । ହଠାତ୍ ଦିନେ ସ୍ଥାନୀୟ ଲୋକ ଜାଣିବାକୁ ପାଇଲେ ଯେ, ସେ ବିବାହ କରିଛନ୍ତି । ଦେଖାଗଲାଝିଅଟି ଜଣେ ରୋହିଙ୍ଗ୍ୟା । କେହି ଜଣେ ତାଙ୍କୁ ୨୦,୦୦୦ଟଙ୍କାରେ ବିକ୍ରି କରିଥିଲେ ।



ଜମ୍ମୁ-କଶ୍ମୀରରେ ଏଭଳି ଅନେକ ମାମଲା ଦେଖିବାକୁ ମିଳୁଛି ।

ଏହାର ଗୋଟିଏ ଦିନ ପୂର୍ବରୁ କୋଲକାତାର ରେଳବାଇ ପୁଲିସ ଅବଦୁଲ ରହମାନ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିଲା । ସେ ବାଂଲାଦେଶର ଜଣେ ରୋହିଙ୍ଗ୍ୟା ମୁସଲମାନ ଏବଂ ଦୀର୍ଘ ବର୍ଷ ଧରି କଶ୍ମୀରରେ ଶ୍ରମିକ ଭାବରେ କାର୍ଯ୍ୟ କରିଆସୁଛନ୍ତି । ତାଙ୍କ ସହିତ ପ୍ରାୟ ୧୨ ବର୍ଷ ବୟସର ଦୁଇ ଝିଅ ଥିଲେ । ତାଙ୍କୁ ସେ କଶ୍ମୀରକୁ ନେଇ ଯାଉଥିଲେ । ପୁଲିସ ଏ ବିଷୟରେ ଜାଣିବାକୁ ପାଇଥିଲାଛ ପ୍ରତିଦିନ ଏହିପରି ଅନେକ ରୋହିଙ୍ଗ୍ୟା ବାଳିକାଙ୍କୁ ଜମ୍ମୁ-କଶ୍ମୀର ସମେତ ଦେଶର ଅନେକ ରାଜ୍ୟକୁ ବେଆଇନ ଭାବେ ଅଣାଯାଉଛି ଏବଂ ସେମାନଙ୍କ ଇଚ୍ଛା ବିରୁଦ୍ଧରେ ସେମାନଙ୍କୁ ଜବରଦସ୍ତ କନ୍ୟା ଭାବେ ବିକ୍ରି କରାଯାଉଛି । ଅପରାଧୀମାନେ ପଶ୍ଚିମବଙ୍ଗ, ଆସାମ ଏବଂ ତ୍ରିପୁରା ଦେଇ ବେଆଇନ ଭାବେ ରୋହିଙ୍ଗ୍ୟା ଝିଅମାନଙ୍କୁ ଭାରତ ଆଣିଥାନ୍ତି । ତା'ପରେ ସେମାନଙ୍କୁ ଦେଶର ବିଭିନ୍ନ ରାଜ୍ୟକୁ ପଠାଉଥିବା ଅଭିଯୋଗ ହେଉଛି ।

## ଆମ ହାତରେ ମାମଲା ଥିଲେ ଫାଶୀ ଦଣ୍ଡ ହୋଇଥାନ୍ତା : ମମତା

କୋଲକାତା: ସମଗ୍ର ଦେଶକୁ ଦୋହଲାଇ ଦେଇଥିବା କୋଲକାତା ମହିଳା ଡାକ୍ତରଙ୍କ ଦୁଷ୍କର୍ମ ଏବଂ ହତ୍ୟା ମାମଲାରେ, କୋର୍ଟ ଆଜି ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ରଏଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ।ପଶ୍ଚିମବଙ୍ଗର ସିଆଲଦା କୋର୍ଟ ଆଜି ଏହି ରାୟ ଶୁଣାଇଛନ୍ତି । ତେବେ ଏହି ଦଣ୍ଡାଦେଶ ପରେ ରାଜନୀତି ମଧ୍ୟ ଜୋର ଧରିଛି ଆମ ହାତରେ ମାମଲା ଥିଲେ, ନିଶ୍ଚିତ ଫାଶୀ ଦଣ୍ଡ ହୋଇଥାନ୍ତା ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି ।ସେ କହିଛନ୍ତି ଯେ, ଆମେ ସମସ୍ତେ ମୃତ୍ୟୁଦଣ୍ଡ ଦାବି କରିଥିଲୁ, କିନ୍ତୁ କୋର୍ଟ ଆଜୀବନ କାରାଦଣ୍ଡ ଦେଇଥିଲେଛ ମୁଁ ସନ୍ତୁଷ୍ଟ ନୁହେଁଛ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜର ଅସନ୍ତୋଷ ପ୍ରକାଶ କରି କହିଥିଲେ, ଆମେ ଆରମ୍ଭରୁ ମୃତ୍ୟୁଦଣ୍ଡ ଦାବି କରିଆସୁଛୁ, କିନ୍ତୁ କୋର୍ଟ ଆଜୀବନ କାରାଦଣ୍ଡ ଦେଇଛନ୍ତି । ଯଦି ମାମଲାଟି ସିବିଆଇକୁ ହସ୍ତାନ୍ତର କରାଯାଇ ନଥାନ୍ତା ଏବଂ ଆମ ହାତରେ ଥାଆନ୍ତା, ତେବେ ବହୁତ ପୂର୍ବରୁ ମୃତ୍ୟୁଦଣ୍ଡ ଦିଆଯାଇଥାଆନ୍ତା । ମୁଁ ଏହି ନିଷ୍ପତ୍ତିରେ ସନ୍ତୁଷ୍ଟ ନୁହେଁ ।କେବଳ ଏତିକି ନୁହେଁ, ଭାରତୀୟ ଜନତା ପାର୍ଟି ନେତା ଏବଂ କେନ୍ଦ୍ରମନ୍ତ୍ରୀ ସୁକାନ୍ତ ମଜୁମଦାର କହିଛନ୍ତି, ଆମେ ମୃତ୍ୟୁଦଣ୍ଡ ଚାହୁଁଥିଲୁ । ତାହା ଘଟିଲା ନାହିଁ ।

ପୀଡିତାଙ୍କ ପରିବାର ଟଙ୍କା ଚାହାଁନ୍ତି ନାହିଁ । ପଶ୍ଚିମବଙ୍ଗର ଲୋକମାନେ ଭାବୁନାହାଁନ୍ତି ଯେ ଏଥିରେ କେବଳ ଜଣେ ବ୍ୟକ୍ତି ସମ୍ପୃକ୍ତ ଥିଲେ, ଏହାର ତଦନ୍ତ ହେବା ଉଚିତଛ ଉଲ୍ଲେଖ ଥାଉ କି ଗତ ବର୍ଷ ଅଗଷ୍ଟ ୯ ତାରିଖ ସକାଳେ ଆରଜି କର ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିସରର ସେମିନାର ହଲରୁ ଟ୍ରେନି ମହିଳା ଡାକ୍ତରଙ୍କ ମୃତଦେହ ଉଦ୍ଧାର କରାଯାଇଥିଲାଛ ରାତି ଡ୍ୟୁଟି ସମୟରେ ବିଶ୍ରାମ କରୁଥିବା ବେଳେ ସଞ୍ଜୟ ମୃତକଙ୍କ ସହ ଦୁଷ୍କର୍ମ କରି ତାଙ୍କୁ ହତ୍ୟା କରିଥିଲା ।

### ପ୍ରେମିକକୁ ଘରକୁ ଡାକି ହତ୍ୟା

## ୨୪ ବର୍ଷୀୟା ପ୍ରେମିକାକୁ ଫାଶୀ ଦଣ୍ଡ

ତ୍ରିସୁର : କେରଳରେ ଜଣେ ପ୍ରେମିକଙ୍କୁ ନିର୍ମମ ଭାବେ ହତ୍ୟା କରିଥିବା ପ୍ରେମିକାଙ୍କୁ କୋର୍ଟ ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି । ମାତ୍ର ୨୪ ବର୍ଷ ବୟସରେ ଜଣେ ଯୁବତୀ ଫାଶୀ ଦଣ୍ଡରେ ଦଣ୍ଡିତ ହେବା ଭାରତରେ ମଧ୍ୟ ପ୍ରଥମ ଘଟଣା ହୋଇଛି ।୨୦୨୨ରେ କେରଳର ୨୪ ବର୍ଷୀୟ ଗ୍ରୀଷ୍ମା ତାଙ୍କର ୨୩ ବର୍ଷୀୟ ପ୍ରେମିକ ଶାରୋନ ରାଜଙ୍କ ସହ ଗଢିଥିବା ପ୍ରେମକୁ ସବୁଦିନ ପାଇଁ ଶେଷ କରିବା ଉଦ୍ଦେଶ୍ୟରେ ହତ୍ୟା ଭଳି ଜଘନ୍ୟକାଣ୍ଡ ଭିଆଇଥିଲେ । କେରଳର ଗୋଟିଏ ସ୍ଥାନୀୟ କୋର୍ଟ ଗତ ସପ୍ତାହରେ ଗ୍ରୀଷ୍ମା ଓ ତାଙ୍କ ମାମୁଙ୍କୁ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ କରିଥିଲେ । ଆଜି ଗ୍ରୀଷ୍ମାଙ୍କୁ ମୃତ୍ୟୁ ଦଣ୍ଡ ଓ ତାଙ୍କ ମାମୁଙ୍କୁ ୩ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରଛନ୍ତି ।




ଗ୍ରୀଷ୍ମାଙ୍କୁ ମୃତ୍ୟୁଦଣ୍ଡ ଦେବା ବେଳେ କୋର୍ଟ ଦୋଷୀର ବୟସକୁ ଆଦୌ ବିଚାରକୁ ନେଇ ନଥିଲେ । କୋର୍ଟର ବିଚାରପତି ମାମଲାକୁ ବିରଳରୁ ଅତି ବିରଳ ବୋଲି ଅବିହିତ କରିଥିଲେ । ଗ୍ରୀଷ୍ମା ମୃତ୍ୟୁଦଣ୍ଡରୁ ବର୍ତ୍ତିବା ପାଇଁ ନିଜର ଶିକ୍ଷାଗତ ଯୋଗ୍ୟତା, ଅପରାଧିକ ପୃଷ୍ଠଭୂମି ଓ ବାପା ମା'ଙ୍କ ଏକମାତ୍ର ଝିଅ ହେବାର ଗୁହାରୀ ଲଗାଇଥିଲେ । ହେଲେ କୋର୍ଟଙ୍କ ଉପରେ ଏହାର କୌଣସି ପ୍ରଭାବ ପଡ଼ି ନଥିଲା । ସରକାରୀ ଓକିଲ ଡିଜିଟାଲ ଓ ବିଜ୍ଞାନଭିତ୍ତିକ ପ୍ରମାଣ ଉପସ୍ଥାପନ କରି ଗ୍ରୀଷ୍ମାଙ୍କୁ ମୃତ୍ୟୁଦଣ୍ଡ ଦେବାକୁ ଦାବି କରିଥିଲେ । କୋର୍ଟ ପ୍ରମାଣ ସବୁ ଯାଞ୍ଚ କରିବା ପରେ ଗ୍ରୀଷ୍ମଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି ।

ହତ୍ୟା ବ୍ୟତୀତ କୋର୍ଟ ଗ୍ରୀଷ୍ମାଙ୍କୁ ଅପହରଣ ଓ ପ୍ରମାଣ ନଷ୍ଟ କରିବା ସମେତ ଅନ୍ୟ କିଛି ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଛନ୍ତି । ତାଙ୍କ ମାମୁ ନିର୍ମଳ କୁମାରନ ନାୟରଙ୍କୁ ପ୍ରାମଣ ନଷ୍ଟ କରିବା ପାଇଁ ୩ ବର୍ଷର ସଶ୍ରମ କାରାଦଣ୍ଡ ମିଳିଛି । ତେବେ ପ୍ରମାଣ ଅଭାବରୁ ଗ୍ରୀଷ୍ମାଙ୍କ ମା'ଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି ।ପୂରା ଘଟଣା ୨୦୨୨ ମସିହା ଅକ୍ଟୋବର ୧୪ରେ ଘଟିଥିଲା । ଘଟଣା ଦିନ ଗ୍ରୀଷ୍ମା ପ୍ରେମିକ ରାଜଙ୍କୁ ନିଜ ଘରକୁ ଡାକିଥିଲେ । ଘରକୁ ଡାକି ସେ ନିଜ ହାତରେ ତାଙ୍କୁ ହର୍ବଲର ସ୍ୱତନ୍ତ୍ର ପାନୀୟ ପିଇବାକୁ ଦେଇଥିଲେ । ପ୍ରେମିକା ଉପରେ ବିଶ୍ୱାସ ଓ ଭରସା କରି ରାଜ ମଧ୍ୟ ତାହା ପିଇ ଦେଇଥିଲେ । କିନ୍ତୁ ଏଥିରେ ବିଷ ମିଶିଥିବା କଥା ତାଙ୍କୁ ଜଣା ନଥିଲା । ଅକ୍ଟୋବର ୨୫ରେ ହଠାତ୍ ରାଜ ଅସୁସ୍ଥ ଅନୁଭବ କରିଥିଲେ । ତାଙ୍କୁ ହସ୍ପିଟାଲକୁ ନିଆଯାଇଥିଲେ ହେଁ ଅଙ୍ଗପ୍ରତ୍ୟଙ୍ଗ ଫେଲ ଯୋଗୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା ।ପ୍ରକୃତରେ ଗ୍ରୀଷ୍ମାଙ୍କ ବାହାଘର ତାମିଲନାଡୁର ଜଣେ ଆର୍ମି ଅଫିସରଙ୍କ ସହ ଠିକ ହୋଇଥିଲା । ଏଥିପାଇଁ ସେ ରାଜଙ୍କ ସହ ସବୁ ସମ୍ପର୍କଚ୍ଛିନ୍ନ କରିବାକୁ ଚାହୁଁଥିଲେ । କିନ୍ତୁ ରାଜ ଏଥିରେ ରାଜି ହୋଇ ନଥିଲେ । ପୂର୍ବରୁ ମଧ୍ୟ ଗ୍ରୀଷ୍ମା ଗୋଟିଏ ଥର ରାଜଙ୍କୁ ମାରିବାକୁ ଚେଷ୍ଟା କରିଥିଲେ । ଏଥିପାଇଁ ସେ ଫଳ ରସରେ ପାରାସିଟାମଲ ଟାବଲେଟକୁ ମିଶାଇ ଦେଇଥିଲେ । ହେଲେ ଏହାର ଟେଷ୍ଟ ଖରାପ ଲାଗିବାରୁ ରାଜ ଏହାକୁ ପିଇ ନଥିଲେ । ଫଳରେ ଗ୍ରୀଷ୍ମାଙ୍କ ଯୋଜନା ଫେଲ ମାରି ଯାଇଥିଲା । ହେଲେ ଦ୍ୱିତୀୟ ପ୍ରୟାସରେ ସେ ପାନୀୟରେ ରେ ବିଷ ମିଶାଇ ରାଜଙ୍କୁ ହତ୍ୟା କରିବାରେ ସଫଳ ହୋଇଥିଲେ । ରାଜଙ୍କ ଘର ଥିରୁଅନନ୍ତପୁରମର ପାରାସାଲାରେ । ସେ ବିଏସସ୍ସି ରେଡିଓଲୋଜିର ଛାତ୍ର ଥିଲେ ।

## ଭାରତରୁ ବ୍ରିଟେନ୍ ନେଇଯାଇଛି ବିପୁଳ ସଂପତ୍ତି

ନୂଆଦିଲ୍ଲୀ : ଉପନିବେଶବାଦ ଶାସନ ସମୟରେ ଇଂରେଜମାନେ ଭାରତରୁ ପ୍ରାୟ ୬୪.୮୨ ଟ୍ରିଲିୟନ ଡଲାରର ବା ୬୪ ଲକ୍ଷ ୮୨ ହଜାର କୋଟି ଡଲାର ମୂଲ୍ୟର ସଂପତ୍ତି ନେଇ ଯାଇଛନ୍ତି । ଏହା ମଧ୍ୟରୁ ୩୩.୮ ଟ୍ରିଲିୟନ ଡଲାର ବ୍ରିଟେନର ୧୦% ଧନୀଙ୍କ ପକେଟକୁ ଯାଇଛି ।ଭାରତରୁ ଇଂରେଜମାନେ ନେଇ ଯାଇଥିବା ଟଙ୍କାର ପରିମାଣ ଏତେ ଥିଲା ଯେ ଯଦି ଏହାକୁ ବ୍ରିଟେନର ୫୦ ପାଉଣ୍ଡର ନୋଟରେ ପରିଣତ କରାଯାଏ, ତା'ହେଲେ ପୂରା ଲଣ୍ଡନରେ ୪ ଥର ନୋଟର କାରପେଟ୍ ବିଛା ଯାଇପାରିବ ।



ଅକ୍ସଫାମ ଇଣ୍ଟରନ୍ୟାଶନାଲର ନୂଆ ରିପୋର୍ଟରେ ଏପରି କୁହାଯାଇଛି । ବିଶ୍ୱ ଅର୍ଥନୀତିକ ଫୋରମର ବାର୍ଷିକ ବୈଠକର ପ୍ରଥମ ଦିନରେ ଏପରି ରିପୋର୍ଟ ପ୍ରତିବର୍ଷ ଜାରି କରାଯାଇଥାଏ । ସମଗ୍ର ବିଶ୍ୱରେ ଥିବା ଧନୀ ଓ ଶକ୍ତିଶାଳୀ ଲୋକଙ୍କ ବାର୍ଷିକ ବୈଠକର କିଛି ଘଣ୍ଟା ପୂର୍ବରୁ ଡାଭୋସରେ ଏହାକୁ ସାର୍ବଜନୀନ କରାଯାଇଛି ।ଏହି ରିପୋର୍ଟରେ ଏକାଧିକ ଗବେଷଣା, ତଦନ୍ତ ଓ ଦସ୍ତାବିଜରୁ ମିଳିଥିବା ତଥ୍ୟ ଆଧାରରେ ଦାବି କରାଯାଇଛି ଯେ ଆଧୁନିକ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ କେବଳ ଉପନିବେଶବାଦ ଯୋଗୁ ସୃଷ୍ଟି ହୋଇଛନ୍ତି । ଐତିହାସିକ ଉପନିବେଶନବାଦ ସମୟରେ ବ୍ୟକ୍ତି ଅସମାନତା ଓ ଲୁଟର ବିକୃତି, ଆଧୁନିକ ଜୀବନକୁ ରୂପ ଦେବାରେ ଲାଗିଛି । ଏଥିଯୋଗୁ ଗୋଟିଏ ଗଭୀର ଅସମାନତାର ବିଶ୍ୱ ତିଆରି ହୋଇଛ ।

ବର୍ଣ୍ଣବୈଷମ୍ୟ ଆଧାରରେ ଗୋଟିଏ ବିଭାଜିତ ବିଶ୍ୱ ଗଠିତ ହୋଇଛି । ଏହା ଏପରି ଏକ ବିଶ୍ୱ ଯେଉଁଠାରେ ବେଶ ବ୍ୟବସ୍ଥିତ ଢଙ୍ଗରେ ଗ୍ଲୋବାଲ ସାଉଥଠାରୁ ଟଙ୍କା ଶୋଷଣ କରାଯାଇ ଏହାର ଲାଭକୁ ଗ୍ଲୋବାଲ ନର୍ଥର ଧନୀ ଲୋକମାନଙ୍କୁ ଦିଆଯାଉଛି ।ବିଭିନ୍ନ ଅଧ୍ୟୟନ ଓ ଦସ୍ତାବିଜକୁ ଆଧାର କରି ଅକ୍ସଫାମ ଆକଳନ କରିଛି ଯେ ୧୭୬୫ରୁ ୧୯୦୦ ମସିହା ମଧ୍ୟରେ ବ୍ରିଟେନର ସବୁଠାରୁ ୧୦% ଧନୀ କେବଳ ଭାରତ ଠାରୁ ଆଜିର ମୂଲ୍ୟ ହିସାବରେ ୩୩.୮ ଟ୍ରିଲିୟନ ଡଲାର ସମ୍ପତ୍ତି ନେଇଯାଇଛନ୍ତିଛ ଏହା ଲଣ୍ଡନକୁ ବ୍ରିଟେନର ୫୦ ପାଉଣ୍ଡ ନୋଟରେ ୪ ଥର ଘୋଡ଼ାଇ ଦେଇପାରିବାକୁ ସକ୍ଷମ ।

ରିପୋର୍ଟ ଅନୁସାରେ ଆଜିକା ଦିନରେ ଧନୀ ଲୋକଙ୍କ ଗୋଟିଏ ବଡ଼ ଅଂଶ ନିଜ ପରିବାର ପାଖରେ ଥିବା ସମ୍ପତ୍ତିର ଶ୍ରେୟ ଗୁଲାମୀ ଓ ଉପନିବେଶବାଦକୁ ଦେଉଛନ୍ତି । ବିଶେଷ କରି ଗୁଲାମୀ ଶେଷ ହେବା ପରେ ମାଲିକଙ୍କୁ ଦିଆଯାଇଥିବା କ୍ଷତିପୂରଣରୁ ସେମାନଙ୍କୁ ଅଧିକ ଆୟ ହୋଇଛି । ଆଧୁନିକ ବହୁରାଷ୍ଟ୍ରୀୟ କମ୍ପାନୀ ସୃଷ୍ଟି ହେବା ପଛରେ ଉପନିବେଶବାଦ ରହିଥିବା କଥା ଦାବି କରି ଅକ୍ସଫାମ କହିଛି ଯେ ଏହାର ଆରମ୍ଭ ଇଷ୍ଟ ଇଣ୍ଡିଆ କମ୍ପାନୀ ଭଳି ନିଜସ୍ୱ ନିୟମରୁ ହୋଇଛି ।

# ନୀରଜଙ୍କ ପତ୍ନୀ ହିମାନୀଙ୍କ ସଂକ୍ଷିପ୍ତ ପରିଚୟ



ନୂଆଦିଲ୍ଲୀ, ୨୦।୧ (ଏଜେନ୍ସି) : ଭାରତୀୟ କ୍ରୀଡା ଇତିହାସର ଅନ୍ୟତମ ମହାନ ଖେଳାଳି ତଥା ଜାଭେଲିନ୍ ଥ୍ରୋଅର୍ ନୀରଜ ଚୋପ୍ରା ରବିବାର ଦିନ ହିମାନୀ ମୋରଙ୍କୁ ବିବାହ କରିଥିଲେ । ଚୋପ୍ରା ବିବାହ ସମାରୋହର ତିନୋଟି ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିବା ମାତ୍ରେ ପ୍ରଶଂସକମାନେ ତାଙ୍କର ବିବାହ ହୋଇସାରିଥିବା ଜାଣି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ପୂର୍ବରୁ କେଣସି ଷ୍ଟାର ଦମ୍ପତିଙ୍କ ବିବାହ ହେବାର ଥିଲେ ଏହାକୁ ନେଇ ଖୁବ ଚର୍ଚ୍ଚା ହୁଏ ।ହେଲେ ନୀରଜଙ୍କ ବିବାହ ସମସ୍ତଙ୍କ ପାଇଁ ଆଶ୍ଚର୍ଯ୍ୟଜନକ ଖବର ଥିଲା ।ତେବେ ନୀରଜଙ୍କ ପତ୍ନୀ ହିମାନୀ କିଏ ଏବଂ ତାଙ୍କ ପେସା କ'ଣ ତାହା ଜାଣିବ ଜରୁରୀ । କୁହାଯାଉଛି ଯେ, ନୀରଜଙ୍କ ସ୍ତ୍ରୀଙ୍କ ପୂରା ନାମ ହିମାନୀ ମୋର ଏବଂ ସେ ସୋନିପତ ଜିଲ୍ଲାର ଲିଟିଲ୍ ଏଞ୍ଜେଲ୍ସ ପବ୍ଲିକ୍ ସ୍କୁଲରୁ ତାଙ୍କର ପ୍ରାରମ୍ଭିକ ଶିକ୍ଷା ସମାପ୍ତ କରିଥିଲେ । ସେ ଦକ୍ଷିଣପୂର୍ବ ଲୁଇସିଆନା ବିଶ୍ୱବିଦ୍ୟାଳୟରୁ ଶିକ୍ଷା ଗ୍ରହଣ କରିଥିବା ଜଣେ ଟେନିସ୍ ଖେଳାଳି ଏବଂ ଫ୍ରାଙ୍କଲିନ୍ ପିଅର୍ସ ବିଶ୍ୱବିଦ୍ୟାଳୟରେ କିଛି ସମୟ ପାଇଁ ସ୍ୱେଚ୍ଛାସେବୀ ସହାୟକ ଟେନିସ୍ ପ୍ରଶିକ୍ଷକ ଭାବରେ ମଧ କାର୍ଯ୍ୟ କରିଥିଲେ । ହିମାନୀ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ମିରାଣ୍ଡା ହାଉସରେ ରାଜନୀତି ବିଜ୍ଞାନ ଏବଂ ଭୌତିକ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ ଏବଂ ପରେ ସେ ତାଙ୍କର ଶିକ୍ଷା ଜାରି ରଖିବା ପାଇଁ ଆମେରିକା ଯାଇଥିଲେ ।ଏବେ ସେ ଆମେରିକାରେ ପଢୁଛନ୍ତି ।

# ଆଜି କ୍ୱାର୍ଟରରେ ଜୋକୋଭିକ୍-ଅଲ୍କାରାଜ ଲଢେଇ

ମେଲବର୍ଣ୍ଣ, ୨୦।୧ (ଏଜେନ୍ସି) : ସର୍ବିୟା ତାରକା ନୋଭାକ ଜୋକୋଭିକ୍ ରବିବାର ରେକର୍ଡ ୨୫ତମ ଗ୍ରାଣ୍ଡ ସ୍ଲାମ୍ ମୁକୁଟ ଦିଗରେ ଗୋଟିଏ ପାଦ ଆଗକୁ ବଢାଇଛନ୍ତି । ଏଠାରେ ୧୦ ଥର ଟ୍ରଫି କରାୟତ୍ତ କରିଥିବା ସପ୍ତମ ମାନ୍ୟତାପ୍ରାପ୍ତ ଜୋକୋଭିକ୍ ପ୍ରି କ୍ୱାର୍ଟର ଫାଇନାଲରେ ୨୪ ମାନ୍ୟତାପ୍ରାପ୍ତ ଚେକ୍ସଣ ରାଜ୍ୟର ଜିରି ଲେହେକାଙ୍କୁ ୬-୩, ୬-୪, ୭-୬ ସେଟରେ ମାତ୍ ଦେଇଥିଲେ । ମଙ୍ଗଳବାର କ୍ୱାର୍ଟରଫାଇନାଲରେ ୩୭ ବର୍ଷୀୟ ଜୋକୋଭିକ୍ ତୃତୀୟ ମାନ୍ୟତାପ୍ରାପ୍ତ କାର୍ଲୋସ ଅଲ୍କାରାଜଙ୍କୁ ଭେଟିବେ ।୪ ଗ୍ରାଣ୍ଡ ସ୍ଲାମ୍ ବିଜେତା ୨୧ ବର୍ଷୀୟ ଅଲ୍କାରାଜ ୭-୫, ୬-୧ ସେଟରେ ଆଗୁଆ ଥିଲା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବ୍ରିଟେନର ଜାକ୍ ଡ୍ରାପର ଆହତ ଯୋଗୁଁ ଓହରି ଯାଇଥିଲେ । ଫଳରେ ଅଲ୍କାରାଜ ସହଜରେ ଲଗାତାର ଦ୍ୱିତୀୟ ଥର କ୍ୱାର୍ଟରଫାଇନାଲ୍ ସ୍ଥାନ ନିଶ୍ଚିତ କରିଛନ୍ତି । ହେଲେ ସେ ଏଠାରେ ଏହି ରାଉଣ୍ଡ ବାଧା ଅତିକ୍ରମ କରିନାହାନ୍ତି । ତେଣୁ ଅଲ୍କାରାଜ ମେଲବର୍ଣ୍ଣରେ ପ୍ରଥମ ଏବଂ କ୍ୟାରିୟର୍ ସ୍ଲାମ୍ (୪ଟି ଯାକ ଗ୍ରାଣ୍ଡ ସ୍ଲାମ୍ ଜିତିବା) ଲକ୍ଷ୍ୟରେ ରହିଛନ୍ତି । ଜୋକୋଭିକ୍ ଓ ଅଲ୍କାରାଜ ପୂର୍ବରୁ ୭ ଥର ମୁହାଁମୁହିଁ ହୋଇଛନ୍ତି । ଏଥିରେ ସର୍ବିୟା ତାରକା ଗତ ପ୍ୟାରିସ୍ ଅଲିମ୍ପିକ୍ସ ଫାଇନାଲ୍ ବିଜୟ ସହ ୪-୩ରେ ଆଗରେ ରହିଛନ୍ତି । ଗ୍ରାଣ୍ଡ ସ୍ଲାମରେ ଉଭୟ ୩ ଥର ଭେଟାଭେଟି ହୋଇଥିଲା ବେଳେ ୨ ଥର ଉ୍ୱମ୍ବଲଡନ୍ (୨୦୨୩, ୨୦୨୪)ଫାଇନାଲରେ ।ସ୍ପେନ୍ ଯୁବକ ଜୋକୋଭିକ୍ଙ୍କୁ ମାତ ଦେଇ ଟ୍ରଫି ଜିତିଛନ୍ତି । ଦ୍ୱିତୀୟ ମାନ୍ୟତାପ୍ରାପ୍ତ ଆଲେକ୍ଜାଣ୍ଡର ଜେରେଭ ମଧ କ୍ୱାର୍ଟରଫାଇନାଲରେ ପହଞ୍ଚିଛନ୍ତି । ଏହି ଜର୍ମାନୀ ତାରକା ୬-୧, ୨-୬, ୬-୩, ୬-୨ ସେଟରେ ୧୪ ମାନ୍ୟତାପ୍ରାପ୍ତ ଫ୍ରାନ୍ସର ଉଗୋ ହମ୍ବର୍ଟଙ୍କୁ ହରାଇଛନ୍ତି । କ୍ୱାର୍ଟରଫାଇନାଲରେ ସେ ଆମେରିକାର ଟମି ପଲ୍ଙ୍କୁ ଭେଟିବେ । ପଲ୍ ୬-୧, ୬-୧, ୬-୧ ସେଟରେ ସ୍ପେନର ଆଲେଜାଣ୍ଡ୍ରୋ ଡାଭିଡୋଭିଚ୍ ଫୋକିନାଙ୍କୁ ପରାସ୍ତ କରିଛନ୍ତି । ସେପଟେ ନେଟ୍ କ୍ୟାମେରା ଭାଙ୍ଗି ରୁଷିଆର ଡାନିଲ ମେଦଭେଦେଭ ଦଣ୍ଡିତ ହୋଇଥିଲେ । ମହିଳା ଏକକ କ୍ୱାର୍ଟରଫାଇନାଲଷର ବିଶ୍ୱର ଏକ ନମ୍ବର ଆରିନା ସାବାଲେଙ୍କା, ୩ ନମ୍ବର କୋକୋ ଗଫ୍ ପ୍ରବେଶ କରିଛନ୍ତ । ଗତ ଦୁଇ ସଂସ୍କରଣ ବିଜୟିନୀ ବେଲାରୁଷ ଲଳନା ସାବାଲେଙ୍କା ୬-୧, ୬-୨ ସେଟ୍ରେ ୧୭ ବର୍ଷୀୟା ରୁଷୀୟ ଯୁବତୀ ମୀରା ଆନ୍ଦ୍ରିଭାଙ୍କୁ ଏବଂ ୨୦୨୩ ୟୁଏସ୍ ଓପନ୍ ବିଜୟିନୀ ୨୦ ବର୍ଷୀୟା ଆମେରିକୀୟ ଗଫ୍ ୫-୭, ୬-୨, ୬-୧ ସେଟ୍ରେ ସ୍ୱିଜରଲାଣ୍ଡର ବେଲିନ୍ଦା ବେନସିକ୍ଙ୍କୁ ପରାସ୍ତ କରିଛନ୍ତି । ମଙ୍ଗଳବାର କ୍ୱାର୍ଟର ଫାଇନାଲରେ ଆନାସ୍ତାସିଆ ପାଭ୍ଲ୍ୟୁଚେଙ୍କୋଭାଙ୍କୁ ସାବାଲେଙ୍କା ଏବଂ ପେଲା ବଦୋସାଙ୍କୁ ଗଫ୍ ଭେଟିବେ ।



# ବାଙ୍ଗୁରାରେ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ



କାମାକ୍ଷାନଗର, ୨୦।୧ (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ବାଙ୍ଗୁରା ଗ୍ରାମରେ ଆଠଦିନିଆ ବ୍ରାହ୍ମଣୀ ଦେବୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ ହୋଇଯାଇଛି । ବେଷ୍ଟ ଅଫ ଥ୍ରୀ ଅନୁଯାୟୀ ଫାଇନାଲ ମ୍ୟାଚରେ ସୁଣ୍ଡିକାଟେନିକୁ ହରାଇ ଜନ୍ଦାବାହାଳ (ତାଳଚେର) ଚାମ୍ପିଅନ ଅର୍ଜନ କରିଛି । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଉଁଶପାଳ ସମିତି ସଭ୍ୟ ଲମ୍ବୋଦର ନାୟକ ଏବଂ ସମାଜସେବୀ ଦୟାନିଧି ଗଡ଼ନାୟକ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ । ଟୁର୍ଣ୍ଣାମେଣ୍ଟରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା ।ଆୟୋଜକ ବ୍ରାହ୍ମଣୀ ଦେବୀ କ୍ରିକେଟ୍ କ୍ଲବ୍ ତରଫରୁ ସୌଭାଗ୍ୟ ଚନ୍ଦ୍ର ସାମଲ,ପ୍ରହଲ୍ଲାଦ ସାମଲ, ପ୍ରଶାନ୍ତ ସାମଲ, ମାନସ ଆଏଚ , ଓ ହାପି ବ୍ରହ ପ୍ରମୁଖ ସଦସ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ ।

# ଏଲଏସଜିର ଅଧିନାୟକ ହେଲେ ଋଷଭ ପନ୍ତ



ମୁମ୍ବାଇ, ୨୦।୧ (ଏଜେନ୍ସି) : ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲଏସଜି)ର ଅଧିନାୟକ ହେଲେ ଷ୍ଟାର କ୍ରିକେଟର ଋଷଭ ପନ୍ତ । ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)-୨୦୨୫ ପାଇଁ ମେଗା ନିଲାମୀ ଗତବର୍ଷ ଶେଷ ହୋଇଥିବା ବେଳେ ସବୁଠୁ ମହଙ୍ଗା ଖେଳାଳି ହୋଇଥିଲେ ଷ୍ଟାର କ୍ରିକେଟର ଋଷଭ ପନ୍ତ । ଆଗାମୀ ଆଇପିଏଲ୍ ପାଇଁ ଲକ୍ଷ୍ନୌ ସୁପର ଜାଏଣ୍ଟସ(ଏଲଏସଜି) ୨୭ କୋଟି ଟଙ୍କାରେ ଋଷଭ ପନ୍ତଙ୍କୁ କିଣିଥିଲା । ଏହା ପରେ ଏବେ ପନ୍ତଙ୍କୁ ଦଳର ଅଧିନାୟକ କରିଛି ଏଲଏସଜି ।

ମାର୍ଚ୍ଚ ୨୧ରୁ ଆଇପିଏଲ ଆରମ୍ଭ ହେବାକୁ ଥିବା ବେଳେ ଏବେ ଅଧିନାୟକଙ୍କ ନାମ ଘୋଷଣା କରିଛି ଏଲଏସଜି । ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ମାଲିକ ସଞ୍ଜିବ ଗୋଏଙ୍କା ଏହି ଘୋଷଣା କରି କହିଛନ୍ତି, 'ଯାହା ବି ରଣନୀତି ତିଆରି ହେଉଥିଲା, ତାହା ଋଷଭଙ୍କୁ ଧ୍ୟାନରେ ରଖି କରାଯାଇଥିଲା ।'ପନ୍ତଙ୍କୁ ଅଧିନାୟକ କରାଯିବା ପଛର କାରଣ ପଚରାଯିବାରୁ ସେ କହିଥିଲେ, ମୁଁ ଭାବୁଛି ସମୟ ତାହା ପ୍ରମାଣ କରିବ । ସେ କେବଳ ଆଇପିଏଲର ସବୁଠାରୁ ମହଙ୍ଗା ଖେଳାଳି ନୁହଁନ୍ତି ବରଂ ଆଇପିଏଲର ସର୍ବୋତ୍ତମ ଖେଳାଳିମାନଙ୍କ ମଧ୍ୟରୁ ଜଣେ । ଲୋକମାନେ ଧୋନି ଏବଂ ରୋହିତଙ୍କୁ ଆଇପିଏଲର ସବୁଠାରୁ ସଫଳ ଅଧିନାୟକ ତାଲିକାରେ ରଖନ୍ତି ।

## ପ୍ରଥମ ଲଳିତ ନାୟକ ମେମୋରିଆଲ୍ କ୍ରିକେଟ୍

# ସାନଭି ସେନ ଏକାଦଶ ଚାମ୍ପିଅନ



ବଲାଙ୍ଗିର,(ସବ୍ୟୁ): ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ପଡିଆରେ ଚାଲିଥିବା ପ୍ରଥମ ଲଳିତ ନାୟକ ମେମୋରିଆଲ୍ ସର୍ବଭାରତୀୟ ଫ୍ଲଡ୍ ଲାଇଟ୍ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି । ସାନଭି ସେନ ଏକାଦଶ ବିଜୟର ମୁକୁଟ ପନ୍ଧିଛି । ଉଦଯାପନି ଉତ୍ସବରେ ମୁଖ୍ୟଅତିଥି ଭାବରେ ବଲାଙ୍ଗିର ସଦର ବିଧାୟକ କଳିକେଶ ନାରାୟଣ ସିଂହଦେଓ ଏବଂ ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ କ୍ରିଡାବିତ ଶ୍ରୀକର ମିଶ୍ର ଯୋଗଦେଇଥିବା ବେଳେ ଉପଦେଷ୍ଟା କମିଟିର ପ୍ରଭାକର ମିଶ୍ର , ପ୍ରଦ୍ୟୁତ ମିଶ୍ର , ବରିଷ୍ଠ ସାମ୍ବାଦିକ ବିରେନ୍ଦ୍ର ଝାଙ୍କର ସମେତ କମିଟି ଅଧକ୍ଷ ଦିପକ ନାୟକ ଏବଂ ଅଙ୍କୁଶ ପାଣ୍ଡିଆ ଉପସ୍ଥିତ ଥିଲେ । ଫାଇନାଲ ମେଚରେ ସାନଭି ସେନ ଏକାଦଶ ଆରଏସ ଫାଇଟରକୁ ହରାଇ ଚାମ୍ପିଅନ ହୋଇ ଟ୍ରଫି ସହିତ ଏକ ଲକ୍ଷ ଟଙ୍କାର ନଗଦ ମୁଦ୍ରା ରାଶି ଗ୍ରହଣ କରିଥିଲେ । ସେହିପରି ରନର୍ସ ଅଫ ଦଳକୁ ୩୩ ହଜାର ୩ଶହ ୩୩ ଟଙ୍କା ଟଙ୍କା ଗ୍ରହଣ କରିଥିଲେ। ଫଶଉଣ୍ଡେସନର ଅଧ୍ୟକ୍ଷ ଦୀପକ ରଞ୍ଜନ ନାୟକଙ୍କ ନେତୃତ୍ୱରେ ଆୟୋଜିତ ଟୁର୍ନାମେଣ୍ଟର ସଭା କାର୍ଯ୍ୟକୁ ସୁଭସ୍ମିତା ଗୁରୁ ପରିଚାଳନା କରିଥିଲେ । ଅତିଥିମାନେ ସ୍ୱର୍ଗତ ଲଳିତ ନାୟକଙ୍କ ସେବା କାର୍ଯ୍ୟ ଆଗାମୀ ପିଢ଼ୀ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି କହିଥିଲେ । ମ୍ୟାଚକୁ ରାଜକୁମାର ପାଣିଗ୍ରାହୀ, ପ୍ରସାନନ ବାଗ ଓ ମୁକେଶ ସ୍ୱାଇଁ ଅମ୍ପାୟାର ଭାବେ ପରିଚାଳନା କରିଥିଲେ । ପାର୍ଥ ସାରଥୀ ଦାଶ ଏବଂ ବିଭୂତି ଭୂଷଣ ମିଶ୍ର ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ । ସୁରଥ ଦାସ ୟୁଟ୍ୟୁବ୍ ଲାଇଭ୍ ପରିଚାଳନା କରିଥିଲେ । ଏହି ଟୁର୍ନାମେଣ୍ଟରେ ଗୋପାଳ ଦାନୀ, ବୁଲୁ ବେହେରା, ଜୟନାରାୟଣ ବହିହାର, ବିବେକାନନ୍ଦ ପଟେଲ, ବିକି ହୋତା, ସୁମିତ ଦାସ, ପ୍ରଦୋଷ ବିଶି, ମନୋଜ କ୍ଷେତି, ବିଶ୍ୱଜିତ ପାତ୍ର, ସୁଜିତ ମିଶ୍ର, ରିଣ୍ଟୁ ଠାକୁର, ରୋହିତ ଚନ୍ଦନ, ସୁମିତ ସାହୁ, ଦେବାଶିଷ ଦାଶ, ଶୋଭାନ ଅଗ୍ରୱାଲ, ତାପସ ମହାନ୍ତି, ଜିତୁ ଥପା, ଆଶୁତୋଷ ବାଗ, ରାହୁଲ ସାହୁ ଓ ଶିବା ସାଏ ସହଯୋଗ କରିଥିଲେ ।

# ସର୍ବଭାରତୀୟ ଲାଲମନୀ ସ୍ମାରକୀ କ୍ରିକେଟ : ସେମିରେ ନବଜୀବନ କ୍ଲବ ସୁନ୍ଦରଗଡ଼




ସୋନପୁର, ୨୦।୧ (ସବ୍ୟୁ) : ସୁବର୍ଣ୍ଣପୁର ଜିଲ୍ଲା କ୍ରିକେଟ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ପଡିଆରେ ଚାଲିଥିବା ୩୬ ତମ ସର୍ବ ଭାରତୀୟ ଲାଲମନୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସର ମ୍ୟାଚରେ ସୁନ୍ଦରଗଡ଼ ନବଜୀବନ କ୍ରିକେଟ କ୍ଲବ ଏନ ଏସ ଏସ ପ୍ରୟାଗରାଜ ବିରୁଦ୍ଧରେ ମ୍ୟାଚରେ ବିଜୟ ହାସଲ କରି ସେମିଫାଇନାଲକୁ ଉନ୍ନୀତ ହୋଇଛି। ପ୍ରୟାଗରାଜ ଦଳ ଟି/୨୦ ମ୍ୟାଚ ଟସ ଜିତି ପ୍ରଥମେ ବ୍ୟାଟିଙ୍ଗ କରିବାକୁ ନିଷ୍ପତି ନେଇ ନିର୍ଦ୍ଧାରିତ ଓଭର ଶେଷ ସୁଦ୍ଧା ୯ଉଇକେଟ ବିନିମୟ ରେ ମାତ୍ର ୧୦୫ରନ କରିବାକୁ ସମର୍ଥ ହୋଇ ପାରିଥିଲା। ଦଳ ପକ୍ଷରୁ ବିକାଶ କୁମାର ୩୩ ରନ (୪୦ବଲ), ସଲମାନ ଅଲ୍ଲୀ ୨୨ ରନ (୧୮ବଲ), ସ୍କୋର କରିଥିଲେ। ସୁନ୍ଦରଗଡ଼ ପକ୍ଷରୁ ବ୍ରିଜେଶ ଶର୍ମା, ସୌମ୍ୟ ଲେଙ୍କା, ଓ ରାହୁଲ ରେଣ୍ଡୀ, ପ୍ରତେକ ୨ଟି କରି ଏବଂ ସୌଭାଗ୍ୟ ରାଉତ ଓ ପଓ୍ୱନ ମାହାତୋ ୨ଟି ଉଇକେଟ ଅକ୍ତିୟାର କରିଥିଲେ। ୧୦୬ରନର ବିଜୟ ଲକ୍ଷକୁ ସୁନ୍ଦରଗଡ଼ ଦଳ ବିଭାସ ସାଙ୍କ ୩୨ରନ (୨୦ବଲ)ବିକାଶ ଚୌଧୁରୀଙ୍କ ୩୫ରନ (୧୫ବଲ)ଓ ଗୌରବ ଚୌଧୁରୀଙ୍କ ୧୦ରନ (୭ବଲ)ସହାୟତାରେ ୧୨. ୩ ଓଭରରେ ୫ଉଇକେଟ ବିନିମୟରେ ହାସଲ କରି ନେଇଥିଲେ। ପ୍ରୟାଗରାଜ ପକ୍ଷରୁ ମହମ୍ମଦ ଉମର ଓ ଆଦର୍ଶ କୁମାର ପ୍ରତେକ ଦୁଇଟି ଉଇକେଟ ଅକ୍ତିୟାର କରିଥିଲେ। ଟି/୨୦ ମ୍ୟାଚରେ ସୁନ୍ଦରଗଡ଼ ଦଳ ବିଜୟ ସହ ବୋନସ ୬ରନ ହାସଲ କରିଥିଲେ। ଟି/୧୦ମ୍ୟାଚରେ ପ୍ରୟାଗରାଜ ଦଳ ନିର୍ଦ୍ଧାରିତ ଓଭର ଶେଷ ସୁଦ୍ଧା ୫ ଉଇକେଟ ବିନିମୟରେ ୧୦୩ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ମହମ୍ମଦ ଉମର ୩୯ରନ (୨୧ବଲ), ପ୍ରନ୍ସ କୁମାର ୨୧ରନ (୧୨ବଲ), ବିକାଶ କୁମାର ୧୫ରନ (୯ବଲ), ଓ ସଲମାନ ଅଲ୍ଲୀ ୧୦ରନ (୯ବଲ), ସ୍କୋର କରିଥିଲେ। ସୁନ୍ଦରଗଡ଼ ପକ୍ଷରୁ ବ୍ରିଜେଶ ଶର୍ମା ଓ ସୌମ୍ୟ ଲେଙ୍କା ପ୍ରତେକ ୨ଟି ଓ ରାହୁଲ ରେଣ୍ଡୀ ୧ଟି ଉଇକେଟ ଅକ୍ତିଆର କରିଥିଲେ। ସୁନ୍ଦରଗଡ଼ ଦଳ ପ୍ରତ୍ୟୁତ୍ତର ରେ ଗୌରବ ଚୌଧୁରୀ ଧୂଆଁଧାର ୫୮ରନ (୨୨ବଲ, ୫ଟି ଛକ୍କା, ୪ଟି ଚୌକା), ବିଭାସ ସାଙ୍କ ଅପରାଜିତ। ୨୩ରନ (୧୭ବଲ)ଓ ପ୍ରବୀଣ ଲୁହାଙ୍କ ଅପରାଜିତ। ୧୧ରନ (୬ବଲ)ସହାୟତା ରେ ୧୦୪ରନ ବିଜୟ ଲକ୍ଷକୁ ୭. ୫ଓଭର ରେ ୨ଉଇକେଟ ବିନିମୟରେ ଅନାୟାସରେ ଅତିକ୍ରମ କରି ସେମିଫାଇନାଲକୁ ଉନ୍ନୀତ ହୋଇଥିଲା। ପ୍ରୟାଗରାଜ ପକ୍ଷରୁ ମହମ୍ମଦ ଉମର ୨ଟି ଉଇକେଟ ଅକ୍ତିଆର କରିଥିଲା। ସୁନ୍ଦରଗଡ଼ ବିଭାସ ସାଙ୍କୁମ୍ୟାଚ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଏସ ଏସ ଏକାଡେମୀର ନିର୍ଦ୍ଦେଶକ ଅମିତ ସାହୁ ପୁରସ୍କାର ପ୍ରଦାନ କରିଥିଲେ। ଆଜିର ମ୍ୟାଚ ପରିଚାଳନା କରିଥିଲେ,ଓ ସି ଏ ପ୍ୟାନେଲ ଆମ୍ପ୍ୟାୟାର ତପନ ବେହେରା ଓ ବିଶ୍ୱଜିତ ପୁରୋହିତ। ମ୍ୟାଚ ରେଫରୀ ଥିଲେ ସୁବାଷ ଭୋଇନ।। ସ୍କୋରର ଥିଲେ ବିନୋଦ ପତ୍ର, ଅନଲାଇନ ସ୍କୋରିଂ କରିଥିଲେ। ଦିନେଶ ଘିବିଲା ଓ ବିଶ୍ୱନାଥ ନାୟକ। ଧାରା ବିବରଣୀ ପ୍ରଦାନ କରିଥିଲେ। ବି.ଏସ ରାଓ ଓ ପାର୍ଥ ସାରଥୀ ଦାସ। ମଙ୍ଗଳବାର ୨ୟ କ୍ୱାର୍ଟର ଫାଇନାଲ ମ୍ୟାଚ ଇଷ୍ଟକୋଷ୍ଟ ରେଲଓ୍ୱେ (ଭୁବନେଶ୍ୱର) ଓ (ମୁମ୍ବାଇ)ମଧ୍ୟରେ ଅନୁଷ୍ଠିତ ହେବ।

# ରାଜ୍ୟସ୍ତରୀୟ ହିଙ୍ଗୁଳା କପ୍ ଫୁଟ୍‌ବଲ : ବାରିପଦା ବିଜୟୀ



ଆନନ୍ଦପୁର, ୨୦।୧(ସବ୍ୟୁ) : କେନ୍ଦୁଝର ଘସିପୁରା ବ୍ଲକ ଅନ୍ତର୍ଗତ ସାଇଁକୁଳ ସ୍ଥିତ ହିଙ୍ଗୁଳା ଆଥଲେଟିକ୍ ଆସୋସିଏସନ୍ ଆନୁକୁଲ୍ୟରେ ଆୟୋଜିତ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟକୁ ସାଇଁକୁଳ ସରପଞ୍ଚ ମିରାରାଣୀ ନାୟକ ଟ୍ରଫି ଉନ୍ମୋଚନ କରି ଆନୁଷ୍ଠାନିକ ଭାବେ ଫୁଟବଲ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ପ୍ରଥମେ ହିଙ୍ଗୁଳା ଆଥଲେଟିକ୍ ଆସୋସିଏସନ୍ ବରିଷ୍ଠ ସଦସ୍ୟ କୃଷ୍ଣ ଚନ୍ଦ୍ର ନାୟକ ଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇଥିଲା । ଉଦଘାଟନୀ ମ୍ୟାଚ୍‌ରେ ସ୍ପୋର୍ଟର୍ସ ହଷ୍ଟେଲ ବାରିପଦା ବନାମ ବିଏଫସି କୁଚିଣ୍ଡା ମଧ୍ୟରେ ମ୍ୟାଚ ଆରମ୍ଭରୁ ମ୍ୟାଚ ଖୁବ ରୋମାଞ୍ଚକର ହୋଇ ପ୍ରଥମାର୍ଦ୍ଧ ଓ ଦ୍ୱିତୀୟ ପର୍ଯ୍ୟାୟରେ କେହି ଗୋଲ୍ ସ୍କୋର କରିପାରିନଥିଲେ। ପେନାଲଟିରେ କୁ ୪-୨ ଗୋଲ୍‌ରେ କୁଚିଣ୍ଡାକୁ ହରାଇ ବାରିପଦା ବିଜୟୀ ହୋଇଛି। ସଭାପତି ଗୋପିନାଥ ସ୍ୱାଇଁ, ଉପସଭାପତି ଶତ୍ରୁଘନ ବେହେରା, କାର୍ଯ୍ୟକାରୀ ସଭାପତି ବିପିନ୍ ବିହାରୀ ମହାନ୍ତି,ସଂପାଦକ ମାର୍କଣ୍ଡ ଚରଣ ସାମଲ, ନନ୍ଦକିଶୋର ବେହେରା ବ୍ରହ୍ମାନନ୍ଦ ପଟ୍ଟନାୟକ, ହିମାଦ୍ରୀନାଥ ଜେନା, ତ୍ରିଲୋଚନ ପରିଡା, ଚୈତନ୍ୟ ଦେହୁରୀ, ଚିତ୍ତରଞ୍ଜନ ମହାପାତ୍ର, ବିନୋଦ ଜେନା, ରବିନ୍ଦ୍ର ତ୍ରିପାଠୀ,ରାମ ଭଞ୍ଜ, ନାରାୟଣ ପ୍ରତିହାରୀ ପ୍ରମୁଖ ସକ୍ରିୟ ସହଯୋଗ କରିଥିବା ବେଳେ ରେଫରୀ ମାନସ ବିଶ୍ୱାଳ,ରିୟାଜ କାର୍ଦି, ଉତ୍ତମ ବାରିକ, ଗଗନ ପରିଡା ମ୍ୟାଚ୍ ପରିଚାଳନା କରିଥିଲେ।

ସୂଚନା

ସମୟ

BHIM
BHARAT INTERFACE FOR MONEY

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

# ସର୍ବଭାରତୀୟ ଏଜି କପ୍ କ୍ରିକେଟ : ସେମିରେ ଆରଓ୍ୱାଇସିସି ରାଉରକେଲା



କୋରେଇ ୨୦।୧, (ସବ୍ୟୁ) : କୋରେଇ ବ୍ଲକ ଅନ୍ତର୍ଗତ ବନ୍ଧାଲ ପଂଚାୟତ ସ୍ଥିତ ଦୁଲାଖାପାଟଣା ମା' ମଙ୍ଗଳା ଷ୍ଟାଡ଼ିୟମ ଠାରେ ମା' ମଙ୍ଗଳା କ୍ରିକେଟ କ୍ଲବ ଆନୁକୁଲ୍ୟରେ ଅନୁଷ୍ଠିତ ସର୍ବଭାରତୀୟ ଏଜିକପ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାପୁଜୀ କ୍ଲବ ଭୁବନେଶ୍ୱର ସହ ଆରଓ୍ୱାଇସିସି ରାଉରକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ସରପଞ୍ଚ ବିଷ୍ଣୁଚରଣ ରଥ, ଅବସରପ୍ରାପ୍ତ ଶିକ୍ଷକ ଦିନବଂଧୁ ଦାସ ଯୋଗଦେଇ ଖେଳକୁ ଉଦ୍ଘାଟନ କରିଥିଲେ । ପ୍ରଥମେ ଟସ୍ ଜିତି ଆରଓ୍ୱାଇସିସି ରାଉରକେଲା ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୫ ଓଭରରୁ ୨୨.୩ ଓଭର ଖେଳି ସମସ୍ତ ଓ୍ୱିକେଟ ହରାଇ ୮୯ ରନ୍ କରିଥିଲା । ଏହାର ଜବାବରେ ବାପୁଜୀ କ୍ଲବ ଭୁବନେଶ୍ୱର ୮୯ ରନ୍‌ର ବିଜୟ ଲକ୍ଷ୍ୟନେଇ ୯.୩ ଓଭର ଖେଳି ୨ ଓ୍ୱିକେଟ ହରାଇ ଲକ୍ଷ୍ୟ ସ୍ଥଳରେ ପହଁଚି ୯୩ ରନ୍ କରି ବିଜୟ ହାସଲ କରିଥିଲା । ଆଜିର ମ୍ୟାଚ୍‌ରେ କ୍ଷିମାସାଗର ବଳ ୩୩ ଟି ବଲ ଖେଳି ୫୩ ରନ୍ ସଂଗ୍ରହ କରିଥିବା ବେଳେ ୫ ଓଭର ବୋଲିଂ କରି ୨ ଓ୍ୱିକେଟ ନେଇଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପାଇଁ ବିବେଚିତ କରାଯାଇଥିଲା । କ୍ଷିମାସାଗର ବଳଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଆଜି ମ୍ୟାଚ୍‌କୁ ଆଶୁତୋଷ ପାଣି ଓ ଦୁର୍ଗା ପ୍ରସାଦ ପଟ୍ଟନାୟକ ପରିଚାଳନା କରିଥିଲେ। କିରନ ମନୋହର ମହାନ୍ତି ସ୍କୋରର ରହିଥିବା ବେଳେ ବୁବୁ ସିଂହ୍ନା ଓ ଜ୍ଞାନରଂଜନ ଘଡ଼େଇ ଧାରା ବିବରଣୀ ପ୍ରଦାନ କରିଥିଲେ । ଆସନ୍ତା କାଲି ପ୍ରଥମ ସେମିଫାଇନାଲ ମ୍ୟାଚ ଆରଓ୍ୱାଇସିସି ରାଉରକେଲା ସହ ଏମଏମ ସିସି ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ମା' ମଙ୍ଗଳା କ୍ରିକେଟ କ୍ଲବର ସଭାପତି ଅଲେଖ ପ୍ରସାଦ କୁଣ୍ଡୁ, ଶ୍ୟାମ ସୁନ୍ଦର ପାଗଳ, ନୃସିଂହ ଜେନା, କୂଳମଣୀ ସାହୁ, ଅଜୟ ମହାକୁଡ, କାର୍ତିକ ଜେନା, ପ୍ରତାପ ଚନ୍ଦ୍ର ମହାରଣା, ନରେଶ ବାଇ, ସତ୍ୟଜିତି ବେହେରା, ନିତ୍ୟାନନ୍ଦ ଜେନା, ଅଭିନାଶ ଦାସ, ଜଗବଂଧୁ ଜେନା, ସତ୍ୟଜିତ ବେହେରା, ମାନସ ରଂଜନ ଜେନା, କାର୍ତିକ ସାହୁଙ୍କ ସମେତ ମା' ମଙ୍ଗଳା କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ଟୁର୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

# ରଣଜୀ ଟିମ୍‌ରେ ସତ୍ୟକାମ ଭରଦ୍ୱାଜ ସାମିଲ

ଭଦ୍ରକ,୨୦।୧ (ସବ୍ୟୁ) : ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ଦ୍ୱାରା ସଦ୍ୟ ପ୍ରକାଶିତ ଓଡ଼ିଶା ରାଜ୍ୟ ରଣଜୀ ଦଳରେ ଭଦ୍ରକର ସତ୍ୟକାମ ଭରଦ୍ୱାଜ ସ୍ଥାନ ପାଇଛନ୍ତି । ଜଣେ ଡାହାଣ ହାତୀ ଅଫ୍ ସ୍ପିନର୍ ତଥା ବ୍ୟାଟ୍ସମ୍ୟାନ ରୂପେ ରାଜ୍ୟରେ ତାଙ୍କର ପ୍ରସିଦ୍ଧି ରହିଛି। ଭଦ୍ରକ ସହରର ଅସ୍ତଳ ଅଞ୍ଚଳରେ ଗୋଟିଏ ମଧବି ପରିବାରରେ ସତ୍ୟକାମଙ୍କ ଜନ୍ମ। ତାଙ୍କ ପିତାମାତାଙ୍କ ନାମ ଲାବଣ୍ୟ ମହାପାତ୍ର ଓ ସୁରେଶ ମହାପାତ୍ର। ସେ ଭଦ୍ରକ ଜିଲ୍ଲା ସ୍କୁଲରେ ଅଧ୍ୟୟନ କରୁଥିଲା ବେଳେ କ୍ରିକେଟ୍ ପ୍ରତି ଆକର୍ଷିତ ହୋଇଥିଲେ ଏବଂ ଭଦ୍ରକର ଯଶସ୍ୱୀ କ୍ରୀଡ଼ା ଅନୁଷ୍ଠାନ 'ଜଗନ୍ନାଥପୁର କ୍ରିକେଟ୍ କ୍ଲବ୍' (ଜେସିସି)ରୁ ନିଜର କ୍ରିକେଟ୍ ଜୀବନ କରିଥିଲେ। ଏଇଠି ତାଙ୍କ ପ୍ରତିଭା ପୂର୍ଣ୍ଣ ବିକଶିତ ହୋଇଥିଲା ଏବଂ ସେ ଓସିଏ ଦ୍ୱରା ଆୟୋଜିତ ବିଭିନ୍ନ ବର୍ଗର ଟୁର୍ଣାମେରେ ଭଦ୍ରକ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍‌ର ଜଣେ ନିୟମିତ କ୍ରିକେଟର୍ ରୂପେ ପ୍ରତିନିଧିତ୍ୱ କରି ଆସୁଥିଲେ। ପରର୍ବୀ ସମୟରେ ସେ ରାଜ୍ୟ ମନୋନୟନ କମିଟିମାନଙ୍କର ନଜରକୁ ଆସିଥିଲେ। ୨୦୧୮ ମସିହାରେ ସେ ଓଡ଼ିଶା ୧୯ ବର୍ଷରୁ କମ୍ ଟିମ୍‌ରେ ସ୍ଥାନ ପାଇଥିଲେ। ୨୦୧୯ ଓ ୨୦୨୦ ମସିହାରେ ତାଙ୍କ ସ୍ଥାନ ସୁରକ୍ଷିତ ଥିଲା। ୨୦୨୨ ମସିହାରେ ସେ ଓଡ଼ିଶା ଅଣ୍ଡର୍ -୨୩ ଟିମ୍‌ରେ ମନୋନୀତ ହୋଇ ୨୦୨୪ କ୍ରୀଡ଼ା ଋତୁ ପର୍ଯ୍ୟନ୍ତ ଖେଳି ଆସୁଥିଲେ। ଏବେ ସେ ସମାନଜନକ ଓଡ଼ିଶା ରଣଜୀ ଟିମ୍‌ରେ ସାମିଲ୍। ଭଦ୍ରକରୁ ହର୍ଷିତ ରାଠୋର୍‌ଙ୍କ ସହ ରାଜ୍ୟ ରଣଜୀ ଦଳରେ ସ୍ଥାନ ପାଇବାରେ ସେ ହେଉଛନ୍ତି ଦ୍ୱିତୀୟ କ୍ରିକେଟର। ସତ୍ୟକାମଙ୍କ ଏ କୃତିତ୍ୱ ଭଦ୍ରକରେ ଆନନ୍ଦର ଲହରୀ ଆଣିଛି। ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ସଭାପତି ଉପେନ୍ଦ୍ର କୁମାର ବାରିକ, ସାଧାରଣ ସମ୍ପାଦକ ଧୀରେନ୍ ପଲାଇ, ଉପସଭାପତି ଭବତୋଷ ଦାସ, ଯୁଗ୍ମ ସମ୍ପାଦକ ନୀଳମାଧବ ଦାସ, କୋଷାଧ୍ୟକ୍ଷ ବ୍ୟୋମୋକେଶ ସେନାପତି, ଓଡ଼ିଶା କୋଚ୍ କେ.ଭି. ପ୍ରସାଦ ଏବଂ ଜଗନ୍ନାଥପୁର କ୍ରିକେଟ୍ କ୍ଲବ୍‌ର କୋଚ୍ ମନୋଜ କୁମାର ସାହୁ, ଅସିତ ଦାସ ପ୍ରମୁଖ ସତ୍ୟକାମଙ୍କୁ ଅଭିନନ୍ଦନ ଜଣାଇବା ସହିତ ପ୍ରଭାବୀ ପ୍ରଦର୍ଶନ ନିମନ୍ତେ ଶୁଭେଚ୍ଛା ଜଣାଇଛନ୍ତି।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Rakesh Chandra Mohanty: ମୁଖ୍ୟ ସମ୍ପାଦକ: ରାକେଶ ଚନ୍ଦ୍ର ମହାନ୍ତି । Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି